

ଭୋଟରଙ୍କ ବିଶ୍ୱାସ ଓ ମେଣ୍ଟ ଏକତାର ଫଳ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 232 | ଭାଗ ୩୩ | ସଂଖ୍ୟା ୨୩୨ | Saturday 15 November 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୧୫ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ବିକାଶକୁ ମିଳିଲା ଜନାଦେଶ



## ବିହାରରେ ବିସ୍ମୟ

| ଦଳ | ୨୦୨୫ | ୨୦୨୦ |
|---|---|---|
| ଜେଡି(ୟୁ) | ୮୫ | ୪୩ |
| ବିଜେପି | ୮୯ | ୭୪ |
| ଏଲଜେପି | ୧୯ | ୦୧ |
| ହାମ | ୦୫ | ୦୪ |
| ଆରଜେଡି | ୨୫ | ୭୫ |
| କଂଗ୍ରେସ | ୦୬ | ୧୯ |
| ସିପିଆଇ(ଏମ୍ଏଲ୍) | ୦୨ | ୧୨ |
| ଏଆଇଏମଆଇଏମ | ୦୫ | ୦୫ |
| ଭିଆଇପି | ୦୦ | ୦୪ |
| ସିପିଆଇ | ୦୦ | ୦୨ |
| ସିପିଆଇ(ଏମ୍) | ୦୧ | ୦୨ |
| ବିଏସ୍ପି | ୦୧ | ୦୧ |
| ଆର୍ଏଲ୍ଏମ୍ | ୦୪ | ୦୦ |
| ଅନ୍ୟାନ୍ୟ | ୦୧ | ୦୧ |

## ଏନ୍‌ଡିଏକୁ ୨୦୪

- ଏକଜିଟ୍ ପୋଲର ସବୁ ଆକଳନ ଭୁଲ ପ୍ରମାଣିତ
- ମାଟି କାମୁଡ଼ିଲା ମହାମେଣ୍ଟ, ୩୨ ଆସନରେ ସୀମିତ
- ପୁଣି ନୀତୀଶ ମୁଖ୍ୟମନ୍ତ୍ରୀ ଆସନରେ ବସିବା ସ୍ପଷ୍ଟ

ପାଟନା,୧୪।୧୧: ବିହାର ବିଧାନସଭା ନିର୍ବାଚନରେ ଏନଡିଏ ମେଣ୍ଟକୁ ପ୍ରଚଣ୍ଡ ଜନାଦେଶ ମିଳିଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ସୁଶାସନ ଓ ବିହାରରେ ନୀତୀଶ କୁମାରଙ୍କ ଅପରାଧ ଦମନ ଓ ବିକାଶ ଧାରାକୁ ପାଥେୟ କରି ଚଳିତ ବିଧାନସଭାରେ ଲୋକମାନେ ପୁଣି ଏନଡିଏ ପ୍ରାର୍ଥୀଙ୍କ ଉପରେ ଭୋଟ ବର୍ଷା କରିଛନ୍ତି। ମୋଟ ୨୪୩ ଆସନ ମଧ୍ୟରୁ ଏନଡିଏ ୨୦୪ ଆସନ ଜିତି ସବୁ କଳ୍ପନାଜଳ୍ପନାର ଅନ୍ତ ➾ପୃଷ୍ଠା-୬

## ଭାଣିଜୀକୁ ପ୍ରତ୍ୟାଖ୍ୟାନ ପୁଅକୁ ଆପଣାଇଲେ

- ରେକର୍ଡ ୮୩,୭୪୮ ମାର୍ଜିନରେ ଜିତିଲେ ଜୟ
- ଲଜ୍ଜାଜନକ ଭାବେ ୩ୟ ସ୍ଥାନରେ ବିଜେଡି
- କାମ ଦେଲାନି ନବୀନଙ୍କ 'ବେଇମାନୀ' ରାଜନୀତି
- ବିଜେଡି ଓ କଂଗ୍ରେସକୁ ମୁହଁ ମୋଡିଲେ ଭୋଟର





| ବିଜେପି | କଂଗ୍ରେସ | ବିଜେଡି |
|---|---|---|

| ପ୍ରାର୍ଥୀ | ଭୋଟ |
|---|---|
| ଜୟ ଢୋଲକିଆ | ୧,୨୩,୮୬୯ |
| ଘାସିରାମ ମାଝୀ | ୪୦,୧୨୧ |
| ସ୍ନେହାଙ୍ଗିନୀ ଛୁରିଆ | ୩୮,୪୦୮ |

ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ପୁଣି ଥରେ ରାଜନୈତିକ ପଣ୍ଡିତଙ୍କ ଗଣିତ ଭୁଲ ପ୍ରମାଣିତ କଲେ ନୂଆପଡାର ଭୋଟର। ଏହି ଉପନିର୍ବାଚନରେ ବିଜେପି ଜିତିବ ବୋଲି ଆକଳନ କରାଯାଉଥିଲେ ବି ବିଜୟ ମାର୍ଜିନକୁ ନେଇ ସମସ୍ତଙ୍କ ଆକଳନ ଫେଲ ମାରିଛି। ନୂଆପଡାରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବମ୍ପର ବିଜୟ ହାସଲ କରିଛନ୍ତି। ରାଜ୍ୟ ରାଜନୀତିର ସବୁ ପୂର୍ବ ରେକର୍ଡକୁ ଭାଙ୍ଗି ୮୩,୭୪୮ ଭୋଟରେ ଜିତିଛନ୍ତି। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି ୨୪ ବର୍ଷ ଧରି ରାଜ୍ୟରେ ଶାସନରେ ଥିବା ବିଜେଡି ତୃତୀୟ ସ୍ଥାନକୁ ଠେଲି ହୋଇଯାଇଛି।

ଏକତରଫା ଭାବେ ବିଜେପି ନୂଆପଡ଼ାରେ ବିଜୟ ହାସଲ କରିଛି। ଜୟ ମୋଟ ୧, ୨୩, ୮୬୯ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୪୦,୧୨୧ ଭୋଟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜୟ ଢୋଲକିଆ ଏକ ବଡ଼ ଭୋଟ ବ୍ୟବଧାନରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କୁ ପଛରେ ପକାଇଦେଇଛନ୍ତି। ବିଜେଡି ନିଜ ଗଡ ହରାଇବା ସହ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଛି। ୩୮,୪୦୮ ଭୋଟ ସହିତ ସବୁଠୁ ପଛରେ ରହିଛନ୍ତି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗୀନି ଛୁରିଆ। ପ୍ରଥମ ଥର ପାଇଁ ବିଜେଡି ତୃତୀୟ ସ୍ଥାନରେ ରହିଛି।

ନୂଆପଡା ଆସନରେ ବିଜେପି ତୃତୀୟ ଥର ପାଇଁ ବିଜୟୀ ହୋଇଛି। ୨୦୦୦ ଓ ୨୦୧୪ ମସିହାରେ ବିଜେପିର ବସନ୍ତ କୁମାର ପଣ୍ଡା ବିଜୟୀ ହୋଇଥିଲେ। ୨୦୦୦ରେ ବିଜେପି-ବିଜେଡି ମେଣ୍ଟରେ ନର୍ବାଚନ ଲଢୁଥିଲେ। ପୁଣି ଥରେ ଏହି ଆସନ ଏବେ ବିଜେପି ହାତକୁ ଫେରିଛି। ବିଜେଡି ବି ➾ପୃଷ୍ଠା-୬

## କମାଲ କଲେ ଥ୍ରୀ-ଏମ୍



ନୂଆପଡ଼ାରେ ଥ୍ରୀ-ଏମ ଯୋଡି କମାଲ କରିଛି। ମୋଦି-ମୋହନ-ମନମୋହନ ଯୋଡିର ସଫଳର ରଣନୀତି ଯୋଗୁଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ରେକର୍ଡ ମାର୍ଜିନରେ ଜିତିଛନ୍ତି। ରାଜନୈତିକ ବିଶାରଦଙ୍କ ସହୁ ଗଣିତକୁ ଭୁଲ ପ୍ରମାଣିତ କରିଛନ୍ତି ରାଜ୍ୟ ବିଜେପିର ଏହି ନୂଆ ଯୋଡି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଏଜେଣ୍ଡା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଯୋଡି ଏବେ ଓଡିଶା ରାଜନୀତିରେ ହିଟ ଯୋଡି ଭାବେ ପ୍ରମାଣିତ ହୋଇଛି। ଭାରତକୁ ବିଶ୍ୱର ବିକଶିତ ରାଷ୍ଟ୍ରରେ ପରିଣତ ➾ପୃଷ୍ଠା-୬

## ଐତିହାସିକ ମୁହୂର୍ତ୍ତ: ମୁଖ୍ୟମନ୍ତ୍ରୀ

ନୂଆପଡ଼ା ଉପନିର୍ବାଚନରେ ବିଜେପିର ବିଜୟ ପରେ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନୂଆପଡ଼ା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଜନସାଧାରଣଙ୍କୁ କୃତଜ୍ଞତା ଓ ନୂଆପଡ଼ାର ନବନିର୍ବାଚିତ ବିଧାୟକ ଜୟ ଢୋଲକିଆଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ



ଆଜି ଏକ ଐତିହାସିକ ଦିନ, ଆଉ ଏକ ଐତିହାସିକ ମୁହୂର୍ତ୍ତ। ନୂଆପଡ଼ା ଉପନିର୍ବାଚନରେ ଅଂଶଗ୍ରହଣ କରି ଯେଉଁମାନେ ବିଜେପିକୁ ବିପୁଳ ସମର୍ଥନ ଜଣାଇଛନ୍ତି, ସେହିମାନଙ୍କୁ ଧନ୍ୟବାଦ ଜଣାଉଛି। ନୂଆପଡ଼ା ➾ପୃଷ୍ଠା-୬

## ଲକି ମାସ୍କଟ ଧର୍ମେନ୍ଦ୍ର



ନେତା ହେବ ତ ଏମିତି। ଯେତେବେଳେ ଯେଉଁ ଦାୟିତ୍ୱ ମିଳିଛି ତାକୁ ସଫଳତାର ସହ କାର୍ଯ୍ୟକାରୀ କରାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଯେଉଁଥିପାଇଁ ତାଙ୍କୁ ଏବେ ବିଜେପିର ଲକି ମାସ୍କଟ ବୋଲି କୁହାଯାଉଛି। ବିହାର ନିର୍ବାଚନ ଫଳାଫଳରୁ ପୁଣି ଥରେ ଏହା ପ୍ରମାଣିତ ହୋଇଛି। ସେ ବିଜେପି ପାଇଁ ବିଜୟର ଗ୍ୟାରେଣ୍ଟର ହୋଇଛନ୍ତି। ବିହାରର ଅଡୁଆ ରାଜନୀତିକୁ ସୁଧାରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଦାୟିତ୍ୱ ଦେଇଥିଲେ। ପ୍ରଭାରୀ ଭାବେ ସେ ବିହାରରେ ପହଞ୍ଚିଥିଲେ ଆଉ ଏବେ ଏନଡିଏ ପିନ୍ଧିଛି ବିଜୟ ମୁକୁଟ।

ଧର୍ମେନ୍ଦ୍ରଙ୍କ ପାଇଁ ବିହାର ନୂଆ ନଥିଲା। ସେ ପୂର୍ବରୁ ୨୦୧୦ରେ ବିହାରର ସହାପ୍ରଭାରୀ ଥିଲେ। ସେତେବେଳେ ସେ ଏନଡିଏ ମେଣ୍ଟକୁ ରେକର୍ଡ ୨୪୩ ଆସନରୁ ➾ପୃଷ୍ଠା-୬

## ବିହାରବାସୀଙ୍କୁ ଧନ୍ୟବାଦ ଦେଲେ ମୋଦି, କଂଗ୍ରେସକୁ ଧୋଇଲେ

# ବିହାରରୁ ବଙ୍ଗ ବହିବ ବିଜୟ ଗଙ୍ଗା

- ସହଯୋଗୀ ଦଳ ଅନୁଭବ କଲେଣି 'ବୁଡ଼ିଲା ଡଙ୍ଗା'
- ମାଓବାଦ ମୁଖ୍ୟ ଏଜେଣ୍ଡା, ବିଭାଜନ ଅବଶ୍ୟମ୍ଭାବୀ
- ଅଭୂତପୂର୍ବ ସମର୍ଥନ ପଛରେ 'ଏମ୍‌ୱାଇ' ଫର୍ମୁଲା



ନୂଆଦିଲ୍ଲୀ,୧୪।୧୧: ବିହାରରେ ଆଜି ରାଜ୍ୟବାସୀ ଏନ୍‌ଡିଏ ଉପରେ ପୁଣିଥରେ ଭରସା ରଖିବା ସହ ଦ୍ୱିତୀୟ ଥର ପାଇଁ ୨୦୦ରୁ ଅଧିକ ଆସନରେ ବିଜୟୀ କରାଇଛନ୍ତି। ପୂର୍ବରୁ ଏନ୍‌ଡିଏ କଦାପି ଏତେ ସଂଖ୍ୟକ ଆସନରେ ବିଜୟ ହାସଲ କରି ନଥିବାରୁ ଏପରି ସମର୍ଥନ ପାଇଁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେବା ସହ ଦେଶରେ ଜାରି ରହିଥିବା ବିକାଶ ଧାରାରେ ସାମିଲ୍ ହୋଇଥିବାରୁ ସେମାନଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ସ୍ଥାନୀୟ ଦଳୀୟ ମୁଖ୍ୟାଳୟଠାରେ କର୍ମୀମାନଙ୍କୁ ସମ୍ବୋଧନ କରିବା ଅବସରରେ ଶ୍ରୀ ମୋଦି ବିରୋଧୀ କଂଗ୍ରେସକୁ ଟାର୍ଗେଟ୍ କରି କହିଛନ୍ତି ଯେ ଦେଶର ଏହି ସର୍ବପୁରାତନ ରାଜନୈତିକ ଦଳ ମହାଗଠବନ୍ଧନ ମାଧ୍ୟମରେ ବିଜେପିକୁ ମାତ୍ ଦେବା ସକାଶେ ଉଦ୍ୟମ କରିଥିଲେ ମଧ୍ୟ ଏହା କେଉଁ ଅବସ୍ଥାରେ ପହଞ୍ଚିଲାଣି, ତା' ଦେଶବାସୀ ସ୍ୱଚକ୍ଷୁରେ ଦେଖୁଛନ୍ତି। ଖୁବ୍‌ଶୀଘ୍ର ଏହି ମହାଗଠବନ୍ଧନରେ ବିଭାଜନ ସମସ୍ୟା ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ଏପରି ଦଳ ଯିଏ ସବୁବେଳେ ନକାରାତ୍ମକ ରାଜନୀତି କରିଆସିଛି। ବିହାର ନିର୍ବାଚନ ପୂର୍ବରୁ ଦଳ ଏକାଧିକ ବାର ନିର୍ବାଚନ କମିଶନ୍‌ଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇବା ସହ ଭୋଟ୍ ଚୋରି ପରି ଅବାନ୍ତର ଅଭିଯୋଗ ଆଣି ଦେଶବାସୀଙ୍କୁ ଭ୍ରମିତ କରିବା ସକାଶେ ଉଦ୍ୟମ କରିଛି। କିନ୍ତୁ ଏହି ଦଳ ସବୁବେଳେ ବିଭାଜନରେ ବିଶ୍ୱାସ କରୁଥିବା ବେଳେ ➾ପୃଷ୍ଠା-୬

## ବବି, ଦେବୀ, ଅରୁଣଙ୍କୁ ଏଲିନାଙ୍କ ବାଣ



ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ନୂଆପଡ଼ାରେ ବିଜେଡିର ଶୋଚନୀୟ ପରାଜୟ ପରେ ବିଜେଡି ନେତ୍ରୀ ଏଲିନା ଦାଶ ମୁହଁ ଖୋଲିଛନ୍ତି। ନୂଆପଡ଼ା ପ୍ରଚାର ସମୟରେ ବିଜେଡି ନେତାଙ୍କ କିଛି ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଥିଲା। କେଉଁ ପ୍ରଣବ ପ୍ରକାଶ ଦାସ ଖୁସିରେ ଫାଟି ପଡି ଦେବୀ ମିଶ୍ରଙ୍କୁ କୁଢେଇ ପକଉଛନ୍ତି, ତ ଆଉ କେଉଁଠି ଅରୁଣ ସାହୁ ନିଜେ ବିନା ତେଲରେ ମାଂସ ରାନ୍ଧୁଛନ୍ତି। ସୋସିଆଲ ମିଡିଆରେ ସେସବୁ ଭିଡିଓକୁ ସେୟାର କରି ଏଲିନା ପ୍ରଶ୍ନ ➾ପୃଷ୍ଠା-୬

## ନବୀନଙ୍କୁ ଚେକ୍ ଦେଲେ ବାବୁ, ଜଗା



ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ବିଜେଡି ପାଇଁ ଉପନିର୍ବାଚନ ନୂଆ ନୁହେଁ। ହେଲେ ବିରୋଧୀ ଦଳ ଭାବେ ପ୍ରଥମ ଥର ପାଇଁ ଏଥର ଉପନିର୍ବାଚନକୁ ସାମ୍ନା କରିଥିଲା ବିଜେଡି। ବିଜେଡିର ନିର୍ବାଚନୀ ଇଂଜିନୟରିଂ ବାବଦରେ ସମସ୍ତେ ଅବଗତ। ଆଉ ବିଜେଡିର ନିର୍ବାଚନ ରଣନୀତିକୁ ଟକ୍କର ➾ପୃଷ୍ଠା-୬

## ମୋହନଙ୍କ ନୂଆ ବ୍ରିଗେଡ



ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ଆରମ୍ଭରୁ ଏକ ସାଂଘାତିକ ପ୍ରତିକୂଳ ପରିସ୍ଥିତି ଭିତରେ ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲ। ସମାନ ସମୟରେ ବିହାର ନିର୍ବାଚନ ହେଉଥିବା କେନ୍ଦ୍ରୀୟ ନେତାଙ୍କ ବିଶେଷ ସହଯୋଗ ମିଳିପାରିନଥିଲା। ଯଦିଓ ଛତିଶଗଡ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରଭାରୀଙ୍କ ପରି ଅଳ୍ପ କିଛି କେନ୍ଦ୍ରୀୟ ନେତା ପ୍ରଚାରକୁ ଆସିଥିଲେ, ଅନ୍ୟ କେନ୍ଦ୍ର ମନ୍ତ୍ରୀମାନେ ଆସିପାରିନଥିଲେ। ଏମିତି ବି ସରକାର ଗଠନ ପରେ ➾ପୃଷ୍ଠା-୬



## କାନ ଡେରିଥା

ଶଙ୍ଖ ଭବନଟା ଖାଁ ଖାଁ ଲାଗେ
ବିଜେଡି ହାରିବା ପରେ
କିଏ କାହା ମୁଣ୍ଡେ ଦୋଷ
ଲଦିବାକୁ
ମୁଣ୍ଡଟା ତାଙ୍କର ଘୁରେ
ଗର୍ବ ହୋଇଗଲା ପରେ...
ଏମିତି ଅବସ୍ଥା ହୋଇବନି
ଭାବି
ଶୋଇଥିଲେ ସବୁ ଘରେ ।

■ ଦେବାଶିଷ

# ଚାଲାଖିଆ ଚାଣକ୍ୟ ଚିତ୍‌ପଟାଙ୍ଗ

- ଭରସାଯୋଗ୍ୟ ହେଲେନି ହାରୁ ନେତା
- ହୋଇପାରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ନୂଆପଡ଼ାରେ ବିଜେଡିର ଚାଲାଖିଆ ଚାଣକ୍ୟମାନେ ଚିତ୍‌ପଟାଙ୍ଗ ମାରିଛନ୍ତି। ବିଜେଡି ପ୍ରାର୍ଥୀନୀ ପରାଜୟ ସହିତ ତୃତୀୟ ସ୍ଥାନକୁ ଖସି ଆସିବାପରେ ଚାଣକ୍ୟମାନଙ୍କୁ ନେଇ ଏଭଳି ରୋଚକ ଆଲୋଚନା ଜୋର ଧରିଛି। ଏହି ଚାଣକ୍ୟ ତାଲିକରେ ଅଧିକାଂଶ ହାରୁ ନେତା ଥିବାବେଳେ ଜଣେ ଅଧେ ବିଧାୟକ ରହିଥିଲେ।

ନୂଆପଡ଼ାରେ ବିଜେଡିକୁ ଜିତାଇବା ପାଇଁ ଦଳର ଏକାଧିକ ନେତା ଡେରା ପକାଇଥିଲେ। ହେଲେ ଏମାନଙ୍କ ମଧ୍ୟରେ ମଙ୍ଗ ଧରିଥିଲେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା ଓ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ। ଏମାନଙ୍କ ସହିତ ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ସାଂସଦ ପ୍ରାର୍ଥୀ ଭାବେ ଭୁବନେଶ୍ୱର ଆସନରୁ ହାରିଥିବା ମନ୍ମଥ ରାଉତରାୟ ପ୍ରମୁଖ ବି ରହିଥିଲେ।

ତେବେ ବିଜେଡିର ଚାଣକ୍ୟ ଉପାଧି ପାଇଥିବା ଏହି ନେତାମାନଙ୍କ ଉପରେ ଦଳ ବଡ ଭରସା ଥିବାବେଳେ ଏମାନେ ସବୁ ଭରସାକୁ ପାଣିରେ ପକାଇ ଦେଇଛନ୍ତି। କେବଳ ବିଜେଡି ପ୍ରାର୍ଥୀ ନୂଆପଡ଼ାରେ ତୃତୀୟ ସ୍ଥାନକୁ ଆସି ଦଳକୁ ଲଜ୍ଜାଜନକ ସ୍ଥିତିରେ ପକାଇ ନାହାନ୍ତି, ଚାଣକ୍ୟମାନେ ଯେଉଁଠାରେ ସବୁ ଡେରା ପକାଇଥିଲେ ସେଠାରେ ଲୋକେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଆସିଥିବା ବେଳେ ସେହି ଭୋଟ ସବୁ ଜୟଙ୍କ ଖାତାକୁ ଚାଲି ଯାଇଥିବା କୁହାଯାଇଛି।

ତେବେ ଚାଣକ୍ୟ ତାଲିକାରେ ଥିବା ପ୍ରାୟତଃ ସମସ୍ତେ ହେଉଛନ୍ତି ହାରୁ ନେତା। ବବି ଦାସ ଗତ ନିର୍ବାଚନରେ ନିଜେ ହାରିବା ସହିତ ନିଜ ମା'ଙ୍କୁ ମଧ୍ୟ ନିର୍ବାଚନରେ ଛିଡାକରି ଜିତାଇ ପାରିନଥିଲେ। ସେହିଭଳି ସଞ୍ଜୟ ଦାଶବର୍ମା ସତ୍ୟବାଦୀ ଆସନରୁ ହାରିଥିବାବେଳେ ଅତନୁ ସବ୍ୟସାଚୀ ନାୟକ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଆସନରୁ ରେକର୍ଡ ସଂଖ୍ୟକ ଭୋଟରେ ହାରିଛନ୍ତି। ଜିଲ୍ଲାରେ ସବୁ ଆସନରେ ବିଜେଡି ବିଧାୟକ ଜିତିଥିବାବେଳେ ଏକମାତ୍ର ବିଜେଡି ପ୍ରାର୍ଥୀ ଭାବେ ଅତନୁ ହାରିଯାଇଥିଲେ। ବିଧାୟକ ଡକ୍ଟର ଅରୁଣ ସାହୁ କୌଣସି ପ୍ରକାରେ ନିଜ ଗଡ ରକ୍ଷା କରି ୩ଶହରୁ କମ୍ ଭୋଟରେ ବିଜୟୀ ହୋଇ ବିଧାନସଭାକୁ ଆସିଛନ୍ତି। ସେହିଭଳି ଯାଜପୁରର ଅପ୍ରତିଦ୍ୱନ୍ଦ୍ୱି ନେତା ପ୍ରଫୁଲ ଘଡାଇଙ୍କ ସୁପୁତ୍ର ପ୍ରୀତି ରଞ୍ଜନ ଏଥର ନିଜ ଗଡ ରକ୍ଷା କରିପାରିନଥିବାବେଳେ ପୂର୍ବତନ ବରିଷ୍ଠ ନେତା କଳ୍ପତରୁ ଦାସଙ୍କ ପୁତ୍ର ପ୍ରଣବ ବଳବନ୍ତରାୟଙ୍କର ମଧ୍ୟ ସମଦଶା।

ବିଜେଡି ଏହି ଯୁବ ସେନାପତିମାନେ ବିଭିନ୍ନ ସ୍ଥାନରେ ଗଡ ଜଗିବା ସହିତ ସେମାନଙ୍କ କାର୍ଯ୍ୟଶୈଳୀକୁ ନେଇ ଜୋରଦାର ପ୍ରଚାର ଚଳାଇଥିଲେ। ରାଜଧାନୀରୁ ନିଜ ନିଜ ସମର୍ଥକ ଗଣମାଧ୍ୟମ ପ୍ରତିନିଧିଙ୍କୁ ନୂଆପଡ଼ା ନେଇ ନିଜର ଢୋଲ ପିଟିବାକୁ ବି ପଠାଇନଥିଲେ। ହେଲେ ନିଜର ପ୍ରାର୍ଥୀଙ୍କୁ ବିଜୟ ତ ଦୂରରକଥା, ରନର୍ସ ଅପ୍ ବି ଏମାନେ କରିବାକୁ ସମର୍ଥ ହୋଇନାହାନ୍ତି।

ଚାଣକ୍ୟମାନଙ୍କୁ ନେଇ ଯେଉଁ ରୋଚକ ଆଲୋଚନା ଚାଲିଛି ସେଥିରେ ଏମାନେ କୁଆଡେ ନୂଆପଡ଼ା ଛାଡିବା ପୂର୍ବରୁ ବିଜେପି ହାତରେ ଦଳର ଭୋଟ ତକ ସମର୍ପି ଦେଇ ଆସିଥିବା କୁହାଯାଉଛି। ଏହା ନ ହୋଇନଥିଲେ ବିପୁଳ ଅର୍ଥ ଶ୍ରାଦ୍ଧରେ ନୂଆପଡ଼ାରେ ଏତେଦିନ ଡେରା ପକାଇବା ➾ପୃଷ୍ଠା-୬













# ଦୁର୍ନୀତିର ଗନ୍ତାଘର ପଦନୀପାଳ ପଞ୍ଚାୟତ

## ● କାମ ନକରି ଲକ୍ଷ ଲକ୍ଷ ଟଙ୍କା ଚଳୁ ● ଉଚ୍ଚସ୍ତରୀୟ ତଦନ୍ତ ଦାବି

**ଆଳି, ୧୪।୧୧ (ସଂଚାର ବ୍ୟୁରୋ):** ଆଳି ବ୍ଲକ ପଦନୀପାଳ ପଞ୍ଚାୟତ ଦୁର୍ନୀତି ଗନ୍ତାଘର ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚାୟତ ଉନ୍ନୟନ ମୂଳକ କାମରେ ଲକ୍ଷ ଲକ୍ଷ ଟଙ୍କା ଫଲ୍ସ ବିଲ କରି ସରପଞ୍ଚ ଓ ଯନ୍ତ୍ରୀ ମହାଦୁର୍ନୀତି କରିଥିବା ଅଭିଯୋଗ କରାଯାଇଛି।

ଗୋଟିଏ ପଟେ ସରକାର ପଞ୍ଚାୟତର ଉନ୍ନତି କରିବାକୁ ଟଙ୍କା ପଠାଉ ଥିବା ବେଳେ ସରପଞ୍ଚ ଓ ଯନ୍ତ୍ରୀ ତାହାକୁ ବାଟ ମାରଣ କରି ପଞ୍ଚାୟତର ଉନ୍ନତି କାମରେ ବାଧା ସୃଷ୍ଟି କରିବା ସହ ସରପଞ୍ଚ ଓ ଯନ୍ତ୍ରୀମାନେ ମାଲେ ମାଲେ ହୋଇଛନ୍ତି। କୋଉଠି ମାଟି ନ ପକାଇ ବିଲ କରାଯାଇଛି




ତ କୋଉଠି ଫଳକ କରି ମିଥ୍ୟ ବିଲ କରିଛନ୍ତି, କୋଉଠି ନିମ୍ନ ମାନ୍ ରାସ୍ତା କାର୍ଯ୍ୟ। ଆଉ କୋଉଠି ଅଙ୍ଗନ୍ ବାଡି ସ୍କୁଲ ଓ ମିଶନଶକ୍ତିକୁ ୱାଟର ସପ୍ଲାଏ ନାମରେ ଲକ୍ଷ ଧିକ ଟଙ୍କା ଚଳୁ କରିବା ସହ ଟଙ୍କା ଗିଳି ଦେଇଥିବା କୁହାଯାଉଛି। ସେହିପରି ଗୋପାଳିଆ ବଗିଚା ଠାରୁ ପ୍ରମାଦ ମଲିକ ଘର ପ୍ରଜନ୍ତ ମାଟି କାମ ୨,୩୬,୭୩୬ ଟଙ୍କା ଓ ସେହିପରି ଡିପଏସ ପଦନିପାଳ ଉଚ୍ଚ ବିଦ୍ୟାଳୟ ରୋଡ଼ ଠାରୁ ଗୋପାଳିଆ ବଗିଚା ପର୍ଯ୍ୟନ୍ତ ୩,୯୨,୯୮୦ ଟଙ୍କା ଏହି ଭଳି ଆହୁରି ୩ ରୁ ୪ଟି କାମରେ ମାଟି ମଠାଏ ନ ପଡ଼ି ବିଲ ହୋଇଥିବା ଏମିତିକି ଦୁର୍ନୀତି ଫର୍ଦ୍ଦ ଲମ୍ବିଥିବା ଅଭିଯୋଗରେ ଦର୍ଶା ଯାଇଛି। ସବୁଠୁ ବଡ଼ କଥା ହେଲା ଏହି ଅଭିଯୋଗ ବର୍ଷ ବର୍ଷ ଧରି ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଶେଷରେ ଭିଜିଲାନ୍ସ ଲିଖିତ ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ବିହିତ କାର୍ଯ୍ୟ ଅନୁଷ୍ଠାନ ନିଆଯାଇନଥିବା ଅଭିଯୋଗ କରିଛନ୍ତି ଅଭିଯୋଗକାରୀ ଶିବରାମ ମଲିକ।

ଅନ୍ୟ ପଟେ ବ୍ୟାପକ ଦୁର୍ନୀତିକୁ ନେଇ ପଞ୍ଚାୟତବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ କଲେ ବିଧାୟକ



**ନିଶ୍ଚିନ୍ତକୋଇଲି, ୧୪।୧୧ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହର ଶୁଭ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦାନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ବିରାଟ ପଟୁଆରରେ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ବିଧାୟକ ଶ୍ରୀ ଜେନା ନିଶ୍ଚିନ୍ତକୋଇଲି ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହ ନିର୍ମାଣ ପାଇଁ ଶୁଭ ଶିଳାନ୍ୟାସ କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଯାହାକିଛି ଆବଶ୍ୟକତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଚୋରା ମଦ ସମେତ କଫ ସିରପ୍ ଜବତ, ୬ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା, ୧୪।୧୧ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ, ପଟ୍ଟାମୁଣ୍ଡାଇ ଗ୍ରାମାଳ, କେନ୍ଦ୍ରାପଡ଼ା ଟାଉନ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ତେଲେଙ୍ଗାବସନ୍ତ ଗ୍ରାମର ତ୍ରିଲୋଚନ ସାହୁ(୩୨)ଙ୍କ ଠାରୁ ୩୧ ଲିଟର ବିଦେଶୀମଦ ଓ ତ୍ରିଲୋଚନ ସାହୁ(୪୦)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ବଡ଼ଜରିଆ ଗ୍ରାମର ସୁବାଶିଷ ପଣ୍ଡା(୩୨)ଙ୍କ ଠାରୁ ୩୮ ଲିଟର ବିଦେଶୀ ମଦ, ଦିଲାରପୁର ଗ୍ରାମର ସେକ ଚାନ୍ଦ(୩୪)ଙ୍କ ଠାରୁ ୪.୭ ଲିଟର କୋଡିନେ ମିଶ୍ରିତ କଫ ସିରପ, ସାହସପୁର ଗ୍ରାମର ରଜନୀକାନ୍ତ ମଲିକ(୨୬)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଏବଂ ବାବୁରାମପାଟଣା ଗ୍ରାମର ସଙ୍ଗୀତା ଦାସ(୩୧)ଙ୍କ ଠାରୁ ୧୭ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଅଛି। ସେମାନଙ୍କ ପାଖରୁ ସମୁଦାୟ ୧୩୪ ଲିଟର ବିଦେଶୀ, ଦେଶୀ ଓ କୋଡିନେ ମିଶ୍ରିତ କଫ ସିରପ ଜବତ କରାଯାଇ ୬ ଜଣଙ୍କୁ କୋଟ ର୍ଚାଲାଣ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ, ଛାୟାକାନ୍ତ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

# ମିଶନ୍ ମେରିଟ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ

## ● ଏ-୧ ଗ୍ରେଡ଼ରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କ କୃତିତ୍ୱ ବିଧାୟକଙ୍କ ଲକ୍ଷ୍ୟ

**ନିଶ୍ଚିନ୍ତକୋଇଲି, ୧୪।୧୧ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଶୈକ୍ଷିକ ମୂଳଦୁଆ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିଲା। ବିଗିଡ଼ିଯାଇଥିବା ଶୈକ୍ଷିକ ବ୍ୟବସ୍ଥାକୁ ସୁଧାର ଆଣିବାକୁ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ଉଦ୍ୟମ ଜାରି ରହିଛି ଏବଂ ଏହା ଏକ ଉଦ୍ୟମ ନୁହେଁ ବରଂ ନିଷ୍ଠାପର ଲକ୍ଷ୍ୟ।



ଏହି ଲକ୍ଷ୍ୟକୁ ପୂରଣ କରିବା ସହିତ ପୂର୍ବବର୍ଷ ଠାରୁ ଚଳିତ ବର୍ଷ ଯେମିତି ଏହି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରୁ ୫୦ଜଣ ଛାତ୍ର ଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ଅର୍ଜନ କରିବେ ସେ ନେଇ ଏଜେଣ୍ଡା ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମ ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଥିବା ବେଳେ ୬ଟି ଜୋନ୍‌ର ୪୬ ଜଣ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା।

ନିଶ୍ଚିନ୍ତକୋଇଲି ବିଇଓ ସଂଯୁକ୍ତା ମହାପାତ୍ରଙ୍କ ସଭାପତିତ୍ୱରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପବିତ୍ର ଶିଶୁ ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ କଲେଜ ଅଧକ୍ଷା ଡ଼ଃ ପ୍ରଫେସର ତରୁଲତା ଦେବୀ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉନ୍ନତି ପାଇଁ ଉତ୍ତମ ଶୈକ୍ଷିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳର ଏବିଇଓ, ବିଆରସିସି, ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।

# ମାନସିକ ବିକାରଗ୍ରସ୍ତଙ୍କ ପାଖରେ ପହଞ୍ଚିଲା ମେଡିକାଲ୍ ଟିମ୍

**ମହାକାଳପଡ଼ା, ୧୪।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ଅଧୀନ ବନ୍ଧପଡା (ଗୁହାଳକଣି) ଗ୍ରାମର ଜଣେ ୭୦ ବର୍ଷୀୟ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଜଗବନ୍ଧୁ ପଲାଇ ଙ୍କ ନିକଟରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଟିମ୍ ପହଞ୍ଚି ତାଙ୍କ ସ୍ଥିତି ଅନୁଧାନ କରିବା ପରେ ଚିକିତ୍ସା ସୁବିଧା ବ୍ୟବସ୍ଥା କରାଇବା ପାଇଁ ଆଲୋଚନା କରି ଫେରିଛନ୍ତି। ଜଗବନ୍ଧୁ ପଲାଇ ଜଣେ ସମ୍ପୁର୍ଣ୍ଣ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି। ଏକ ଚାଳଘର ପିଣ୍ଡା ତଳେ ଗୋଡ଼ ବନ୍ଧାହୋଇ ପଡ଼ି ରହୁଛନ୍ତି। ପତ୍ନୀ ଆରତୀ ପଲାଇ ଜଗବନ୍ଧୁଙ୍କ ସମସ୍ତ ନିତ୍ୟକର୍ମ କରାଉଛନ୍ତି। ଜଗବନ୍ଧୁଙ୍କର ଆଜି ପର୍ଯ୍ୟନ୍ତ ଆଧାର କାର୍ଡ ନଥିବାରୁ ସେ



### ଯୋଗାଇ ଦିଆଯିବ ଚିକିତ୍ସା ସୁବିଧା

ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ଥିଲେ। ଏନେଇ ଦୈନିକ ଖବରକାଗଜ ସଂଚାର ରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ଦେଖାଇଥିଲା। ଏବେ ତାଙ୍କର ଆଧାର କାର୍ଡ କରାଯାଇଛି। ହେଲେ ତାଙ୍କର ଏଯାଏଁ ଭିନ୍ନକ୍ଷମ ପ୍ରମାଣପତ୍ର କି ଭତ୍ତା ଟଙ୍କା ମିଳିନି। ୨୯ ସେପ୍ଟେମ୍ବର ଦିନ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ବିକାରଗ୍ରସ୍ତ ବିଭାଗର ଡ଼ାକ୍ତର ସୋମପୁଷ୍ପା ମିଶ୍ର ଜଗବନ୍ଧୁଙ୍କ ଶାରୀରିକ ଅବସ୍ଥା ପରଖି ଫେରିଥିଲେ। ଆଜି ସୋମପୁଷ୍ପା ମିଶ୍ରଙ୍କ ପ୍ରତିନିଧିତ୍ୱରେ ଏକ ଚାରି ଜଣିଆ ଡାକ୍ତରୀ ଦଳ ଜଗବନ୍ଧୁଙ୍କ ସ୍ଥିତି ଅନୁଧାନ କରିବା ସହିତ ଆସନ୍ତା ବୁଧବାର ଜଗବନ୍ଧୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇବାକୁ ପରିବାରକୁ ପରାମର୍ଶ କରାଇଥିଲେ। ସେଠାରେ ଜଗବନ୍ଧୁଙ୍କ ଚିକିତ୍ସା ସେବା ଆରମ୍ଭ ହେବା ସହିତ ଆନୁଷଙ୍ଗିକ ଚିକିତ୍ସା ଓ ମେଡ଼ିସିନ ଆଦି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଆଲୋଚନା କରିଛନ୍ତି।

## ରାଜକନିକା ପୁଲିସ ପକ୍ଷରୁ ମେଗା ରକ୍ତଦାନ ଶିବିର

**ରାଜକନିକା, ୧୪।୧୧ (ସଂଚାର ବ୍ୟୁରୋ):** ରାଜକନିକା ପୋଲିସ ପକ୍ଷରୁ ଶିଶୁଦିବସ ଅବସରରେ ଓଳାଭର ସ୍ଥିତ ବାଲିସାହି ଖେଳ ପଡିଆ ଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅନିଷ୍ଠାନିକ ଭାବେ ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କାରୀ ଉଦ୍ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରଟି ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା ବେଳେ ମୋଟ ୧୦୪ୟୁନିଟ ରକ୍ତ ସଂଗୃହିତ ହୋଇ କଟକ ରକ୍ତ ଭଣ୍ଡାରକୁ ପଠାଯାଇଥିବା ସୂଚନା ମିଳିଛି। ତେବେ ଏହି ରକ୍ତଦାନ ଶିବିରକୁ ରାଜକନିକା ବ୍ଲକର ୨୯ଟି ପଞ୍ଚାୟତ ରୁ ଯୁବ ଯୁବତୀ ଛାତ୍ର ଛାତ୍ରୀ ମାନେ ଆଗ୍ରହ ସହକାରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କାରୀ ଶିବିରଟିକୁ ସାଫଲ୍ୟ ମଣ୍ଡିତ କରିଥିବାରୁ ରାଜକନିକା ପୋଲିସ ସମସ୍ତଙ୍କୁ ଭକ୍ତିପୂର୍ଣ୍ଣ କୃତଜ୍ଞତା ଜଣାଇଛି। ତେବେ ଏହି ରକ୍ତଦାନ ଶିବିରରେ ରାଜକନିକା ଥାନର ଅତରିକ୍ତ ଥାନା ଅଧିକ ଦେବାଶିଷ ପଣ୍ଡା, ଏସ ଆଇ ମୌସମ କୁମାର କାଲୋ, ଏ ଏସ ଆଇ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସମେତ ରାଜକନିକା ଥାନର ସମସ୍ତ ଅଧିକାର ଓ ରାଜକନିକା ଅଞ୍ଚଳର ସେବା ସଂସ୍ଥାର ଯୁବକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



# କଥା ଦେଇ କଥା ରଖିଲେ ବିଧାୟକ ଡ଼ଃ ଦୁର୍ଗାପ୍ରସନ




**ମାର୍ଶାଘାଇ, ୧୪।୧୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଅଧିନ ସାନଗାଁ ରେ ଏକ ଲାଇବ୍ରେରୀ ଗୃହ ନିର୍ମାଣ ପାଇଁ ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗାପ୍ରସନ ନାୟକ ଶୁକ୍ରବାର ଶିଳାନ୍ୟାସ କରିଛନ୍ତି । ଏହି ଗାଁର ମିତ୍ରଶକ୍ତି କ୍ଲବର ୧୩ ତମ ବାର୍ଷିକ ଶିଶୁ ମହୋତ୍ସବରେ ଯୋଗଦେବା ଅବସରରେ ଏହି ଶିଳାନ୍ୟାସ କରିଥିଲେ । ଗତ ବର୍ଷ ଲାଇବ୍ରେରୀ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ସେହି କଥାକୁ ରଖି ଥିବାରୁ କ୍ଲବ ଏବଂ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ପଞ୍ଚାୟତ ସମିତି ଅଧକ୍ଷା ମୀରାରାଣୀ ମହାନ୍ତି, ଜୟଚନ୍ଦ୍ରପୁର ସରପଞ୍ଚ ପ୍ରିୟଙ୍କା ସାମଲ, ଖୁରୁଷିଆ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସମାଜସେବୀ ବାବାଜୀ ବେହେରା ସଭାପତିତ୍ୱ କରିଥିଲେ । କ୍ଲବ ସଭାପତି ସୁରେଶ ଚନ୍ଦ୍ର ବସନ୍ତିଆ, ସମ୍ପାଦକ ସଞ୍ଜୟ ମହାନ୍ତି, କୋଷାଧ୍ଯକ୍ଷ କାର୍ତ୍ତିକ ଚନ୍ଦ୍ର ବାରିକ, ବୁଲୁ ସାମଲ, ରଂଜିତ ସ୍ୱାଇଁ, ସର୍ବେଶ୍ୱର ବେହେରା, ବେଦପ୍ରକାଶ ଦାସ, ମାନସ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ଅଧାପକ ଇନ୍ଦ୍ରମଣି ନାୟକ ମହୋତ୍ସବ ପରିଚାଳନା କରିଥିବା ବେଳେ କ୍ଲବ ସଭାପତି ସୁରେଶ ବସନ୍ତିଆ ଧନ୍ୟବାଦ ପ୍ରଦାନ କରିଥିଲେ । ଶିଶୁ ମହୋତ୍ସବରେ ୩୫ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ବ୍ଲକସ୍ତରୀୟ ପ୍ରାଣୀ ସମ୍ପଦ ମେଳା

**ଡେରାବିଶ, ୧୪।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପ୍ରାଣୀ ଚିକିତ୍ସାଳୟ ସମ୍ମୁଖ ପଡ଼ିଆରେ ଆୟୋଜିତ ବ୍ଲକ ସ୍ତରୀୟ ପ୍ରାଣୀ ସମ୍ପଦ ମେଳାକୁ ନେଇ ଅଞ୍ଚଳରେ ଉତ୍ସାହ ପ୍ରଚୁର ଦେଖିବାକୁ ମିଳିଥିଲା। ପ୍ରାଣୀ ସମ୍ପଦ ବିଭାଗର ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନା, ପ୍ରାଣୀ ସୁରକ୍ଷା ଓ ଦୁଗ୍ଧ-ଗୋ ପାଳନ ସମ୍ବନ୍ଧୀୟ ତଥ୍ୟ ନେଇ ସାଧାରଣ ଲୋକଙ୍କୁ ସଚେତନ କରାଯାଇଲା। ଏହି ମେଳାକୁ ନେଇ ଅଞ୍ଚଳବାସୀ କୃଷକ ଓ ପଶୁପାଳକମାନେ ବହୁ ସଂଖ୍ୟକ ଭାବେ ଯୋଗ ଦେଇଥିଲେ। ବିଭାଗର କର୍ମଚାରୀମାନେ ପ୍ରାଣୀ ଚିକିତ୍ସା, ଭ୍ୟାକସିନେସନ୍, ପଶୁ ସୁରକ୍ଷା ବାବଦରେ ବିଭିନ୍ନ ସୁପାରିଶ ଓ ସହାୟତା ଯୋଗାଇଥିଲେ। କୃଷକ ମାନଙ୍କ ପାଇଁ ଏପରି ମେଳା ବହୁତ ଉପକାରୀ ବୋଲି ଅଞ୍ଚଳର ପଶୁପାଳକମାନେ କହିଛନ୍ତି। ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଆଗାମୀ ଦିନରେ ଆଉ ବିଶେଷ ସୁବିଧା ଓ ସଚେତନତା କାର୍ଯ୍ୟକ୍ରମ ହେବାକୁ ଥିବା କଥା ଜଣାପଡ଼ିଛି।

## ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ ଶିବିର



**ପଟ୍ଟାମୁଣ୍ଡାଇ, ୧୪।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକର ମନ୍ମଥନାଥ ହାଇସ୍କୁଲ ପଡିଆରେ ପଟ୍ଟାମୁଣ୍ଡାଇ ମଣ୍ଡଳ ଉନୟନ ଅଧିକାରୀ ଶୀତଳ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ, ଧ୍ରୁବ ସାହୁ, ଉଦଘାଟନ କରିଥିବା ବେଳେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଉଦଯାପନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାର ଏହି ଶିବିର ମାଧମରେ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କ ପାଇ ଥିବା ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତ ରାୟ, ବ୍ଲକ ଉପାଧାକ୍ଷା ଜୟନ୍ତୀ ସ୍ୱାଇଁ, ସହକାରୀ ବିଡ଼ିଓ, ନନ୍ଦିନୀ ଶତପଥୀ, ଯୋଗାଣ ଅଧିକାରୀ ସମିତି ସଭ୍ୟ ୟୁନିଟ ର ସଭାପତି ଅଭୟ ସ୍ୱାଇଁ, ବଡମୁଳବସନ୍ତ ସରପଞ୍ଚ ସନ୍ତୋଷ ସେଠି, ବଳଭଦ୍ରପୁର ସରପଞ୍ଚ ଦେବବ୍ରତ ଓଝା ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ଶ୍ରବଣ ବାଧିତରେ ୫୫, ଚକ୍ଷୁ ବିଭାଗରେ ୫୬, ମାନସିକ ବିଭାଗରେ ୧୧୧, ଅସ୍ଥି ସଲ୍ୟ ବିଭାଗରେ ୨୫୦, ଶିଶୁ ବିଭାଗରେ ୫୨ ମୋଟ ୫୩୪ଜଣ ଭାଗ ନେଇଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଭୋକାଲ୍ ଫର ଲୋକାଲ କାର୍ଯ୍ୟକ୍ରମ




**ରାଜନଗର, ୧୪।୧୧ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଭୋକିଲା ଫର ଲୋକାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପକ ପର୍ଶୁରାମ ନାଥ ତର୍କ ପ୍ରତିଯୋଗିତା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କରାଇଥିଲେ। ଏହି ତର୍କ ପ୍ରତିଯୋଗିତାରେ ବିଷୟବସ୍ତୁ ଥିଲା "ଭାରତୀୟ ପ୍ରଗତିରେ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ମହତ୍ୱପୂର୍ଣ୍ଣ କି"। ଉକ୍ତ ତର୍କ ପ୍ରତିଯୋଗିତାରେ ସ୍ୱର୍ଣ୍ଣଲତା ଦାସ ପ୍ରଥମ, ବନିତା ରାଉତ ଦ୍ୱିତୀୟ, ସତ୍ୟବ୍ରତ ପରିଡା ତୃତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇଥିଲେ। ମହାବିଦ୍ୟାଳୟ ତରଫରୁ କୃତୀ ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପକ, ଅଧାପିକା, ଛାତ୍ରଛାତ୍ରୀ, କର୍ମଚାରୀମାନେ ଯୋଗଦାନ କରିଥିଲେ।

# ଗୋମାଂସ ସନ୍ଦେହରେ ଉତ୍ତେଜନା

**ପାରାଦ୍ୱୀପ, ୧୪।୧୧ (ସଂଚାର ବ୍ୟୁରୋ):** ସକାଳୁ ସକାଳୁ ଆସିଲେ ଆଉ ପଡିଆରେ ୩୦ କେଜି ମାଂସ ଫୋପାଡି ଦୌଡ଼ି ପଳାଉଥିଲେ। ଏହି ଘଟଣା ସ୍ଥାନୀୟ ଲୋକମାନେ ଦେଖିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକାଇବାରୁ ଘଟଣା ସ୍ଥଳରେ



ଆରମ୍ଭ ହୋଇଥିଲା ଉତ୍ତେଜନା। ଏଭଳି ଏକ ଘଟଣା ଆଜି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଗଙ୍ଗଦା ହାଟ ନିକଟରେ ଘଟିଛି।

ଉକ୍ତ ହାଟରେ ଥିବା ଜଣାଶୁଣା ମଟନ ବ୍ୟବସାୟୀ ଅକ୍ଷୟ ବେହେରା ନିଜ ବାଇକ ସାହାଯ୍ୟରେ କିଛି ପଲିଥିନରେ ପଶିଥିବା ମାଂସକୁ ନେଇ ଫୋପାଡି ଆସୁଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଟକାଇ ଉକ୍ତ ପଲିଥିନ ପୂର୍ଣ୍ଣ ମାଂସକୁ ଦେଖିବା ବେଳକୁ ଲମ୍ବା ହାଡ଼ ଓ ବଡ଼ ବଡ଼ ପିଞ୍ଜରା ଏବଂ ପ୍ରବଳ ଦୁର୍ଗନ୍ଧ ହେଉଥିବାରୁ ଏହା ଛେଳି ମାଂସ ନୁହେ ଏହା ଗୋମାଂସ ବୋଲି ସନ୍ଦେହ କରିଥିଲେ। ଘଟଣାସ୍ଥଳରେ ବଜରଙ୍ଗ ଦଳର କର୍ମକର୍ତ୍ତା ପହଞ୍ଚିବା ଓ ଉତ୍ତେଜନାକୁ ଦେଖି ସେଠାରେ ନାଉଗାଁ ପୁଲିସ ପହଂଚି ସାଇଣ୍ଟିଫିକ ଟିମ ଦ୍ୱାରା ସାମ୍ପଲ ସଂଗ୍ରହ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ବ୍ୟବସାୟୀ ଅକ୍ଷୟକୁ ପୋଲିସ ନିଜ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି। ହାଡ଼ ଓ ପିଞ୍ଜରାକୁ ଦେଖି ଏହା ଛେଳି ମାଂସ ନୁହେଁ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରୁଥିବା ବେଳେ ଗତକାଲି ବାଲିକୁଦାରୁ ବିପୁଳ ପରିମାଣର ଗୋମାଂସ ଜବତ ପରେ ବ୍ୟବସାୟୀ ଜଣଙ୍କ ଡରି ଯାଇ ଧରା ପଡିଯିବା ଭୟରେ ପାଖରେ ରଖିଥିବା ଗୋମାଂସକୁ ନେଇ ଫୋପାଡି ଥାଇ ପାରନ୍ତି ବୋଲି ମଧ ଆଶଙ୍କା ପ୍ରକାଶ ପାଇଛି।

# ୨୩ରେ ବିଜେପିର କର୍ମୀ ସମ୍ମିଳନୀ ଓ ମହାମିଶ୍ରଣ ପର୍ବ ପାଇଁ ପ୍ରସ୍ତୁତି ବୈଠକ

**ସାଲେପୁର, ୧୪।୧୧ (ସଂଚାର ବ୍ୟୁରୋ):** ଆଜି ସାଲେପୁର ବିଜେପି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସତ୍ୟଭାମାପୁର କଲ୍ୟାଣମଣ୍ଡପଠାରେ ବିଜେପି ନେତା ତଥା ସାଲେପୁର ଆତ୍ମା ସଭାପତି ରମେଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ତାରିଖ ଦିନ ସାଲେପୁର ଠାରେ ବିଜେପିର ଏକ କର୍ମୀ ସମ୍ମିଳନୀ ଓ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହେବା ପାଇଁ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଏହି ପ୍ରସ୍ତୁତି ବୈଠକରେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ୨୩ତାରିଖ ସକାଳ ୧୧ଘଟିକାରେ ହେବାକୁ ଥିବା ଏହି କର୍ମୀ ସମ୍ମିଳନୀ ଓ ମହାମିଶ୍ରଣ ପର୍ବରେ ଓଡ଼ିଶାର ବହୁ ମନ୍ତ୍ରୀ ଓ ବିଜେପି ଦଳର ବିଶିଷ୍ଟ ନେତାମାନେ ଯୋଗଦେବା ପାଇଁ ସହମତି ପ୍ରକାଶ କରିଥିବା ସେ ପ୍ରକାଶ କରିବା ସହ ଏହିଠାରେ ହେବାକୁ ଥିବା ମହାମିଶ୍ରଣ ପର୍ବରେ ଅନ୍ୟ ଦଳର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ କର୍ମୀ



ବିଜେପି ଦଳରେ ବିଧିବଦ୍ଧ ଭାବେ ସାମିଲ ହେବେ ବୋଲି ସେ ପ୍ରକାଶ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଟାଙ୍ଗୀ ଓ ସାଲେପୁର ବ୍ଲକର ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ବିଜେପି କର୍ମୀମାନେ ଯୋଗଦେବାର ରହିଛି ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧରେ ଏହି ପ୍ରସ୍ତୁତି ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ପୂର୍ବତନ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିବାବେଳେ ଏହି କାର୍ଯ୍ୟକ୍ରମରେ ଯଶୋବନ୍ତ ରାଉତ, ଦିଲ୍ଲୀପ ରାଉତ, ପ୍ରଭାତ ସ୍ୱାଇଁ, ଅସିତ୍ ପ୍ରଧାନ, ଶିବ ଜେନା, ମୁନା ଜେନା, ସତ୍ୟଶିବ ସୁନ୍ଦର କର, ଚିତ୍ତରଞ୍ଜନ ଶତପଥି, ଲକ୍ଷ୍ମଣ ସାହୁ, ଆକାଶ ପାତ୍ର, ବୁନୁ ସାହୁ, ପ୍ରିୟରଞ୍ଜନ ମହାପାତ୍ରଙ୍କ ସମେତ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ କର୍ମୀମାନେ ଯୋଗଦେଇଥିଲେ।

# ରାଜନଗର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**ରାଜନଗର, ୧୪।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶୁକ୍ରବାର ମହିଷାସୁର ପଞ୍ଚାୟତ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହ ମାଛ ଚାଷ, ଗୋପାଳନ, କୁକୁଡ଼ା ଚାଷ, ଛେଳି ପାଳନ ଓ ଅନ୍ୟ କୃଷିଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରି ସରକାରୀ ଯୋଜନାର ସୁଫଳ ନେବା ପାଇଁ ଯୁବକ ଓ ଯୁବତୀମାନଙ୍କୁ ପରାମର୍ଶ ଦେଇଥିଲେ। ଏ ଦିଗରେ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗର ସରକାରୀ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଦାୟିତ୍ୱରହିଛି ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଜନଗର ବିଡିଓ ଅନିରୁଦ୍ଧ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କଶେଖର ସାହୁ, ରାଜନଗର ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲ୍ଲା ପରିଷଦ ସଭ୍ୟ ଖୁକୁମିନା କୁଁଅର, ସରପଞ୍ଚ ଅଶୋକ କୁମାର ମହାନ୍ତି, ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମେଳାରେ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଓ ପରାମର୍ଶ ଦେବା ନିମନ୍ତେ ବିଭିନ୍ନ ଷ୍ଟଲ୍ ଖୋଲା ଯାଇଥିଲା। ଏହି ଅବସରରେ ମାଛ, ଗୋପାଳନ, କୁକୁଡ଼ା ପାଳନ ଆଦି ଉଦ୍ୟୋଗ ପ୍ରତିଷ୍ଠା କରି ଆତ୍ମନିର୍ଭରଶୀଳ ହୋଇଥିବା ୮ଜଣ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୯ ପଂଚାୟତର ଲୋକ ପ୍ରତିନିଧି, ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ମତ୍ସ୍ୟଜୀବିମାନେ ଯୋଗ ଦେଇଥିଲେ ।

## ଲୁଣାନଦୀର ପଠା ଭୁଶୁଡ଼ିଥିବା ସ୍ଥାନ ପରିଦର୍ଶନ କଲେ ଯନ୍ତ୍ରୀ

**ଡେରାବିଶ, ୧୪।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଲୁଣାନଦୀର ବିଲ୍ଲମାଳ ମଠ ନିକଟରେ ମଙ୍ଗଳବାର ଦିନ ୭୦ ଫୁଟ ଲମ୍ବର ବାମପାର୍ଶ୍ୱ ନଦୀ ପଠା ନଦୀ ଗର୍ଭକୁ ଭୁସୁଡ଼ି ଯାଇଛି। ଏହି ଖବର ପାଇ ଘଟଣା ସ୍ଥଳରେ ଆଜି ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ଉମେଶ ସେଠୀ, ଛତା ଉପଖଣ୍ଡ ଅଧିକାରୀ ଇଂ ପ୍ରମୋଦ କୁମାର ରାୟ



ଓ ପୁବଂଶ ସେକ୍ସନର ଯନ୍ତ୍ରୀ ଶାରଦା ପ୍ରସନ୍ନ ସାହୁ ପହଞ୍ଚି ପରିସ୍ଥିତିକୁ ଅନୁଧାନ କରିଥିଲେ। ଏହିଠାରେ କେନାଲର ପାଣି ନଦୀ ମଧକୁ ଝର ପଡୁଥିବାରୁ ଅତଡ଼ା ଖସିଛି ବୋଲି ଅନୁମାନ କରାଯାଉଛି। ଅତଡ଼ା ପଡ଼ିଥିବା ସ୍ଥାନରୁ ଦାନପୁର ପୋଲ ପର୍ଯ୍ୟନ୍ତ ପଥର ପ୍ୟାକିଂ କରାଯିବା ପାଇଁ ଏଷ୍ଟିମେଟ୍ ହୋଇଛି ବୋଲି ଯନ୍ତ୍ରୀ ଶ୍ରୀ ସେଠୀ ପ୍ରକାଶ କରିଥିଲେ।

## ସୁଭଦ୍ରା ଶକ୍ତି ରିଟେଲ ମାର୍ଟ ଉଦ୍‌ଘାଟିତ

**ମହାକାଳପଡ଼ା, ୧୪।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସର ମଧରେ ସୁଭଦ୍ରା ଶକ୍ତି ରିଟେଲ ମାର୍ଟ ଗୁରୁବାର ଉଦଘାଟିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ରିଟେଲ ମାର୍ଟ କୁ ପିତା କାଟି ଉଦଘାଟନ କରିଥିଲେ। ଏଠାରେ ସ୍ୱୟଂ ସହାୟିକା ଗୋଷ୍ଠୀ ର ମହିଳା ମାନଙ୍କ ହାତ ତିଆରି ଭଳିକି ଭଳି ବିଭିନ୍ନ ସାମଗ୍ରୀ ଯଥା ବଡ଼ି, ପାମ୍ପଡ ଆଦି ମିଳିବ। ଏଥିସହିତ ଥଣ୍ଡା ପାନୀୟ, ଜେରକ୍ସ, ପିନାଇଲ, ଆଇସକ୍ରିମ, ହାତତିଆରି ସାମଗ୍ରୀ, ଧୂପ, ଅଗରବତି, କପଡ଼ାରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହେବ।




ଏହି କାର୍ଯ୍ୟକ୍ରମରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସିଡିପିଓ କବିତା ମଲିକ, ବ୍ଲକ ମହିଳା ଫେଡେରେଶନ ସଭାପତି କବିତା ବିଶ୍ୱାଳ, ସମ୍ପାଦିକା ନିର୍ମଳା ଦେଓ, ବ୍ଲକ ମିଶନ ଶକ୍ତି ସଂଯୋଜିକା ସାଗରିକା ମଲ୍ଲିକ, ସାଂସଦଙ୍କ ପ୍ରତିନିଧ ସରୋଜକାନ୍ତ ସାହୁ, ବିକ୍ରମ ସାହୁଙ୍କ ସମେତ ବହୁସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ।

# ବିଜେଡିର ବିଲୟ ଆସନ୍ନ, କଂଗ୍ରେସ ହେବ ଏକମାତ୍ର ବିରୋଧୀଦଳ

● ୪୦ ହଜାରରୁ ଅଧିକ ଭୋଟ୍ ପାଇବା କିଛି କମ୍ କଥା ନୁହେଁ



**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** ଆଜି ନୂଆପଡ଼ା ଉପନିର୍ବାଚନରେ ବିଜେପି ବିଜୟୀ ହୋଇଥିବା ବେଳେ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିରୋଧୀ କଂଗ୍ରେସ ଅଭିନନ୍ଦନ ଜଣାଇଛି। ତେବେ ଏହି ଉପନିର୍ବାଚନରେ ଶାସକ ଦଳ ଯେପରି ଅର୍ଥ ବଳର ନଗ୍ନ ପ୍ରଦର୍ଶନ କରିଛି, ତାହା ଭାରତୀୟ ନିର୍ବାଚନ ଇତିହାସର ସମସ୍ତ ରେକର୍ଡକୁ ଅତିକ୍ରମ କରିଯାଇଛି। ନିର୍ବାଚନ ଆୟୋଗ ଓ ଅଧିକାରୀମାନଙ୍କ ବ୍ୟାପକ ପକ୍ଷପାତିତା ବଳରେ ଶାସକ ଦଳ ପ୍ରାର୍ଥୀ ପୁଲିସ ଓ ପ୍ରଶାସନକୁ ବ୍ୟବହାର କରି ଭୋଟରମାନଙ୍କୁ ପ୍ରଲୋଭିତ କରିବାରେ ସକ୍ଷମ ହୋଇଛନ୍ତି। ଆଦର୍ଶ ଆଚରଣ ବିଧି ବାରମ୍ବାର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ସତ୍ତ୍ୱେ ଏନେଇ କଂଗ୍ରେସ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଭାଇ-ଭାଇ ବିଜେଡି-ବିଜେପିର ବେନିୟମ କାର୍ଯ୍ୟ ସତ୍ତ୍ୱେ ଏଠାରେ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିଜେଡିକୁ ପଛରେ ପକାଇ ଦ୍ୱିତୀୟରେ ରହିବା କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତାର ପ୍ରମାଣ। ଏହା ଆଗାମୀ ଦିନରେ ଓଡ଼ିଶା ରାଜନୀତିକୁ ପ୍ରଭାବିତ କରିବ ବୋଲି ଆଜି କଂଗ୍ରେସ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ମତ ଦେଇଛନ୍ତି। ସେ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ପ୍ରମୁଖ ୩ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଘାସିରାମ ମାଝୀ ଯୋଗ୍ୟତମ ଥିଲେ। ପିସିସି ସଭାପତି ଭକ୍ତ ଚରଣଦାସଙ୍କ ନେତୃତ୍ୱରେ କଂଗ୍ରେସ ଘାସିରାମଙ୍କୁ ଚୟନ କରିଥିବା ବେଳେ ତାଙ୍କ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ ମାଳ ମାଳ ଦୁର୍ନୀତି ଅଭିଯୋଗ ପରିପ୍ରେକ୍ଷୀରେ ତାଙ୍କର ବିଜୟ ସହଜ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ପୂର୍ବାନୁମାନ କରିଥିଲେ। କିନ୍ତୁ ନୂଆପଡ଼ାରେ ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରକୁ ହତ୍ୟା କରାଯିବା ସତ୍ତ୍ୱେ ୨୪ ବର୍ଷ ଧରି ଶାସନ କରିଥିବା ବିଜେଡିକୁ ପଛରେ ପକାଇ କଂଗ୍ରେସ ଦ୍ୱିତୀୟ ସ୍ଥାନ ଅଧିକାର କରିବା ବଡ଼ ଉପଲବ୍ଧି। ଉଭୟ ବିଜେଡି ଓ ବିଜେପିରେ ଏକାଧିକ ସ୍ଥାନୀୟ ଯୋଗ୍ୟ ପ୍ରାର୍ଥୀ ଥିବା ସତ୍ତ୍ୱେ ବାହାର ଲୋକଙ୍କୁ ପ୍ରାର୍ଥୀ କରାଯିବା ଏପରି ସନ୍ଦେହକୁ ବଳ ଯୋଗାଇଥିଲା। ଅନ୍ୟପକ୍ଷରେ ଭଗ୍ନ ସ୍ୱାସ୍ଥ୍ୟାବସ୍ଥା ସତ୍ତ୍ୱେ ନବୀନଙ୍କୁ ନୂଆପଡ଼ା ଆଣି ପ୍ରଚାର କାର୍ଯ୍ୟରେ ନିୟୋଜିତ କରିବା ଭଳି ନିନ୍ଦନୀୟ କାର୍ଯ୍ୟ କରିଛି ବିଜେଡି। ଦୁଇ ଦଳର କୁତ୍ସିତ ମିଳିତ ରାଜନୀତି ଫଳରେ ବିଜେଡିର ବିଲୟ ପାଇଁ ପଥ ପରିଷ୍କାର ହୋଇଛି। ପରିବର୍ତ୍ତିତ ପରିସ୍ଥିତିରେ ଏଣିକି ଏକମାତ୍ର ବିରୋଧୀଦଳ ଭାବେ କଂଗ୍ରେସ ବିଜେପିର ଅନୈତିକ କାର୍ଯ୍ୟକୁ ବିରୋଧ କରି ଚାଲିବ ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଓଡ଼ିଶା ମଣ୍ଡପ' ଉଦ୍‌ଘାଟିତ

- ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ
- ମୁଖ୍ୟ ପ୍ରବେଶ ଦ୍ୱାରରେ ସିଂହଦ୍ୱାର ଆକୃତିର ତୋରଣ





**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶେଷ ଆକର୍ଷଣ ସାଜିଛି 'ଓଡ଼ିଶା ମଣ୍ଡପ'। ଆଜି ଏହାକୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିବା ସହ ସେ ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ 'ଓଡ଼ିଶା ମଣ୍ଡପ'ର ଆକର୍ଷଣୀୟ ଡିଜାଇନ୍‌କୁ ପ୍ରଶଂସା କରିଛନ୍ତି। ଏଥର 'ଓଡ଼ିଶା ମଣ୍ଡପ' ବେଶ୍ ଆକର୍ଷଣୀୟ ହୋଇଛି। ଏଠାରେ ରାଜ୍ୟର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ସାଙ୍ଗକୁ କୃଷି, ଶିଳ୍ପ ଓ ବାଣିଜ୍ୟ ତଥା ରାଜ୍ୟର ସାମଗ୍ରିକ ବିକାଶର ଛବି ପ୍ରତିଫଳିତ ହେଉଛି। ଓଡ଼ିଶାର ଅନନ୍ୟ ହସ୍ତତନ୍ତ ଓ ଗ୍ରାମୀଣ ଉତ୍ପାଦ, ସୁଭଦ୍ରା ଶକ୍ତି ମହିଳାଙ୍କ ହାତ ତିଆରି ଜିନିଷ ଏହି ବାଣିଜ୍ୟ ମେଳାରେ ସ୍ଥାନ ପାଇଛି। ଓଡ଼ିଶା ସବୁବେଳେ ମହିଳା ଶକ୍ତିଙ୍କୁ ଗୁରୁତ୍ୱ ଦେଇଆସିଛି। ଚଳିତ ବର୍ଷ ଏହି ମେଳାର ବିଭିନ୍ନ ଷ୍ଟଲରେ ମହିଳାଙ୍କ ଉପସ୍ଥିତି ଏହାକୁ ପ୍ରମାଣିତ କରୁଛି ବୋଲି ଶ୍ରୀମତୀ ପରିଡ଼ା ଉଦ୍‌ଘାଟନ ଅବସରରେ ତାଙ୍କ ଅଭିଭାଷଣରେ ପ୍ରକାଶ କରିଛନ୍ତି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଭାରତ ମଣ୍ଡପମର ହଲ୍ ନମ୍ବର-୪ରେ ସ୍ଥାନ ପାଇଛି 'ଓଡ଼ିଶା ମଣ୍ଡପ'। ସେହିପରି ଚଳିତ ବର୍ଷର ବର୍ଷର ଥିମ୍ ରହିଛି 'ଏକ ଭାରତ ଶ୍ରେଷ୍ଠ ଭାରତ'। ଓଡ଼ିଶା ମଣ୍ଡପର ମୁଖ୍ୟ ପ୍ରବେଶ ଦ୍ୱାରରେ ଶ୍ରୀମନ୍ଦିର ସିଂହଦ୍ୱାର ଆକୃତିର ତୋରଣ ଶୋଭା ପାଉଛି। ଏହାଛଡ଼ା ଅନ୍ୟ ଏକ ପ୍ରବେଶପଥରେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଦର୍ଶାଉଥିବା 'ବୋଇତ' ଆକୃତିର ତୋରଣ ମଧ୍ୟ ନିର୍ମାଣ କରାଯାଇଛି। ଆହୁରି ମଣ୍ଡପ ଭିତରେ ଧଉଳିର ଶାନ୍ତିସ୍ତୁପ ଓ ଡୋକ୍ରା କାରିଗରୀ ସହ ଆଧୁନିକ ଜାହାଜର ପ୍ରତିରୂପ ଦେଶ ବିଦେଶର ଦର୍ଶକଙ୍କୁ ଆକର୍ଷିତ କରୁଛି। ମଣ୍ଡପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ସହଯୋଗୀ ସଂସ୍ଥା ପକ୍ଷରୁ ମୋଟ ୨୮ଟି ଷ୍ଟଲ୍ ସ୍ଥାନ ପାଇଛି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରେ ଅବସ୍ଥାପିତ ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରିତୁ ଅରୋରା, ଅତିରିକ୍ତ ଆବାସିକ ଆୟୁକ୍ତ ସୁଚରିତା ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ ବୈଷ୍ଣବ ଗୁରୁଚରଣ ସିଂ, ଓଡ଼ିଶା ମଣ୍ଡପର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ମନ୍ମଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେପି



**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ନିଜ ସାମାଜିକ ଗଣମାଧ୍ୟମରେ ଅତ୍ୟନ୍ତ ଅରୁଚିକର, ଅପଶବ୍ଦ, ଭିତ୍ତିହୀନ, ବିଭ୍ରାନ୍ତକାରୀ ମନ୍ତବ୍ୟ ଦେଇଥିବା ସାମାଜିକ କର୍ମୀ ସନ୍ଦୀପ ସିଂହ ଓ ବିଜେଡି ନେତା ମନ୍ମଥ ରାଉତରାୟଙ୍କ ବିରୁଦ୍ଧରେ ଆଜି ଭୁବନେଶ୍ୱର ସାଇବର ଥାନାରେ ଭିନ୍ନ ଭିନ୍ନ ଦୁଇଟି ଅଭିଯୋଗ କରାଯାଇଛି। ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ନିଜକୁ ସାମାଜିକ କର୍ମୀ ବୋଲାଉଥିବା ସନ୍ଦୀପ ସିଂହ ଶ୍ରୀ ମୋଦିଙ୍କ ବିରୋଧରେ ବ୍ୟକ୍ତିଗତ ଭାବେ ମିଥ୍ୟା ଅଭିଯୋଗ କରି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟିଂ କରିଛନ୍ତି। ଏହା ନିଶ୍ଚିତ ଭାବେ ଏକ ଦଣ୍ଡନୀୟ ଅପରାଧ। ଏହାଛଡ଼ା ଶ୍ରୀ ରାଉତରାୟ ଉପନିର୍ବାଚନ ସମୟରେ ନୂଆପଡ଼ାରେ ଛିଡା ହୋଇ ଶ୍ରୀ ମୋଦି ଓ ଶ୍ରୀ ମାଝୀଙ୍କ ବିରୋଧରେ ଅତ୍ୟନ୍ତ ଅଶାଳୀନ, ଅଭଦ୍ରୋଚିତ ଶବ୍ଦ ବ୍ୟବହାର କରି ସର୍ବସମ୍ମୁଖରେ ଗାଳି ଦେଇଥିଲେ। ପରେ ସେ ଉକ୍ତ ଭିଡିଓକୁ ପ୍ରଥମେ ସାମାଜିକ ଗଣମାଧ୍ୟମ 'ଫେସବୁକ' ଓ ପରେ ଅନ୍ୟମାନଙ୍କ ସହାୟତାରେ ଏହାକୁ ଭାଇରାଲ କରିଥିଲେ, ଯାହା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଦଣ୍ଡନୀୟ ଅପରାଧ ବୋଲି ଡ. ମହାନ୍ତି କହିଛନ୍ତି। ତେଣୁ ଉଭୟ ଶ୍ରୀ ସିଂହ ଓ ଶ୍ରୀ ରାଉତରାୟଙ୍କ ବିରୋଧରେ ସାଇବର ଆଇନ ଅନୁସାରେ ଗିରଫ କରାଯିବା ସହ କଠୋର ଦଣ୍ଡ ବିଧାନ କରିବା ସକାଶେ ଡ.ମହାନ୍ତି କହିଛନ୍ତି।

ଏହି ପ୍ରତିନିଧିମଣ୍ଡଳୀରେ ବରିଷ୍ଠ ନେତା ମହେଶ ମହାନ୍ତି, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ ଉମାକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।



# ଶାହଙ୍କ ନେତୃତ୍ୱାଧୀନ ସମବାୟରେ ବଡ଼ ପରିବର୍ତ୍ତନ ହେଉଛି: ମନମୋହନ

● ପଞ୍ଚାୟତର କୃଷି ସମବାୟ ସମିତି ଅଞ୍ଚଳ ଅର୍ଥନୀତିର ପ୍ରାଣକେନ୍ଦ୍ର ହେବ

**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ର ଗୃହମନ୍ତ୍ରୀ ତଥା ଦେଶର ପ୍ରଥମ ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ସମବାୟ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆସିଛି। ଆଗାମୀ ଦିନରେ ପଞ୍ଚାୟତର କୃଷି ସମବାୟ ସମିତି ଅଞ୍ଚଳ ଅର୍ଥନୀତିର ପ୍ରାଣକେନ୍ଦ୍ର ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ୭୨ତମ ଜାତୀୟ ସମବାୟ ସପ୍ତାହ ପାଳନ ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ସମବାୟ ସପ୍ତାହର ପ୍ରଥମ ଦିବସରେ ଶ୍ରୀ ସାମଲ କହିଛନ୍ତି ଯେ ସମବାୟ ସମିତିରେ ୨୫ଟି ସାମଗ୍ରୀର ବାଣିଜ୍ୟ ବ୍ୟବସାୟ ହେବ। ଏଥିସହ ସମିତିର ଉନ୍ନତି କରାଯିବ। ସ୍ଥାନୀୟ ଜନସାଧାରଣ ଏହାର ଲାଭ ପାଇପାରିବେ। ଏହି ସମବାୟ ସଂସ୍ଥାକୁ ବିଗତ ଦିନରେ ତତ୍କାଳୀନ ସରକାର ଲୁଣ୍ଠନ କରି ଦୁର୍ନୀତିର ଗନ୍ତାଘର କରିଥିଲେ। ମାତ୍ର ବିଜେପି ସରକାର ଆସିବା ପରେ ଉକ୍ତ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି। ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ ଏଥିରେ ଯୋଗଦେଇ କହିଛନ୍ତି ଯେ, ଓଡ଼ିଶାର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ବହୁମୁଖୀ କୃଷି ସମବାୟ ସମିତି ଗଠନ କରିବା ପାଇଁ ବିଜେପି ସରକାର ଅଗ୍ରସର ହୋଇଛନ୍ତି। ସମବାୟ ସମିତିରେ ସ୍ୱଚ୍ଛତା ଆଣିବା ପାଇଁ ସମିତି ସମ୍ପାଦକମାନେ ଦାବି କରୁଥିଲେ। ସେମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରି 'କମନ୍ କ୍ୟାଡର୍ ରୁଲ୍' ପ୍ରଚଳନ କରିବାକୁ କହୁଥିଲେ। ବିଜେପି ସରକାର ଜିଲ୍ଲା ସ୍ତରରେ ଏହାର କ୍ରିୟାନ୍ୱୟନ କରିସାରିଛି ବୋଲି ଶ୍ରୀ ସାମଲ କହିଛନ୍ତି।

ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପୂର୍ବତନ ସମବାୟ ମନ୍ତ୍ରୀ ଡଃ ଅରବିନ୍ଦ ଢାଲି ଓ ସମୀର ରଞ୍ଜନ ଦାସ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ସମବାୟବିତ୍ ଯଜ୍ଞେଶ୍ୱର ବାବୁ, ସୁଦର୍ଶନ ନାୟକ, ଡଃ. ହରିକୃଷ୍ଣ ମିଶ୍ର, ଅକ୍ଷୟ ମହାନ୍ତି, ଶେଷଦେବ ମେହେର, ସତ୍ୟବାନ ଜେନା, ଶ୍ରୀଧର ବେହେରା, ପ୍ରତାପ ସାମଲ, ପ୍ରଫୁଲ୍ଲ ଜେନା, ସରୋଜକାନ୍ତ ସାହୁ, ବନ୍ଦନା କାନୁନ୍‌ଗୋ, ପ୍ରେମଲତା ମିଶ୍ର, ବିଶ୍ୱଜିତ୍ ସ୍ୱାଇଁ, ସତ୍ୟ ରାଉତ, ସୁବାଷ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଏଲ୍‌ପିଜି ଯୋଗାଣକୁ ସୁବ୍ୟବସ୍ଥିତ ପାଇଁ ବୈଠକ

## ଖାଉଟିଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବାକୁ ପରାମର୍ଶ



**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** ରାଜ୍ୟରେ ଖାଉଟିମାନଙ୍କୁ ଏଲ୍‌ପିଜି ସିଲିଣ୍ଡର ସୁବିଧାରେ ଓ ସଠିକ୍ ସମୟରେ ଗ୍ୟାସ ପହଞ୍ଚାଇବା ଉପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଏହି ମର୍ମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଗ୍ୟାସ କମ୍ପାନୀର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଖାଉଟିମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ପାଇଁ ଶ୍ରୀ ସିଂହ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବିଭିନ୍ନ ସ୍ଥାନରେ ୫ କିଗ୍ରା ବିଶିଷ୍ଟ ସିଲିଣ୍ଡର ବିନା ସୁରକ୍ଷା ଗ୍ୟାରେଣ୍ଟିରେ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଏନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନିୟମିତ ବ୍ୟବଧାନରେ ଗ୍ୟାସ ସିଲିଣ୍ଡରର କଳାବଜାରୀ କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଶ୍ରୀ ସିଂହ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ନିରବଚ୍ଛିନ୍ନ ରଖିବା ପାଇଁ ଗ୍ୟାସ କମ୍ପାନୀମାନଙ୍କୁ ପତ୍ର ଲେଖି ଯୋଗାଣର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଇଣ୍ଡିଆନ୍ ଅଏଲ୍‌ର ମୁଖ୍ୟ ପରିଚାଳକ ନାରୋ ଟଣ୍ଡପ, ଏଚ୍‌ପିସିଏଲ୍‌ର ଡେପୁଟି ଜେନେରାଲ୍ ମ୍ୟାନେଜର ଏମ୍ ଶ୍ରୀନିବାସନ୍, ବିପିସିଏଲ୍‌ର ରାଜ୍ୟ ଶାଖା ମୁଖ୍ୟ ରାଜକୁମାର ସିଂ, ଆଇଓସିଏଲ୍‌ର ମୁଖ୍ୟ ପରିଚାଳକ କେସି ସେଠ୍ ଏବଂ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସଲାଉଦ୍ଦିନ୍ ଖାନ୍ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଏନ୍‌ଏଫ୍‌ଏସ୍‌ୟୁ ସ୍ଥାପନ ନେଇ ବୈଠକ

**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠସ୍ଥ ଜଟଣୀଠାରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନ୍‌ଏଫ୍‌ଏସ୍‌ୟୁ) ପ୍ରତିଷ୍ଠା ନେଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ବୈଠକରେ ଅଧ୍ୟକ୍ଷତା କରିବା ସହ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଅଗ୍ରଗତି ନେଇ ସମୀକ୍ଷା କରି ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଶ୍ରୀ ସାହୁ ଭୁବନେଶ୍ୱରରେ ଏନ୍‌ଏଫ୍‌ଏସ୍‌ୟୁର ସ୍ଥାୟୀ କ୍ୟାମ୍ପସ ସ୍ଥାପନର ପ୍ରଗତି ଓ ଏହି ୟୁନିଭର୍ସିଟିର ସାମ୍ପ୍ରତିକ କାର୍ଯ୍ୟକଳାପ ସହ ଭବିଷ୍ୟତ ଯୋଜନା ସମ୍ପର୍କିତ ଆଲୋଚନା କରିଛନ୍ତି। ଏଥିସହ ସେ ଓଡ଼ିଶାରେ ଅପରାଧ ବିଧି ବିଜ୍ଞାନର କ୍ଷମତା ବୃଦ୍ଧି କରି ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବିଶେଷ ଆଲୋଚନା କରିଛନ୍ତି। ଏହାଛଡ଼ା ଏନ୍‌ଏଫ୍‌ଏସ୍‌ୟୁ ସହାୟତାରେ ଓଡ଼ିଶା ଅପରାଧ ବିଧି ବିଜ୍ଞାନଗାରରେ ବିଚାରାଧୀନ ନମୁନା ସଂଖ୍ୟା ହ୍ରାସ କରିବା ସହ ଓଡ଼ିଶା ଅପରାଧ ବିଧି ବିଜ୍ଞାନଗାରରେ ଅଧିକାରୀ, ପୁଲିସ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ପାଇଁ ଏନ୍‌ଏଫ୍‌ଏସ୍‌ୟୁ ଦ୍ୱାରା ଉନ୍ନତ ମାନର ପ୍ରଶିକ୍ଷଣ ପ୍ରଦାନ ଉପରେ ମଧ୍ୟ ବିଶେଷ ଆଲୋଚନା କରାଯାଇଛି।

**ଅସ୍ଥାୟୀ କ୍ୟାମ୍ପସ୍‌ରେ ପାଠପଢ଼ା ଆରମ୍ଭ ହୋଇସାରିଛି**

ବୈଠକରୁ ଜଣାପଡ଼ିଛି ଯେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜଟଣୀର ଗଡଡ଼କାଶିପୁର ଓ ଅଳକାରଠାରେ ଏକ ସ୍ଥାନ ଯୋଗାଇ ଦିଆଯାଇଛି। ଏହା ଗୁଜରାଟର ଅହମ୍ମଦାବାଦଠାରେ ଥିବା ଏନ୍‌ଏଫ୍‌ଏସ୍‌ୟୁର ଏକ ଶାଖା ଜଟଣୀଠାରେ ପ୍ରତିଷ୍ଠା କରାଯାଉଛି। କିନ୍ତୁ ବିଶ୍ୱବିଦ୍ୟାଳୟର ଗୃହ ନିର୍ମାଣରେ ସମୟ ଲାଗୁଥିବାରୁ ଭୁବନେଶ୍ୱରର ମଞ୍ଚେଶ୍ୱରଠାରେ ଚଳିତ ବର୍ଷଠାରୁ ଏକ ଅସ୍ଥାୟୀ କ୍ୟାମ୍ପସ୍‌ରେ ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଛି ଓ ପ୍ରଥମ ବର୍ଷର ପାଠପଢ଼ା ମଧ୍ୟ ଆରମ୍ଭ ହୋଇଛି। ଏଠାରେ ୮ ଜଣ ଅଧ୍ୟାପକ, ୧୧ ଜଣ ପ୍ରଶାସନିକ ଅଧିକାରୀ, ୫ ଜଣ ପିଏଚଡି ସ୍କଲାର କାର୍ଯ୍ୟ କରୁଛନ୍ତି। ଆଜିର ବୈଠକରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ନୂଆଦିଲ୍ଲୀର ଏନ୍‌ଏଫ୍‌ଏସ୍‌ୟୁର ନିର୍ଦ୍ଦେଶିକା ପୂରବୀ ପୋଖାରୀୟା, ଏସଏଫଏସଏଲର ନିର୍ଦ୍ଦେଶିକା ଡକ୍ଟର ସନ୍ତୋଷ ବାଲା, ସ୍ୱତନ୍ତ୍ର ଶାସନ ସଚିବ ଆରକେ ଶର୍ମା ଓ ସୁବାସ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଭି କଳିଙ୍ଗନଗରରେ 'ଏକ୍ସପୋଜିସିଓ ଷ୍ଟୁଡେଣ୍ଟିୟମ୍' ପ୍ରଦର୍ଶିତ




**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** ଡିଏଭି କଳିଙ୍ଗନଗର ଠାରେ ଶିଶୁ ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କ ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନ ନିମନ୍ତେ ପ୍ରଥମଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପ୍ରକଳ୍ପ 'ଏକ୍ସପୋଜିସିଓ ଷ୍ଟୁଡେଣ୍ଟିୟମ୍' ପ୍ରଦର୍ଶିତ ହୋଇଛି। ସ୍ଥାନୀୟ ଓୟୁଟିଆର୍, ଏକାଡେମିକ୍ ଆଫେୟାର୍ସର ଡିନ୍ ଡ. ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିବା ସହ ଏହା ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାର ଏକ ମାଧ୍ୟମ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ପ୍ରଦର୍ଶନୀରେ ୬୦୦ରୁ ଊର୍ଦ୍ଧ୍ୱ ପିଲାଙ୍କ ଦ୍ୱାରା ୧୪ଟି ବିଷୟରେ ପ୍ରସ୍ତୁତ ହୋଇଥିବା ୩୯୭ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ମଦନ ମୋହନ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ପିଲାମାନଙ୍କୁ ବିଜ୍ଞାନମନସ୍କ ହେବା ପାଇଁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଷୟର ବିଶାରଦମାନଙ୍କ ଦ୍ୱାରା ପ୍ରକଳ୍ପଗୁଡ଼ିକୁ ନିରୀକ୍ଷଣ କରାଯାଇ ମୂଲ୍ୟାଙ୍କନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବଳରାମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରକଳ୍ପ ପ୍ରଦର୍ଶନୀକୁ ଅଭିଭାବକମାନେ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଛନ୍ତି।

# ପିସିସି ପାଳିଲା ନେହରୁଙ୍କ ଜୟନ୍ତୀ

**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** ଆଜି ପିସିସି ପକ୍ଷରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଣ୍ଟିନ ଛକ ନେହରୁ ପାର୍କସ୍ଥିତ ଓ ପରେ କଂଗ୍ରେସ ଭବନସ୍ଥିତ ପଣ୍ଡିତ ନେହରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ



ପଟ୍ଟନାୟକ, ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, କିଶୋର ଜେନା, ଦେବାଶିଷ ପଟ୍ଟନାୟକ, ପ୍ରକାଶ ଜେନା, ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ମାହାଙ୍ଗା ବିଧାୟକ ପାଳିଲେ ବିଜୟ ଉତ୍ସବ



**ନିଶ୍ଚିନ୍ତକୋଇଲି, ୧୪।୧୧ (ସଂଚାର ବ୍ୟୁରୋ):** ନୂଆପଡ଼ା ନିର୍ବାଚନରେ ବିଜେପି ରେକର୍ଡ ବ୍ୟବଧାନରେ ବିଜୟୀ ହେବା ପରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ନିଶ୍ଚିନ୍ତକୋଇଲି ବଜାରରେ ଦଳୀୟ କର୍ମୀମାନଙ୍କୁ ନେଇ ବିଜୟ ଉତ୍ସବ ପାଳନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ଏହି ବିଜୟ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ପାଇଁ ହିଁ ସମ୍ଭବ ହୋଇପାରିଛି ବୋଲି କହିବା ସହ ନବନିର୍ବାଚିତ ବିଧାୟକ ଜୟ ଢୋଲକିଆଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଛକରୁ ବଜାର ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ବିଜୟ ଉତ୍ସବରେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ମିହିର ମିଶ୍ର, 'ଆତ୍ମା' ସଭାପତି ଅଶୋକ ସାହୁ, ଦେବେନ୍ଦ୍ର ସାହୁ, ରବୀନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

● ଓଡ଼ିଶା ବରିଷ୍ଠ ପୁଲିସ୍ ଅଧିକାରୀ ମହିଳା କ୍ଲବ୍‌ର ବାର୍ଷିକ ଉତ୍ସବ

# ଜିଲ୍ଲା ଓ ବାଟାଲିୟନ୍‌ରେ ବି କାର୍ଯ୍ୟକ୍ଷମ ହେବ: ଡିଜିପି




**କଟକ, ୧୪।୧୧ (ସଂଚାର ବ୍ୟୁରୋ):** ଆଜି କଟକସ୍ଥିତ ତୁଳସୀପୁର ପୁଲିସ କଲୋନୀଠାରେ ଓଡ଼ିଶା ବରିଷ୍ଠ ପୁଲିସ ଅଧିକାରୀ ମହିଳା କ୍ଲବ୍‌ର ୨୫ତମ ବାର୍ଷିକ ଉତ୍ସବ ତଥା ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ଲବ ଦୀର୍ଘ ୨୫ ବର୍ଷ ଧରି ସେବା, ସମ୍ପର୍କ ଓ ସାମାଜିକ ଦାୟିତ୍ୱବୋଧର ଉଦାହରଣ ସୃଷ୍ଟି କରିବା ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଡିଜିପି ଶ୍ରୀ ଖୁରାନିଆ ମତ ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ପୁଲିସ ପରିବାର କଲ୍ୟାଣ କେନ୍ଦ୍ରକୁ କଟକ- ଭୁବନେଶ୍ୱର ମଧ୍ୟରେ ସୀମିତ ନ ରଖି ସମସ୍ତ ଜିଲ୍ଲା ଓ ବାଟାଲିୟନରେ କାର୍ଯ୍ୟକ୍ଷମ କରାଯିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ ବୋଲି ନିଜ ଅଭିଭାଷଣରେ ଡିଜିପି କହିଥିଲେ। ଏହା ସହ ପୁଲିସ କଲୋନୀରେ ବସବାସ କରୁଥିବା ପିଲାଙ୍କର ଦକ୍ଷତା ବିକାଶ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ଏହାସହ ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏହାସହ ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ରର ସାମୁହିକ ବିକାଶ, ନବୀକରଣ ଭଳି ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସିନିୟର ଅଫିସର୍ସ ଲେଡିଜ କ୍ଲବ ବିଗତ ଦିନମାନଙ୍କରେ ଅନେକ ଜନମଙ୍ଗଳ କାର୍ଯ୍ୟକ୍ରମ କରି ବେଶ୍ ସୁନାମ ଅର୍ଜନ କରିଛି। ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବାକୁ ଡିଜିପି ଶ୍ରୀ ଖୁରାନିଆ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କ୍ରାଇମବ୍ରାଞ୍ଚ୍ ଏସ୍‌ପି ବିନୟତୋଷ ମିଶ୍ର ଯୋଗ ଦେଇ ପୁଲିସ ପରିବାର କଲ୍ୟାଣ କେନ୍ଦ୍ରର ସମାଜ ପ୍ରତି ଥିବା ମହନୀୟ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହାଛଡ଼ା ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଡିଜିପି (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ପରିବାର କଲ୍ୟାଣ କେନ୍ଦ୍ର କ୍ଲବ୍‌ର ସଭାପତି ରୁଚିରା ଖୁରାନିଆ ପୁଲିସ ପରିବାର କଲ୍ୟାଣ କେନ୍ଦ୍ରର ଆଭିମୁଖ୍ୟ ଓ ଆଗାମୀ ଦିନର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଓଡ଼ିଶା ବରିଷ୍ଠ ପୁଲିସ ଅଧିକାରୀ ମହିଳା କ୍ଲବର ସମ୍ପାଦକ ସୋନାଲୀ ମହାନ୍ତି ଧନ୍ୟବାଦ ଦେଇଥିବା ବେଳେ ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ରର ସମ୍ପାଦକ ସବିତା ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ୍‌ର ସମସ୍ତ ସଦସ୍ୟା, ବରିଷ୍ଠ ପୁଲିସ ଅଧିକାରୀ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ

# ସମନ୍ କରିବ ସିବିଆଇ

**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାରେ ସିବିଆଇ ଖୁବଶୀଘ୍ର ସମନ୍ କରିବ। ମାମଲାରେ ପରୋକ୍ଷ-ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବା ବ୍ୟକ୍ତିଙ୍କୁ ହାଜର ଲାଗି ନୋଟିସ୍ କରାଯିବ। ତଦନ୍ତ ପରିସରଭୁକ୍ତ ହେବାକୁ ଥିବା ବ୍ୟକ୍ତିଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଆନ୍ତଃରାଜ୍ୟ କ୍ରାଇମ୍ ସିଣ୍ଡିକେଟର ଗୁମର ଖୋଲିବ ସିବିଆଇ। ଏଥିସହ ଓପିଆରବିର ଅଧିକାରୀଙ୍କୁ ପଚରାଉଚରା କରିବ। ପ୍ରଶ୍ନପତ୍ର ପ୍ରସ୍ତୁତ ପାଇଁ ଚୟନ ପ୍ରକ୍ରିୟା, ପରୀକ୍ଷା ପରିଚାଳନରେ ସ୍ୱଚ୍ଛତା ସିଣ୍ଡିକେଟ ସହ ଲିଙ୍କ ଆଦିର ବିସ୍ତୃତ ଖୋଳତାଡ଼ କରିବ ସିବିଆଇ। ସିବିଆଇ ବ୍ରହ୍ମପୁର ଯାଇ ମାମଲା ସଂକ୍ରାନ୍ତରେ ଖୋଳତାଡ଼ କରିବ। ପରୀକ୍ଷା ଲାଗି ହୋଇଥିବା ୧୦୦୦ କୋଟି ଡିଲର ଖିଅ ଖୋଲିବାକୁ ସିବିଆଇ ତଦନ୍ତକୁ ଜୋରଦାର କରୁଛି। ଏଥିସହ ମାଷ୍ଟରମାଇଣ୍ଡ ଶଙ୍କର ଓ ସିଲିକନ ଟେକ୍ ଲ୍ୟାବ୍‌ର ନିର୍ଦ୍ଦେଶକ ସୁରେଶ ନାୟକ ସମେତ କିଛି ଦଲାଲଙ୍କୁ ରିମାଣ୍ଡରେ ନେଇ ପୁଣି ଥରେ ଜେରା କରିବାକୁ ସିବିଆଇ ଯୋଜନା କରୁଛି। ଅତିରିକ୍ତ ଏସ୍ ପି ବି ସାମଲଙ୍କ ଟିମ୍ କରୁଛି କ୍ରାଇମ୍ ବ୍ରାଞ୍ଚ ଦେଇଥିବା ମାମଲା ସମ୍ପର୍କିତ ଡକ୍ୟୁମେଣ୍ଟ ଓ ପ୍ରମାଣ ଯାଞ୍ଚ। ଆନ୍ଧ୍ରପ୍ରଦେଶ, କୋଲକାତା, ଛତିଶଗଡ଼ ଓ ଦିଲ୍ଲୀକୁ ମହାଦୁର୍ନୀତିର ଚେର ଲମ୍ବିଥିବା ସନ୍ଦେହ କରାଯାଉଛି। ତେଣୁ ଆନ୍ତଃରାଜ୍ୟ ଲିଙ୍କ୍ ଓ ମାମଲାରେ କିଛି ବରିଷ୍ଠ ଅଧିକାରୀ ଓ ପ୍ରଭାବଶାଳୀଙ୍କ ସମ୍ପୃକ୍ତି ନେଇ ଆଲୋଚନା ହେଉଛି।

# ପରିବର୍ତ୍ତନ ଚାହାନ୍ତିନି ଭୋଟର

ବିହାରର ରାଜନୈତିକ ଇତିହାସ ସର୍ବଦା ଆଶ୍ଚର୍ଯ୍ୟଜନକ। ୨୦୨୫ ବିଧାନସଭା ନିର୍ବାଚନରେ ମଧ୍ୟ ଏହାର ଅପବାଦ ହୋଇନାହିଁ। ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଏନଡିଏ ଗଠବନ୍ଧନ ପୁଣି ଥରେ ବିପୁଳ ବିଜୟ ହାସଲ କରିଛି। ମହାଗଠବନ୍ଧନର ତେଜସ୍ୱୀ



ଯାଦବଙ୍କ ନେତୃତ୍ୱରେ ଯେଉଁ ପରିବର୍ତ୍ତନର ଲହର ଉଠିଥିଲା, ତାହା ଭୋଟରମାନଙ୍କ ମନରେ ଗଭୀର ପ୍ରଭାବ ପକାଇପାରିନଥିଲା। ବିହାରର ଭୋଟରମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ ସେମାନେ ପରିବର୍ତ୍ତନ ଚାହାନ୍ତି ନାହାନ୍ତି। ଏହା କାହିଁକି ଘଟିଲା? ଏହି ପ୍ରଶ୍ନର ଉତ୍ତର ବିହାରର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବାସ୍ତବତାରେ ଲୁଚି ରହିଛି।

ନୀତିଶ କୁମାରଙ୍କ ଶାସନର ସ୍ଥିରତା ଓ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକ ଭୋଟରମାନଙ୍କୁ ଆକୃଷ୍ଟ କରିଛି। ଗତ ୧୫ ବର୍ଷରେ ବିହାରରେ ରାସ୍ତାଘାଟ, ବିଦ୍ୟୁତ୍ ଓ ଶିକ୍ଷା କ୍ଷେତ୍ରରେ ଯେତିକି ଉନ୍ନତି ହୋଇଛି, ତାହା ଅସ୍ୱୀକାର କରିବା କଷ୍ଟକର। ଗ୍ରାମାଞ୍ଚଳରେ ପକ୍କା ରାସ୍ତା, ସବୁ ଘରେ ବିଦ୍ୟୁତ୍ ସଂଯୋଗ ଓ ସରକାରୀ ବିଦ୍ୟାଳୟଗୁଡ଼ିକର ଉନ୍ନତି ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରିଛି। ମହିଳା ଭୋଟରମାନେ ବିଶେଷ ଭାବେ ନୀତିଶଙ୍କ ମଦ୍ୟପାନ ନିଷେଧ ନୀତିକୁ ସମର୍ଥନ କରିଛନ୍ତି। ଏହା ପରିବାରରେ ଶାନ୍ତି ଓ ଅର୍ଥନୈତିକ ସ୍ଥିରତା ଆଣିଛି। ତେଜସ୍ୱୀଙ୍କ ନୋକରୀ ପ୍ରତିଶ୍ରୁତି ଯୁବକମାନଙ୍କୁ ଆକର୍ଷିତ କରିଥିଲା ବଟେ, କିନ୍ତୁ ତାହା ବାସ୍ତବକୁ ରୂପାନ୍ତରିତ ହେବାର ବିଶ୍ୱାସ ସୃଷ୍ଟି କରିପାରିନଥିଲା।

ବିହାରର ଜାତିଗତ ସମୀକରଣ ପରିବର୍ତ୍ତନକୁ ରୋକିଛି। ନୀତିଶ କୁମାର ଅତ୍ୟନ୍ତ ଦକ୍ଷତାର ସହ ଏହି ସମୀକରଣକୁ ନିୟନ୍ତ୍ରଣ କରିଛନ୍ତି। କୁର୍ମୀ, ଅତ୍ୟନ୍ତ ପଛୁଆ ଓ ମହାଦଳିତ ଭୋଟଗୁଡ଼ିକ ତାଙ୍କ ପାଖରେ ରହିଛି। ବିଜେପିର ହିନ୍ଦୁତ୍ୱ ଓ ଉଚ୍ଚ ଜାତିର ସମର୍ଥନ ଏହାକୁ ଆହୁରି ମଜବୁତ କରିଛି। ଅନ୍ୟପକ୍ଷରେ, ମହାଗଠବନ୍ଧନରେ ଯାଦବ ଓ ମୁସଲମାନ ଭୋଟ ଏକାଠି ହୋଇଥିଲା ବଟେ, କିନ୍ତୁ ଅନ୍ୟ ଜାତିଗୁଡ଼ିକର ସମର୍ଥନ ମିଳିନଥିଲା। ବିହାରର ଭୋଟରମାନେ ଜାତିଗତ ନିରାପତ୍ତାକୁ ପରିବର୍ତ୍ତନର ଝୁଙ୍କ ଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି।

ତୃତୀୟତଃ, ଅର୍ଥନୈତିକ ଅସ୍ଥିରତା ଓ କେନ୍ଦ୍ରର ସମର୍ଥନ ନୀତିଶଙ୍କୁ ଲାଭ ଦେଇଛି। ବିହାର ଏକ ଦରିଦ୍ର ରାଜ୍ୟ। ଏଠାରେ ପରିବର୍ତ୍ତନର କଥା କହିଲେ ଲୋକେ ଭୟ କରନ୍ତି। ନୂଆ ସରକାର ଆସିଲେ ବିକାଶ କାର୍ଯ୍ୟ ଅଟକିଯିବ ବୋଲି ଚିନ୍ତା କରନ୍ତି। କେନ୍ଦ୍ରରେ ବିଜେପି ସରକାର ଥିବାରୁ ନୀତିଶଙ୍କୁ ଅଧିକ ଅନୁଦାନ ମିଳୁଛି। ଏହା ସ୍ଥାନୀୟ ନେତାମାନଙ୍କୁ ମଧ୍ୟ ସନ୍ତୁଷ୍ଟ କରିଛି। ତେଜସ୍ୱୀଙ୍କ ଦଳ କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ ହେବ ବୋଲି ପ୍ରଚାର ଭୋଟରମାନଙ୍କୁ ପ୍ରଭାବିତ କରିଛି।

ନିର୍ବାଚନୀ ପ୍ରଚାରରେ ନୀତିଶଙ୍କ ଅଭିଜ୍ଞତା ଓ ବିଶ୍ୱାସଯୋଗ୍ୟତା ଗୁରୁତ୍ୱପୂର୍ଣ୍ଣ ହୋଇଛି। ତାଙ୍କର ପଲଟା ରାଜନୀତି ସତ୍ତ୍ୱେ ଲୋକେ ତାଙ୍କୁ ବିଶ୍ୱାସ କରନ୍ତି। ଅନ୍ୟପକ୍ଷରେ, ତେଜସ୍ୱୀ ଯୁବ ନେତା ହେଲେ ମଧ୍ୟ ତାଙ୍କର ଦଳର ଅଭିଜ୍ଞତା ଅଭାବ ଓ ଲାଲୁଙ୍କ ଜଙ୍ଗଲରାଜର ସ୍ମୃତି ଭୋଟରମାନଙ୍କୁ ଦୂରେଇ ରଖିଛି।

ବିହାରର ଭୋଟରମାନେ ପରିବର୍ତ୍ତନ ଚାହାନ୍ତି ନାହାନ୍ତି କାରଣ ସେମାନେ ସ୍ଥିରତା ଓ ନିରାପତ୍ତାକୁ ଅଧିକ ମୂଲ୍ୟ ଦିଅନ୍ତି। ଏହା ଏକ ସଚେତନ ନିଷ୍ପତ୍ତି। କିନ୍ତୁ ଏହା ବିହାରର ବିକାଶକୁ ଅଟକାଇ ରଖିବ ନାହିଁ। ନୀତିଶଙ୍କୁ ଏବେ ଅଧିକ ଦାୟିତ୍ୱ ନେବାକୁ ପଡ଼ିବ। ଯୁବକମାନଙ୍କ ନିମନ୍ତେ ନୋକରୀ, ଶିକ୍ଷା ଓ ଉଦ୍ୟୋଗର ଆବଶ୍ୟକତା ରହିଛି। ଯଦି ଏହା ପୂରଣ ନ ହେଲା, ତେବେ ପରବର୍ତ୍ତୀ ନିର୍ବାଚନରେ ପରିବର୍ତ୍ତନର ଲହର ଅଟକାଇବା କଷ୍ଟ ହେବ। ବିହାରର ଭବିଷ୍ୟତ ଏବେ ନୀତିଶଙ୍କ ହାତରେ।

# ପଣ୍ଡିତ ନେହେରୁଙ୍କ ପ୍ରିୟ ଥିଲେ ଶିଶୁ କଳିକା


ସନ୍ତୋଷ କୁମାର ଦାଶ




ଆମ ଦେଶ ର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ସବୁବେଳେ ଶିଶୁ କଳିକା ମାନଙ୍କୁ ଭଲ ପାଉଥିଲେ। ସେଥିପାଇଁ ତାଙ୍କ ଜନ୍ମ ଦିନ କୁ ସାରା ଦେଶ ରେ ଶିଶୁ ଦିବସ ଭାବେ ପାଳନ କରାଯାଇ ଆସୁଛି।ସେ ସବୁବେଳେ କହୁଥିଲେ, ମରିବାକୁ ଚାହେଁ ମୁହିଁ ସୁନ୍ଦର ଭୁବନେ ,ବଞ୍ଚିବାକୁ ଚାହେଁ ମୁହିଁ ଶିଶୁଙ୍କ ଗହଣେ । ତାଙ୍କ ହୃଦୟ ଥିଲା ଶିଶୁଙ୍କ ପରି ସ୍ୱଚ୍ଛ ଓ ନିର୍ମଳ। ଶିଶୁ ମାନେ ଥିଲେ ତାଙ୍କ ହୃଦୟର ଅନ୍ତରଙ୍ଗ ବନ୍ଧୁ। ଶିଶୁମାନଙ୍କ ଉଦ୍ଦେଶ୍ୟରେ ସେ ନିଜର ଜୀବନର କାହାଣୀ ଶୁଣାଇବାକୁ ଯାଇ କହିଛନ୍ତି, "ତୁମ୍ଭମାନଙ୍କ ସହିତ ଗପକଲେ ମୁଁ ଜୀବନର ସକଳ ଦୁଃଖ ଭୁଲିଯାଏ। ମୁଁ ଭୁଲିଯାଏ ମୋର ବୟସ କୁ ,ମୋର ସୁନ୍ଦର ସରସ ଶୈଶବ ପୁଣିଥରେ ଫେରି ଆସେ ମୋର ଚିନ୍ତନ କୁ।ମୋର ସୁନ୍ଦର ଅତୀତ ବର୍ତ୍ତମାନ ଭଳି ମୋ ଆଗରେ ଦେଖାଦିଏ। ତୁମ୍ଭ ମାନଙ୍କର ସାନ୍ନିଧ୍ୟ ଲାଭରେ ମୁଁ ମୋର ଜଞ୍ଜାଳମୟ ଅଫିସ୍ କାମରୁ ଫେରି ଆସିଥାଏ ଏଇ ସୁନ୍ଦର ପୃଥିବୀକୁ।ଯେଉଁଠାରେ ଥାଏ ପ୍ରକୃତିର ଅପରୂପ କଢ଼ୀ, ସୁନ୍ଦର ଫୁଲ, ଫଳ, ବୃକ୍ଷ, ବନ, ପର୍ବତ ତଥା ପକ୍ଷୀମାନଙ୍କ ସୁନ୍ଦର କାକଳୀର ସମାହାର। ପଣ୍ଡିତ ନେହେରୁ ବୁଝିଥିଲେ ଶିଶୁମାନେ ହେଉଛନ୍ତି ସରଳ ,କୋମଳ ଓ ନିଷ୍ପାପ ହୃଦୟ ର । ଶିଶୁମାନଙ୍କ ଠାରୁ ପ୍ରକୃତରେ ଶାନ୍ତି ଓ ଆନନ୍ଦ ମିଳିଥାଏ। ସେଥିପାଇଁ ସେ ନିଜକୁ ଶିଶୁ ମାନଙ୍କ ପରି ନିଷ୍ପାପ ଓ କୋମଳ ହୃଦୟ କରି ଗଢ଼ି ତୋଳି ଥିଲେ। ପ୍ରାଣଭରି ଶିଶୁମାନଙ୍କୁ ସେ ଭଲ ପାଉଥିଲେ। ଯାହାକୁ ଲକ୍ଷ୍ୟକରି ଜାତିର ପିତା ମହାତ୍ମାଗାନ୍ଧୀ କହିଥିଲେ 'ନେହେରୁ ଙ୍କ ମନ ଓ ହୃଦୟ ସ୍ଫଟିକ ପରି ସ୍ୱଚ୍ଛ' । ଚାଚା ନେହେରୁ ଙ୍କର ଜନ୍ମ ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ଆହ୍ଲାବାଦ ର ଆନନ୍ଦ ଭବନ ରେ ହୋଇଥିଲା। ତାଙ୍କ ମାତା ଙ୍କ ନାମ ସ୍ୱରୂପାରାଣୀ ଓ ପିତା ଙ୍କ ନାମ ମୋତିଲାଲ ଥିଲା। ପିତା ମୋତିଲାଲ ଥିଲେ ଜଣେ ପ୍ରସିଦ୍ଧ ଆଇନଜିବୀ। ୧୫ ବର୍ଷ ବୟସରେ ଉଚ୍ଚଶିକ୍ଷା ଲାଭପାଇଁ ସେ ଲଣ୍ଡନ ଯାତ୍ରା କରିଥିଲେ । କେମ୍ବ୍ରିଜର ଟ୍ରିନିଟ୍ କଲେଜରେ ଅଧ୍ୟୟନ କରିବା ସହ ଓକିଲାତି ପାଶ କରି ବାରିଷ୍ଟର ମଧ୍ୟ ହୋଇ ପାରିଥିଲେ। ଭାରତ ଫେରିବା ପରେ ଟଙ୍କା ଉପାର୍ଜନ ମୋହ ଭୁଲି ମହାତ୍ମା ଗାନ୍ଧୀ ଙ୍କ ନେତୃତ୍ୱରେ ଆଫ୍ରିକାରେ ସଂଗଠିତ ଘଟଣାବଳୀ ଓ ଭାରତର ଘଟଣାମାନ ଖବର କାଗଜ ରୁ ପଢ଼ିବା ସହ ଗାନ୍ଧି ଙ୍କ ଅହିଂସା ନୀତି ପ୍ରତି ଆକୃଷ୍ଟ ହୋଇ ସ୍ୱାଧିନତା ସଂଗ୍ରାମରେ ସାମିଲ ହୋଇ ଥିଲେ। ୧୯୧୮ରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ୧୯୨୭ ମସିହା ରେ ସୋଭିଏତ ରୁଷ ଉପରେ ପୁସ୍ତକ ଲେଖି ବନ୍ଦୀ ହୋଇଥିଲେ ଏବଂ ପରେ ମୁକ୍ତ ହୋଇଥିଲେ । ୧୯୨୯ ମସିହା ରେ କଂଗ୍ରେସର ସାଧାରଣ ସମ୍ପାଦକ ତଥା ସଭାପତି ହୋଇଥିଲେ। ୧୯୩୦ ମସିହା ରେ ଗାନ୍ଧି ଙ୍କ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇ ବନ୍ଦୀ ହୋଇ ମୁକ୍ତ ହୋଇ ଥିଲେ। ୧୯୩୬ ମସିହା ରେ ସେ ଜାତୀୟ କଂଗ୍ରେସ ର ସଭାପତି ହୋଇଥିଲେ। ୧୯୪୦ ମସିହା ଓ ୧୯୪୧ ମସିହା ରେ ସେ କାରାବରଣ କରିଥିଲେ । ୧୯୪୭ ଅଗଷ୍ଟ ୧୫ ତାରିଖ ରେ ଆମ ଦେଶ ସ୍ୱାଧିନ ହେଲା। ସର୍ବସମ୍ମତି କ୍ରମେ ପଣ୍ଡିତ ଜବାହାରଲାଲ ନେହେରୁ ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ହିସାବରେ ତାଙ୍କର ସ୍ଥାନ ଥିଲା ଅଦ୍ୱିତୀୟ । ସଫଳତାର ସହ ସେ ୧୮ ବର୍ଷ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। 'ପଞ୍ଚଶୀଳ' ନୀତି ପୃଥିବୀକୁ ତାଙ୍କର ପ୍ରଧାନ ଅବଦାନ । ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ସେ ଜାତିସଂଘରେ ନିଜର ମତ ଉପସ୍ଥାପନ କରିଥିଲେ। ଏକ ଅନୁଧ୍ୟାନ ରୁ ଜଣାପଡ଼ିଛି ଯେ, ମହାତ୍ମାଗାନ୍ଧୀଙ୍କ ପରେ ଜବାହାର ଲାଲ ନେହେରୁ ଭାରତର ସର୍ବାଧିକ ଜନପ୍ରିୟ ନେତାଥିଲେ।ସେ ବୁଝିଥିଲେ ଆଜିର ଶିଶୁ କାଲି ର ନାଗରିକ। ତେଣୁ ସେ ଶିଶୁ ମାନଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ।ଆସନ୍ତୁ ସମସ୍ତେ ଶିଶୁ ମାନଙ୍କୁ ଭଲ ପାଇବା ଆଉ ସେମାନଙ୍କୁ ଜଣେ ଜଣେ ସୁ ନାଗରିକ କରି ଗଢ଼ି ତୋଳିବା। ଏହାହିଁ ହେବ ଚାଚା ନେହେରୁ ଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଭାରତ ମାତା କି ଜୟ।


ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮




# ଭଗବାନ ବିର୍ସା ମୁଣ୍ଡା ଜୟନ୍ତୀ




ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)


ଝାଡଖଣ୍ଡ ଏବଂ ଭାରତର ଅନ୍ୟାନ୍ୟ ସ୍ଥାନରେ ବିର୍ସା ମୁଣ୍ଡାଙ୍କୁ ଦେବତା ସଦୃଶ ବ୍ୟକ୍ତିତ୍ୱ ଭାବରେ ଅନେକ ଲୋକ ପୂଜା କରନ୍ତି। ତାଙ୍କର ଐତିହ୍ୟ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଦିବାସୀ ନେତା ଭାବରେ ତାଙ୍କ ଭୂମିକାଠାରୁ ଅଧିକ ବ୍ୟାପିଛି ଏବଂ ତାଙ୍କୁ ପ୍ରାୟତଃ ଅତ୍ୟାଚାର ଏବଂ ଶୋଷଣ ବିରୁଦ୍ଧରେ ପ୍ରତିରୋଧର ପ୍ରତୀକ ଭାବରେ ପୂଜା କରାଯାଏ। ତାଙ୍କ ମୃତ୍ୟୁ ପରେ, ବିର୍ସା ମୁଣ୍ଡାଙ୍କ ଅନୁଗାମୀମାନେ ତାଙ୍କୁ ଦେବତା ଭାବରେ ପୂଜା କରିବା ଆରମ୍ଭ କଲେ, ବିଶ୍ୱାସ କଲେ, ବିଶ୍ୱାସ କରି ସେ ଆଦିବାସୀ ଅଧିକାର ଏବଂ ସ୍ୱାଧୀନତା ପାଇଁ ତାଙ୍କ ଜୀବନ ବଳିଦାନ ଦେଇଛନ୍ତି। ବିର୍ସା ମୁଣ୍ଡା ସମ୍ପ୍ରଦାୟ, ଯାହାକୁ ବିର୍ସାଇ ଆନ୍ଦୋଳନ ମଧ୍ୟ କୁହାଯାଏ, ଛୋଟନାଗପୁର ଅଞ୍ଚଳରେ ଲୋକପ୍ରିୟତା ହାସଲ କଲା ଏବଂ ତାଙ୍କ ଅନୁଗାମୀମାନେ ତାଙ୍କ ସମ୍ମାନାର୍ଥେ ମନ୍ଦିର ଏବଂ ମନ୍ଦିର ନିର୍ମାଣ କରିବା ଆରମ୍ଭ କଲେ। ଅନେକ ଲୋକ ବିଶ୍ୱାସ କରନ୍ତି ଯେ ବିର୍ସା ମୁଣ୍ଡା ଦିବ୍ୟ ଶକ୍ତିର ଅଧିକାରୀ ଥିଲେ ଏବଂ ସେ ଦେବତାମାନଙ୍କର ଦୂତ ଥିଲେ। ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ, ସେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରୁଥିଲେ ଏବଂ ରୋଗୀମାନଙ୍କୁ ସୁସ୍ଥ କରିପାରୁଥିଲେ ଏବଂ ତାଙ୍କ ଅନୁଗାମୀମାନେ ବିଶ୍ୱାସ କରୁଥିଲେ ଯେ ତାଙ୍କ ପାଖରେ ସେମାନଙ୍କୁ କ୍ଷତିରୁ ରକ୍ଷା କରିବାର ଶକ୍ତି ଥିଲା। ଝାଡଖଣ୍ଡ ଏବଂ ଭାରତା ଅନ୍ୟାନ୍ୟ ସ୍ଥାନାରେ ବିର୍ସା ମୁଣ୍ଡାଙ୍କ ପାଇଁ ଉତ୍ସର୍ଗୀକୃତ ଅନେକ ମନ୍ଦିର ଏବଂ ମନ୍ଦିର ଅଛି। ଏଥିମଧ୍ୟରୁ ସବୁଠାରୁ ପ୍ରସିଦ୍ଧ ହେଉଛି ରାଞ୍ଚିର ବିର୍ସା ମୁଣ୍ଡା ମନ୍ଦିର, ଯାହାକୁ ତାଙ୍କ ଅନୁଗାମୀମାନେ ଏକ ପବିତ୍ର ସ୍ଥାନ ବୋଲି ବିବେଚନା କରନ୍ତି। ବିର୍ସା ମୁଣ୍ଡା ଅନୁଗାମୀମାନେ ତାଙ୍କ ସମ୍ମାନରେ ଅନେକ ପର୍ବ ଏବଂ ରୀତିନୀତି ପାଳନ କରନ୍ତି, ଯେଉଁଥିରେ ବିର୍ସା ମୁଣ୍ଡା ଜୟନ୍ତୀ (ଜନ୍ମବାର୍ଷିକ) ଏବଂ ଉଲଗୁଲାନ ଆନ୍ଦୋଳନକୁ ସ୍ମରଣ କରୁଥିବା ଉଲଗୁଲାନ ମହୋତ୍ସବ ଅନ୍ତର୍ଭୁକ୍ତ। ବିର୍ସା ମୁଣ୍ଡାଙ୍କ ଐତିହ୍ୟ ଝାଡଖଣ୍ଡ ଏବଂ ଭାରତର ଅନ୍ୟାନ୍ୟ ସ୍ଥାନରେ ଆଦିବାସୀ ସଂସ୍କୃତି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ତାଙ୍କୁ ଆଦିବାସୀ ଅଧିକାରର ଜଣେ ଚାମ୍ପିଆନ ଏବଂ ଅତ୍ୟାଚାର ବିରୁଦ୍ଧରେ ପ୍ରତିରୋଧର ପ୍ରତୀକ ଭାବରେ ମନେ ରଖାଯାଏ ଏବଂ ତାଙ୍କ ଶିକ୍ଷା ଲୋକଙ୍କୁ ନ୍ୟାୟ ଏବଂ ସମାନତା ପାଇଁ ଲଢ଼ିବାକୁ ପ୍ରେରଣା ଦେଇଚାଲିଛି। ଦେବତାଙ୍କ ପରି ବ୍ୟକ୍ତିତ୍ୱ ଭାବରେ ବିର୍ସା ମୁଣ୍ଡାଙ୍କ ଐତିହ୍ୟର କିଛି ଉଲ୍ଲେଖନୀୟ ଦିଗ ଅନ୍ତର୍ଭୁକ୍ତ ୧. ପ୍ରତିରୋଧର ପ୍ରତୀକ : ବିର୍ସା ମୁଣ୍ଡାଙ୍କ ଅତ୍ୟାଚାର ଏବଂ ଶୋଷଣ ବିରୁଦ୍ଧରେ ପ୍ରତିରୋଧର ପ୍ରତୀକ ଭାବରେ ପୂଜା କରାଯାଏ। ୨. ଆଦିବାସୀ ନାୟକ : ଝାଡଖଣ୍ଡ ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ ତାଙ୍କୁ ନାୟକ ବୋଲି ବିବେଚନା କରନ୍ତି। ୩. ଦିବ୍ୟ ଶକ୍ତି : ଅନେକ ଲୋକ ବିଶ୍ୱାସ କରନ୍ତି ସେ ବିର୍ସା ମୁଣ୍ଡାଙ୍କ ପାଖରେ ଦୈବୀ ଶକ୍ତି ଥିଲା ଏବଂ ସେ ଦେବତାମାନଙ୍କର ଦୂତ ଥିଲେ। ୪. ଅନ୍ୟମାନଙ୍କୁ ପ୍ରେରଣା : ତାଙ୍କର ଏତିହ୍ୟ ମହାତ୍ମା ଗାନ୍ଧୀ ଏବଂ ଜବାହାରଲାଲ ନେହେରୁଙ୍କ ପରି ନେତାଙ୍କ ସମେତ ଅନେକଙ୍କୁ ନ୍ୟାୟ ଏବଂ ସମାନତା ପାଇଁ ଲଢ଼ିବାକୁ ପ୍ରେରଣା ଦେଇଛି। ସାମଗ୍ରିକ ଭାବରେ, ଜଣେ ଦେବତା ପରି ବ୍ୟକ୍ତିତ୍ୱ ଭାବରେ ବିର୍ସା ମୁଣ୍ଡାଙ୍କ ଐତିହ୍ୟ ଭାରତୀୟ ଇତିହାସ ଏବଂ ସଂସ୍କୃତି ଉପରେ ତାଙ୍କର ସ୍ଥାୟୀ ପ୍ରଭାବର ପ୍ରମାଣ। ବିର୍ସା ମୁଣ୍ଡା ଭାରତର ଜଣେ ପ୍ରମୁଖ ଆଦିବାସୀ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀ ଥିଲେ, ୧୮୭୫ ମସିହାରେ ଝାଡଖଣ୍ଡର ଛୋଟନାଗପୁର ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ବ୍ରିଟିଶ ଉପନିବେଶବାଦୀ ଶାସନ ବିରୁଦ୍ଧରେ ତାଙ୍କ ସାହସିକ ଲଢେଇ ଏବଂ ଆଦିବାଦୀ ସମ୍ପ୍ରଦାୟର ଅଧିକାର ସୁରକ୍ଷା ପାଇଁ ତାଙ୍କ ପ୍ରୟାସ ପାଇଁ ତାଙ୍କୁ ମନେ ରଖାଯାଏ। ବିର୍ସା ମୁଣ୍ଡାଙ୍କ ପ୍ରାରମ୍ଭିକ ଜୀବନ ଦାରିଦ୍ର୍ୟ ଏବଂ ସଂଘର୍ଷ ଦ୍ୱାରା ଚିହ୍ନିତ ହୋଇଥିଲା। ସେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କୁ ଯୁବାବସ୍ଥାକୁ ପଶୁପାଳନ ଏବଂ କୃଷି ଶ୍ରମିକ ଭାବରେ କାମ କରିବାକୁ ପଡ଼ିଥିଲା। ଏହି ଚ୍ୟାଲେଞ୍ଜ ସତ୍ତ୍ୱେ, ସେ ଶିକ୍ଷା ପାଇବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ ଏବଂ ଶେଷରେ ଏକ ସ୍ଥାନୀୟ ସ୍କୁଲରେ ଶିକ୍ଷକ ହୋଇଥିଲେ। ବିର୍ସା ମୁଣ୍ଡାଙ୍କ ରାଜନୀତିରେ ସାମିଲ ହେବା ଆରମ୍ଭ ହୋଇଥିଲା ଯେତେବେଳେ ସେ ବିର୍ସା ଆନ୍ଦୋଳନରେ ଯୋଗ ଦେଇଥିଲେ, ଯାହାର ଲକ୍ଷ୍ୟ ଆଦିବାସୀ ସମ୍ପ୍ରଦାୟର ଜମି ଏବଂ ଜଙ୍ଗଲ ଉପରେ ପାରମ୍ପରିକ ଅଧିକାର ପୁନଃସ୍ଥାପନ କରିବା ଥିଲା। ସେ ଶୀଘ୍ର ଆନ୍ଦୋଳନର ଜଣେ ପ୍ରମୁଖ ନେତା ହୋଇଗଲେ ଏବଂ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବା ପାଇଁ ଲୋକମାନଙ୍କୁ ସଂଗଠିତ କଲେ। ୧୮୯୯ ମସିହାରେ, ବ୍ରିଟିଶମାନଙ୍କ ବିରୁଦ୍ଧରେ ଏକ ବିଶାଳ ବିଦ୍ରୋହର ନେତୃତ୍ୱ ନେଇଥିଲେ, ଯାହାକୁ ଉଲଗୁଲାନ ଆନ୍ଦୋଳନ ନାମରେ ଜଣାଶୁଣା। ଆଦିବାସୀ ସମ୍ପ୍ରଦାୟକୁ ଆହୁରି ଶୋଷଣ କରିବା ଏବଂ ସେମାନଙ୍କ ଜମି ଛଡାଇ ନେବା ପାଇଁ ବ୍ରିଟିଶ ସରକାରଙ୍କ ନୂତନ ଆଇନ ପ୍ରଣୟନ ନିଷ୍ପତି ଦ୍ୱାରା ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଉଲଗୁଲାନ ଆନ୍ଦୋଳନ ଭାରତୀୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା, ଯାହା ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରଥମ ପ୍ରମୁଖ ଆଦିବାସୀ ବିଦ୍ରୋହ ମଧ୍ୟରୁ ଗୋଟିଏ ଥିଲା। ବିର୍ସା ମୁଣ୍ଡାଙ୍କ ନେତୃତ୍ୱ ଏବଂ ସାହସ ହଜାର ହଜାର ଲୋକଙ୍କୁ ଆନ୍ଦୋଳନରେ ଯୋଗଦେବାକୁ ପ୍ରେରଣା ଦେଇଥିଲା ଏବଂ ଏହା ଶେଷରେ ଦେଶର ଅନ୍ୟ ଅଂଶକୁ ବ୍ୟାପିଥିଲା। ସଂଖ୍ୟା ବହୁଳ ହେବା ସତ୍ତ୍ୱେ, ବିର୍ସା ମୁଣ୍ଡା ଏବଂ ତାଙ୍କ ଅନୁଗାମୀମାନେ ବ୍ରିଟିଶମାନଙ୍କ ବିରୁଦ୍ଧରେ ଏକ ସାହସିକ ଲଢେଇ କରିଥିଲେ। ତଥାପି, ଆନ୍ଦୋଳନ ଶେଷରେ ଚୂର୍ଣ୍ଣ ହୋଇଥିଲା ଏବଂ ବିର୍ସା ମୁଣ୍ଡାଙ୍କୁ ଗିରଫ କରାଯାଇ ଜେଲ ଦିଆଯାଇଥିଲା। ବିର୍ସା ମୁଣ୍ଡାଙ୍କ ଐତିହ୍ୟ ଆଜି ମଧ୍ୟ ମନେ ରଖାଯାଏ ଏବଂ ପାଳନ କରାଯାଏ। ତାଙ୍କୁ ଜଣେ ଜାତୀୟ ନାୟକ ଏବଂ ଉପନିବେଶବାଦୀ ଶାସନ ବିରୁଦ୍ଧରେ ପ୍ରତିରୋଧର ପ୍ରତୀକ ଭାବରେ ବିବେଚନା କରାଯାଏ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଏବଂ ଆଦିବାସୀ ଅଧିକାର ସୁରକ୍ଷା ପାଇଁ ତାଙ୍କର ପ୍ରୟାସ ଭାରତୀୟମାନଙ୍କର ପିଢ଼ିକୁ ପ୍ରେରଣା ଦେଇଛି। ଭାରତ ସରକାର ବିର୍ସା ମୁଣ୍ଡାଙ୍କୁ ବିଭିନ୍ନ ଉପାୟରେ ସମ୍ମାନିତ କରିଛନ୍ତି, ଯେଉଁଥିରେ ରାଞ୍ଚିରେ ବିର୍ସା ମୁଣ୍ଡା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ବିର୍ସା ମୁଣ୍ଡା ବିମାନବନ୍ଦର ପ୍ରତିଷ୍ଠା ଅନ୍ତର୍ଭୁକ୍ତ। ଝାଡଖଣ୍ଡରେ ତାଙ୍କ ଜନ୍ମବାର୍ଷିକୀକୁ ଏକ ସାଧାରଣ ଛୁଟିଦିନ ଭାବରେ ପାଳନ କରାଯାଏ। ବିର୍ସା ମୁଣ୍ଡାଙ୍କ ଜୀବନ ଏବଂ ଐତିହ୍ୟ ଲୋକଙ୍କୁ ନ୍ୟାୟ ଏବଂ ସମାନତା ପାଇଁ ଲଢ଼ିବା ପାଇଁ ପ୍ରେରଣା ଦେଇଆସୁଛି। ତାଙ୍କ ସାହସ ଏବଂ ନିଃସ୍ୱାର୍ଥପରତା ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଯାହା ଠିକ୍ ତାହା ପାଇଁ ଠିଆ ହେବାର ଗୁରୁତ୍ୱକୁ ସ୍ମରଣ କରାଇଥାଏ। ପ୍ରାରମ୍ଭିକ ଜୀବନ ଏବଂ ଶିକ୍ଷା ବିର୍ସା ମୁଣ୍ଡା ନଭେମ୍ବର ୧୫, ୧୮୭୫ରେ ଝାଡଖଣ୍ଡର ଛୋଟନାଗପୁର ଅଞ୍ଚଳର ଏକ ଛୋଟ ଗାଁ ଉଲାଘମାନପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା, ସୁଗନା ମୁଣ୍ଡା, ଜଣେ ଗରିବ ଚାଷୀ ଥିଲେ ଏବଂ ତାଙ୍କ ମାତା, କିର୍ଡି ଦେବୀ, ଜଣେ ଗୃହିଣୀ ଥିଲେ। ବିର୍ସା ମୁଣ୍ଡାଙ୍କ ପ୍ରାରମ୍ଭିକ ଶିକ୍ଷା ଏକ ସ୍ଥାନୀୟ ସ୍କୁଲରେ ହୋଇଥିଲା, ଯେଉଁଠାରେ ସେ ସ୍ଥାନୀୟ ଭାଷା, ମୁନ୍ ରେ ପଢ଼ିବା ଏବଂ ଲେଖିବା ଶିଖିଥିଲେ। ମୁଣ୍ଡାରୀ ପରେ ସେ ଏକ ଜର୍ମାନ ମିଶନ ସ୍କୁଲରେ ପଢ଼ିଥିଲେ, ଯେଉଁଠାରେ ତାଙ୍କୁ ଖ୍ରୀଷ୍ଟିଆନଟି ସହିତ ପରିଚିତ କରାଯାଇଥିଲା। ବିରସାଇ ଆନ୍ଦୋଳନ ଏକ ସାମାଜିକ-ଧାର୍ମିକ ଆନ୍ଦୋଳନ ଥିଲା ଯାହା ୧୯ ଶତାବ୍ଦୀର ଶେଷ ଭାଗରେ ଛୋଟନାଗପୁର ଅଞ୍ଚଳରେ ଉଦିତ ହୋଇଥିଲା। ଏହି ଆନ୍ଦୋଳନର ଲକ୍ଷ୍ୟ ଆଦିବାଦୀ ସମ୍ପ୍ରଦାୟର ପାରମ୍ପରିକ ଅଧିକାରକୁ ସେମାନଙ୍କ ଜମି ଏବଂ ଜଙ୍ଗଲ ଉପରେ ପୁନଃସ୍ଥାପନ କରିବା ଥିଲା, ଯାହା ବ୍ରିଟିଶମାନେ ଶୋଷଣ କରୁଥିଲେ। ବିର୍ସା ମୁଣ୍ଡା ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ଶୀଘ୍ର ଏହାର ପ୍ରମୁଖ ନେତାମାନଙ୍କ ମଧ୍ୟରୁ ଜଣେ ହୋଇଗଲେ। ସେ ସମଗ୍ର ଅଞ୍ଚଳରେ ବ୍ୟାପକ ଭାବରେ ଭ୍ରମଣ କରିଥିଲେ, ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିଥିଲେ ଏବଂ ଲୋକଙ୍କୁ ଏହି ଉଦ୍ଦେଶ୍ୟକୁ ଯୋଗଦେବା ପାଇଁ ସଂଗଠିତ କରିଥିଲେ। ଉଲଗୁଲାନ ଆନ୍ଦୋଳନ ୧୮୯୯ ମସିହାରେ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୁଦ୍ଧରେ ଏକ ବିଶାଳ ବିଦ୍ରୋହ ଥିଲା। ଆଦିବାସୀ ସମ୍ପ୍ରଦାୟକୁ ଆହୁରି ଶୋଷଣ କରିବା ଏବଂ ସେମାନଙ୍କ ଜମି ଛଡାଇ ନେବା ପାଇଁ ବ୍ରିଟିଶ ସରକାରଙ୍କ ନୂତନ ଆଇନ ପ୍ରଣୟନ ନିଷ୍ପତି ଦ୍ୱାରା ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆନ୍ଦୋଳନ ବ୍ୟାପକ ହିଂସା ଏବଂ ରକ୍ତପାତ ଦ୍ୱାରା ଚିହ୍ନିତ ହୋଇଥିଲା, ଉଭୟ ପକ୍ଷ ପ୍ରବଳ କ୍ଷତି ସହିଥିଲେ। ଶେଷରେ ବ୍ରିଟିଶମାନେ ଆନ୍ଦୋଳନକୁ ଚୂର୍ଣ୍ଣ କରିଥିଲେ ଏବଂ ବିର୍ସା ମୁଣ୍ଡାଙ୍କୁ ଗିରଫ କରାଯାଇ ଜେଲ ଦିଆଯାଇଥିଲା। ବିର୍ସା ମୁଣ୍ଡାଙ୍କ ଐତିହ୍ୟକୁ ଆଜି ମଧ୍ୟ ମନେ ରଖାଯାଏ ଏବଂ ପାଳନ କରାଯାଏ। ତାଙ୍କୁ ଜଣେ ଜାତୀୟ ନାୟକ ଏବଂ ଉପନିବେଶବାଦୀ ଶାସନ ବିରୁଦ୍ଧରେ ପ୍ରତିରୋଧର ପ୍ରତୀକ ଭାବରେ ବିବେଚନା କରାଯାଏ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଏବଂ ଆଦିବାସୀ ଅଧିକାର ସୁରକ୍ଷା ପାଇଁ ତାଙ୍କର ପ୍ରୟାସ ପିଢ଼ି ପିଢ଼ି ଭାରତୀୟମାନଙ୍କୁ ପ୍ରେରଣା ଦେଇଛି। ବିର୍ସା ମୁଣ୍ଡାଙ୍କ ଜୀବନର ସମୟସୀମା-୧୮୭୫ ନଭେମ୍ବ ୧୫ ତାରିଖରେ ଝାଡଖଣ୍ଡର ଉଲାଘମାନପୁରରେ ଜନ୍ମଗ୍ରହଣ କରିଥିଲେ। ୧୮୯୫ : ବିର୍ସାଏଟ ଆନ୍ଦୋଳନରେ ଯୋଗ ଦେଇଥିଲେ- ୧୮୯୯ ବ୍ରିଟିଶ ଶାସନ ବିରୁଦ୍ଧରେ ଉଲଗୁଲାନ୍ ଆନ୍ଦୋଳନର ନେତୃତ୍ୱ ନେଇଥିଲେ-୧୯୦୦- ବ୍ରିଟିଶମାନଙ୍କ ଦ୍ୱାରା ଗିରଫ ଏବଂ ଜେଲରେ ରଖାଯାଇଥିଲେ-୧୯୦୫ : ଜୁନ୍ ୯ ତାରିଖରେ ଜେଲରେ ମୃତ୍ୟୁବରଣ କରିଥିଲେ।


ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୭୬୭୪୦୩




# ଡେର୍ଛା ବାଣ




ଡ. ସୀତାକାନ୍ତ ତ୍ରିପାଠୀ


ଶିକାର ସାଧାରଣତଃ ଦୁଇ ପ୍ରକାର; ପ୍ରତ୍ୟକ୍ଷ ଶିକାର ଏବଂ ପରୋକ୍ଷ ଶିକାର। ଯେତେବେଳେ ଜଣେ ଶିକାରୀ ପଶୁ-ପକ୍ଷୀ ମାନଙ୍କୁ ସିଧାସଳଖ ବାଣ/ତୀର ମାରି ଶିକାର କରିବାରେ ଦ୍ୱିଧା/ସଙ୍କୋଚ ପ୍ରକାଶ କରିଥାଏ ସେତେବେଳେ ସିଏ ଡେର୍ଛା ବାଣର ପ୍ରୟୋଗ କରିଥାଏ ଯାହାଫଳରେ ଉକ୍ତ ତୀର/ବାଣ ସିଧାସଳଖ ଉକ୍ତ ପଶୁ କିମ୍ବା ପକ୍ଷୀ ଉପରେ ବିଦ୍ଧ ହୋଇ ନଥାଏ ବରଂ ଏଥିରେ ଭୟଭୀତ ହୋଇ ସେମାନେ ଅନ୍ୟ ସ୍ଥାନକୁ ଦଉଡିଲେ / ଉଡିଗଲେ ସେଠାରେ ପୂର୍ବରୁ ବସିଥିବା ଫାସ, ନିଆଁ, ଜଳାଶୟ ଆଦି ଶିକାରର ଅନ୍ୟାନ୍ୟ ଫନ୍ଦିଫିକରରେ ପଡ଼ି ଶିକାରୀର କରାୟତ ହୋଇ ଥାଆନ୍ତି। ଯାହା ଫଳରେ ଶିକାରୀର ଲକ୍ଷ୍ୟ ବା ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଆମେ ଦୈନନ୍ଦିନ ଜୀବନରେ ଆମର କଥାକୁ 'ବାଣ' ଭାବେ ତୁଳନା କରାଯାଇଥାଏ। କାରଣ' ମାରିଥିବା ବାଣ ଯେମିତି ଶିକାରୀ ପାଖକୁ ଫେରି ନଥାଏ ସେହିଭଳି କହିଥିବା କଥା ମଧ୍ୟ ବକ୍ତା ପାଖକୁ ଫେରି ନଥାଏ। ତେବେ ଏହି ବାକ୍ୟ-ବାଣ ମାଧ୍ୟମରେ ଅନେକ ଲୋକଙ୍କୁ ଘଉଡାଇ ଦିଆଯାଇ ପାରେ କିମ୍ବା କରାୟତ କରାଯାଇ ପାରେ। ସେଥିପାଇଁ ଚତୁର ଲୋକମାନେ ଅପରପକ୍ଷର ଲୋକଙ୍କୁ କୌଣସି ପ୍ରସଙ୍ଗରେ ସିଧା ସଳଖ ଆକ୍ଷେପ ନ କରି ଅଧିକାଂଶ ସମୟରେ ଡେର୍ଛା ବାଣ ମାରିବାକୁ ଉଚିତ୍ ମନେ କରିଥାଆନ୍ତି। ଯାହା ଫଳରେ ପ୍ରକୃତ କଥା ପଦାକୁ ଆସେ କିମ୍ବା ବକ୍ତା ଜଣଙ୍କର ଅଭିଷ୍ଟ ପୂର୍ଣ୍ଣରେ ସହାୟକ ହୋଇଥାଏ।

ଏହି ଡେର୍ଛାବାଣକୁ ଆଧାର କରି ପ୍ରାୟ ଆମେ ସମସ୍ତେ ଜାଣିଥିବା ରାମାୟଣ ଓ ମହାଭାରତରେ ଦୁଇଟି ପ୍ରସଙ୍ଗ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଯେତେବେଳେ ରାବଣ ଶତଚେଷ୍ଟା କରି ସୀତାଙ୍କୁ ଲକ୍ଷ୍ମଣ ରେଖା ବାହାରକୁ ଆଣିବା ପାଇଁ ଅସମର୍ଥ ହେଲେ ସେତେବେଳେ ସିଏ ଡେର୍ଛା ବାଣ ସ୍ୱରୂପ କହିଲେ, 'ହଁ ଆଜି ଜଣେ ବ୍ରାହ୍ମଣ, କ୍ଷତ୍ରିୟ ଦୁଆରୁ ଭିକ୍ଷା ଲାଭରୁ ବଞ୍ଚିତ ହେଉଛି, ମୋର ଏଥିପାଇଁ ଆଜି



ଦିନଟି ସିନା ପେଟ ଅପୁରା ରହିବ କିନ୍ତୁ ରଘୁବଂଶ ସବୁଦିନ ପାଇଁ କଳଙ୍କିତ ହୋଇଯିବ' ଏଇଥିପାଇଁ ତ ମୋର ବେଶୀ ଚିନ୍ତା। ଯାହାକୁ ହଜମ କରିବାରେ ସୀତା ଅମସର୍ଥ ଥିଲେ ଏବଂ ଶେଷରେ ରାବଣଙ୍କ ଦ୍ୱାରା ଅପହୃତା ହୋଇଥିଲେ।

ଦ୍ୱିତୀୟ ପ୍ରସଙ୍ଗରେ ଏକଲବ୍ୟ ଯେତେବେଳେ ଯୁଦ୍ଧବିଦ୍ୟାରେ ଉଭୟ ପାଣ୍ଡବ ଏବଂ କୌରବ ମାନଙ୍କୁ ହରାଇ ଦେଲେ ସେତେବେଳେ ରାଜପୁତ୍ରମାନେ ଗୁରୁ ଦ୍ରୋଣାଚାର୍ଯ୍ୟକୁ କହିଲେ; 'ଯୁଦ୍ଧବିଦ୍ୟା ଶିଖାଇବା ଆପଣଙ୍କର ଉଭୟ କର୍ତ୍ତବ୍ୟ ଏବଂ ଦାୟିତ୍ୱ। ଆମେ ହୁଏତ ସେତିକି ଯୋଗ୍ୟ ଶିଷ୍ୟ ନୋହୁଁ ଯେଉଁଥିପାଇଁ ଆମେ ସଠିକ୍ ଶିକ୍ଷା ଲାଭ କରି ପାରିଲୁ ନାହିଁ। ସେଥିରେ ଆପଣଙ୍କର ଅବା କ'ଣ ଦୋଷ?' ଯେଉଁଥିରେ ବ୍ୟଥିତ ହୋଇ ଗୁରୁ ଦ୍ରୋଣ ଅନୁଚିତ ପଦକ୍ଷେପ ନେବା ସ୍ୱରୂପ ଏକଲବ୍ୟକୁ ସବୁଦିନ ପାଇଁ ଯୁଦ୍ଧିବିଦ୍ୟାରେ ପଙ୍ଗୁ କରିଦେଇ ରାଜପୁତ୍ର ମାନଙ୍କ ଭବିଷ୍ୟତ ପାଇଁ କଣ୍ଟକମୁକ୍ତ ରାସ୍ତା ତିଆରି କରିଦେଲେ। ତେଣୁ ଡେର୍ଛାବାଣ ମାରିଥିବା ଲୋକମାନଙ୍କ ଉଦ୍ଦେଶ୍ୟକୁ ଯଦି ଆମେ ଠିକ୍ ଭାବେ ବୁଝି ପାରିବା ତାହେଲେ ଭବିଷ୍ୟତ ପଦକ୍ଷେପ ଠିକ୍ ହେବା ସହିତ ବାଣ ମାରିଥିବା ଲୋକ ମଧ୍ୟ ଏହାର ଶିକାର ହୋଇଥାଆନ୍ତି।

କିଛିଦିନ ତଳର କଥା। ଆମ ବନ୍ଧୁ ମହଲରେ କିଛି ଆଳାପ ଆଲୋଚନା ଚାଲିଥିବା ସମୟରେ ଉପସ୍ଥିତ ଥିବା ଜଣେ ବନ୍ଧୁଙ୍କୁ ଜଣେ ଚିହ୍ନା ପରିଚିତ ଲୋକ ଆସି କହିଲେ ଆଜ୍ଞା! ଆପଣ ଜଣେ ଦେବପ୍ରତିମ ଲୋକ। ଆପଣଙ୍କ ପୁଅ କ'ଣ ଏମିତି ନିଷ୍ପତ୍ତି ନେଇଥିବ ! ଜାତି ବାହାରେ ବାହାହେବ ପୁଣି ଝିଅକୁ ନେଇ ଫେରାର! ତା' ସାଙ୍ଗମାନେ ତାକୁ ଉସୁକେଇଥିବେ ନିଶ୍ଚୟ। ଏକଥାରେ ସାମାନ୍ୟ ବିଚଳିତ ନ ହୋଇ ଉକ୍ତ ବନ୍ଧୁ ଜଣକ କହିଲେ ଆମେ ସମସ୍ତେ ଜାତିବିହୀନ ସମାଜ କଥା ଆଲୋଚନା କରୁଛୁ। ବର୍ତ୍ତମାନ ମୋ ପୁଅ ଜଣେ ସାବାଳକ। ଏହା ତା'ର ନିଷ୍ପତ୍ତି। ଆଇନ ଅନୁଯାୟୀ ଯଦି ତାକୁ କିଛି ଦଣ୍ଡ ଭୋଗିବାକୁ ଥିବ ସିଏ ଭୋଗିବ ଏଥିପାଇଁ ଆମେ କାହିଁକି ତା'ର ସାଙ୍ଗ ସାଥିମାନଙ୍କୁ ଦୋଷ ଦେବା ? ଏତିକି କଥା ଶୁଣୁଶୁଣୁ ଡେର୍ଛାବାଣ ମାରିଥିବା ଲୋକଟି ଧିରେଧିରେ ସେ ସ୍ଥାନ ଛାଡି ଚାଲିଗଲେ। ତେବେ ଉକ୍ତ ବନ୍ଧୁ ଜଣକ ପୁଅର ଏ ପ୍ରକାର କାର୍ଯ୍ୟରେ ମ୍ରିୟମାଣ ଥିବା କଥା ଆମେ ସମସ୍ତେ ଜାଣିଥିଲେ ମଧ୍ୟ ତାଙ୍କର ଏ ପ୍ରକାର ଶାଣିତ ଉତ୍ତର ଉକ୍ତ ଡେର୍ଛାବାଣକୁ ସଠିକ୍ ଜବାବ ଦେଇଥିବାରୁ ଆମେ ତାଙ୍କର ତାରିଫ୍ କରିଥିଲୁ। ତେଣୁ ଜୀବନରେ ଆସୁଥିବା ସିଧାସଳଖ ବାକ୍ୟବାଣକୁ ସାମ୍ନା କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ଏସବୁ ଡେର୍ଛାବାଣ ସବୁରେ ଡରି ଯାଇ କିଛି ତରବରିଆ ନିଷ୍ପତ୍ତି କିମ୍ବା ବାକ୍ୟ ପ୍ରୟୋଗ କରିବା ଦ୍ୱାରା ମାନ, ସମ୍ମାନରେ ଛିଟା ଲାଗିବା ସହିତ ବ୍ୟକ୍ତିତ୍ୱରେ ଆଞ୍ଚ ଆସିବାର ସମ୍ଭାବନା ରହିଛି।

ବର୍ତ୍ତମାନର ରାଜନୈତିକ ପୃଷ୍ଠଭୂମିରେ ବିଭିନ୍ନ ଡେର୍ଛାବାଣର ପ୍ରୟୋଗ ହେଉଛି ଯଥା- 'ଆଇନ ତା ବାଟରେ ଯିବ'ର ସଂଜ୍ଞା କ'ଣ ହୋଇପାରେ ? 'ଦଳରେ ସ୍ୱେଚ୍ଛାଚାରୀ, ଦାଗୀ, ଅପରାଧି ତଥା ଦୁର୍ନୀତିଗ୍ରସ୍ତ ଲୋକଙ୍କର ସ୍ଥାନ ନାହିଁ' ର ମାନେ କ'ଣ? 'ବ୍ୟକ୍ତିର ଉର୍ଦ୍ଧ୍ୱରେ ଦଳ ନା ଦଳର ଉର୍ଦ୍ଧ୍ୱରେ ବ୍ୟକ୍ତି? ବିବେକାନୁମୋଦିତ ଭୋଟ'ର ଅର୍ଥ କ'ଣ? ସମଦୂରତ୍ୱ ରଖିବାର ବାସ୍ତବାତା କେତେ? ମାଟି ବଡ ନା ପାର୍ଟି ବଡ଼? ବିରୋଧିଦଳ ମାନଙ୍କର ଗଠନମୂଳକ ଭୂମିକା ଧର୍ମକୁ ଆଖିଠାର, ଆମେ ଓଡ଼ିଆ ହିସାବରେ ଗର୍ବିତ ହେବାର ମାପଦଣ୍ଡ ଇତ୍ୟାଦି ଇତ୍ୟାଦି ...। ଏସବୁ ଡେର୍ଛାବାଣ ବ୍ୟବହାର କରି ବିଭିନ୍ନ ଦଳ ଓ ବ୍ୟକ୍ତିବିଶେଷ ଲୋକମାନଙ୍କର ଆସ୍ଥାଭାଜନ ହେବାପାଇଁ ଚେଷ୍ଟା କରିବା ସହିତ ଅନ୍ୟପକ୍ଷଙ୍କୁ ହରଡ଼ଘଣାରେ ପକାଇବାକୁ ଚାହିଁଥାଆନ୍ତି। ତେବେ ଏହା କ'ଣ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ, ବ୍ୟକ୍ତିବିଶେଷ, ସମୟ କିମ୍ବା ସ୍ଥାନ ମଧ୍ୟରେ ସିମିତ ? ବରଂ ଏହା ଗତାନୁଗତିକ ଭାବେ ରହି ଆସିଛି। ଯାହାକୁ ସାମ୍ନା କରିବା ପାଇଁ ସଠିକ ରାଜନୈତିକ ରଣନୀତି ଏବଂ ନିଷ୍ପତ୍ତି ଆପଣେଇବା ସହିତ ଅଯଥା ବୟାନବାଜିରୁ ଦୂରେଇ ରହିବା ଦରକାର। ଡେର୍ଛାବାଣ ତା' ବାଟରେ ଯାଉ ତା' ପ୍ରତି ଆକର୍ଷିତ କିମ୍ବା ଭୟଭୀତ ହୋଇ କୌଣସି ଭୁଲ୍ ନିଷ୍ପତ୍ତି ନେବା ଅପେକ୍ଷା ପରବର୍ତ୍ତୀ ବାଣ ଆସିବା ପୂର୍ବରୁ ନିଜକୁ ସୁରକ୍ଷିତ ଜାଗାରେ ରଖିଦେବା ବିଜ୍ଞତାର ପରିଚୟ ହେବ।


ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪



ବିହାରରେ ଏନଡିଏ ମେଣ୍ଟକୁ ମିଳିଛି ପ୍ରଚଣ୍ଡ ଜନାଦେଶ। ମୋଦି-ନୀତୀଶ ଯୋଡ଼ି କମାଲ କରିଛନ୍ତି। ସେନାପତି ଧର୍ମେନ୍ଦ୍ର ପ୍ରଧାନଙ୍କ ଭୂମିକା ମଧ୍ୟ କମ ନଥିଲା। ମହାମେଣ୍ଟ ଏକଦମ ଚିତପଟାଙ୍ଗ। ହାରୁ ହାରୁ ଜିତିଗଲେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ। ବଡ଼ଭାଇ ପରାଜୟର ସ୍ୱାଦ ଚାଖିଲେ। ଏନ୍‌ଡିଏ ମେଣ୍ଟ ୨୦୪ ଆସନ କବଜା କରିଥିବା ବେଳେ ମହାମେଣ୍ଟକୁ ୩୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନେକ ସ୍ଥାନରେ କଡ଼ା ପ୍ରତିଦ୍ୱନ୍ଦିତା ହୋଇଥିବା ଲକ୍ଷ କରାଯାଇଛି।

# ବିହାର ବିଧାନସଭା ନିର୍ବାଚନ ଝଲକ୍

## ବିହାରରେ ସୁଶାସନ ଓ ବିକାଶର ବିଜୟ



## ଭୋଟରଙ୍କ ବିଶ୍ୱାସ ଓ ମେଣ୍ଟ ଏକତାକୁ ଶ୍ରେୟଦେଲେ ନୀତୀଶ



**ପାଟନା,୧୪।୧୧:** ବିହାର ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ପରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପ୍ରଥମ ପ୍ରତିକ୍ରିୟା ଆସିଛି। ସେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତାଙ୍କର ସମସ୍ତ ମେଣ୍ଟ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ଜନତା ଆମ ସରକାର ଉପରେ ସେମାନଙ୍କର ବିଶ୍ୱାସ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି, ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଆମକୁ ବିପୁଳ ସଂଖ୍ୟାଗରିଷ୍ଠତା ଦେଇ ରାଜ୍ୟବାସୀ ଆମ ସରକାର ଉପରେ ସେମାନଙ୍କର ବିଶ୍ୱାସ ପ୍ରକାଶ କରିଛନ୍ତି। ଏଥିପାଇଁ, ମୋର ସମ୍ମାନ, ହୃଦୟର କୃତଜ୍ଞତା ଏବଂ ଧନ୍ୟବାଦ ରାଜ୍ୟର ସମସ୍ତ ସମ୍ମାନିତ ଭୋଟରଙ୍କୁ। ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାଲ୍ୟୁଟ୍ କରୁଛି ଏବଂ ତାଙ୍କର ସମର୍ଥନ ପାଇଁ ମୋର ହୃଦୟର କୃତଜ୍ଞତା ଏବଂ ଧନ୍ୟବାଦ ଜଣାଉଛି। ଏନଡିଏ ମେଣ୍ଟ ଏହି ନିର୍ବାଚନରେ ସମ୍ପୂର୍ଣ୍ଣ ଏକତା ପ୍ରଦର୍ଶନ କରିଛି ଏବଂ ଏକ ବିପୁଳ ବିଜୟ ହାସଲ କରିଛି। ମୁଁ ଏହି ବିପୁଳ ବିଜୟ ପାଇଁ ସମସ୍ତ ଏନଡିଏ ମେଣ୍ଟ ସହଯୋଗୀ - ଚିରାଗ ପାସୱାନ, ଜିତନ ରାମ ମାଞ୍ଝି ଏବଂ ଉପେନ୍ଦ୍ର କୁଶୱାହାଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି।

ସେ କହିଛନ୍ତି ଯେ, ସମସ୍ତଙ୍କ ସମର୍ଥନରେ, ବିହାର ଆହୁରି ପ୍ରଗତି କରିବ ଏବଂ ଦେଶର ସବୁଠାରୁ ବିକଶିତ ରାଜ୍ୟ ମଧ୍ୟରେ ସାମିଲ ହେବ।



### ନିର୍ବାଚନ ଫଳାଫଳ ନେଇ ପ୍ରଧାନମନ୍ତ୍ରୀଙ୍କ ବୟାନ

**ନୂଆଦିଲ୍ଲୀ,୧୪।୧୧:** ବିହାର ବିଧାନସଭା ନିର୍ବାଚନ ୨୦୨୫ର ରେଜଲ୍ଟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏନଡିଏର ସହଯୋଗୀ ଦଳଗୁଡ଼ିକୁ ଶୁଭେଚ୍ଛା ଜଣାଇଛନ୍ତି। ବିହାରର ଜନତାଙ୍କୁ ଏନଡିଏର ଐତିହାସିକ ସଫଳତା ପାଇଁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିହାର ନିର୍ବାଚନରେ ଏନଡିଏ ମୋଟ ୨୪୩ ଆସନରୁ ୨୦୦ରୁ ଅଧିକ ସିଟରେ ବିଜୟୀ ହୋଇଛି। ଏହାରି ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସରେ ପୋଷ୍ଟ କରି ବିହାରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ବିହାର ନିର୍ବାଚନ ଫଳାଫଳକୁ ସୁଶାସନର ବିଜୟ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ବିକାଶର ବିଜୟ ହୋଇଛି। ଜନକଲ୍ୟାଣର ଭାବନାର ବିଜୟ ହୋଇଛି। ସାମାଜିକ ନ୍ୟାୟର ବିଜୟ ହୋଇଛି। ମୁଁ ବିହାରରେ ମୋ ପରିବାରର ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଉଛି, ଯେଉଁମାନେ ୨୦୨୫ ବିଧାନସଭା ନିର୍ବାଚନରେ ଏନଡିଏକୁ ଐତିହାସିକ ଏବଂ ଅଭୂତପୂର୍ବ ବିଜୟ ସହିତ ଆଶୀର୍ବାଦ ଦେଇଛନ୍ତି। ଏହି ବିପୁଳ ଜନାଦେଶ ଆମକୁ ଲୋକଙ୍କ ସେବା କରିବାକୁ ଏବଂ ବିହାର ପାଇଁ ନୂତନ ସଂକଳ୍ପ ସହିତ କାମ କରିବାକୁ ସଶକ୍ତ କରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ବର୍ଷଗୁଡ଼ିକରେ ଆମେ ବିହାରର ବିକାଶ, ଏହାର ଭିତ୍ତିଭୂମି ଏବଂ ରାଜ୍ୟର ସଂସ୍କୃତିକୁ ଏକ ନୂତନ ପରିଚୟ ଦେବା ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବୁ। ଆମେ ସୁନିଶ୍ଚିତ କରିବୁ ଯେ, ଏହାର ଯୁବପିଢ଼ି ଏବଂ ମହିଳାମାନେ ଏକ ସମୃଦ୍ଧ ଜୀବନ ପାଇଁ ପ୍ରଚୁର ସୁଯୋଗ ପାଇବେ।

## ଲୋକ ଆମକୁ ବୁଝିପାରିଲେନି: ପ୍ରଶାନ୍ତ କିଶୋର



ପାଟନା,୧୪।୧୧: ବିହାର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ବିପୁଳ ବିଜୟ କରିଥିବା ବେଳେ ପ୍ରଶାନ୍ତ କିଶୋରଙ୍କ ଦଳ ଜନସୁରାଜ ପାଇଁ ହତାଶଜନକ ସ୍ଥିତି ସୃଷ୍ଟି ହୋଇଛି। ଟ୍ରେଣ୍ଡ ସୂଚାଇ ଦେଉଛି ଯେ, ଦଳ ଆଶାନୁରୂପକ ସଫଳତା ପାଇବା ଛାଡ଼ନ୍ତୁ ଗୋଟିଏ ବି ଆସନରେ ଜିତାପଟ ହାସଲ କରିପାରୁନାହିଁ। ଏହାର ପ୍ରତିକ୍ରିୟାରେ ଦଳର ସଭାପତି ମନୋଜ ଭାରତୀ କହିଛନ୍ତି ଯେ, ତାଙ୍କ ଦଳ ନିଜେ ଲୋକଙ୍କ ପାଖରେ ନିଜର ବାର୍ତ୍ତା ସଠିକ୍ ଭାବରେ ପହଞ୍ଚାଇବାରେ ବିଫଳ ହୋଇଛି। ପ୍ରାରମ୍ଭରୁ ଆମେ ବିହାରରେ ଏକ ନୂତନ ରାଜନୀତି ଆଣିବାକୁ ଚେଷ୍ଟା କରିଛୁ। ଲୋକଙ୍କ ପାଖରେ ପହଞ୍ଚିବା ଏକ ସହଜ କାମ ନୁହେଁ। ପ୍ରଶାନ୍ତ କିଶୋର ସର୍ବଦା କହୁଥିଲେ ଯେ, ଯଦି ଲୋକମାନେ ଆମକୁ ବୁଝନ୍ତି, ତେବେ ଆମେ ଶୀର୍ଷରେ ରହିବୁ; ଯଦି ସେମାନେ ବୁଝନ୍ତି ନାହିଁ, ତେବେ ଆମେ ବିଫଳ ହେବୁ। ଏହି ପ୍ରାରମ୍ଭିକ ଟ୍ରେଣ୍ଡଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ଲୋକମାନେ ଆମକୁ ବୁଝିପାରିଲେ ନାହିଁ ଏବଂ ଆମେ ସେମାନଙ୍କୁ ବୁଝାଇବାରେ ବିଫଳ ହୋଇଛୁ।

## ସଂଘର୍ଷ ପରେ ତେଜସ୍ୱୀଙ୍କ ହ୍ୟାଟ୍ରିକ

### ମାଟି କାମୁଡ଼ିଲା ମହାଗଠବନ୍ଧନ



ପାଟନା,୧୪।୧୧: ବିହାର ବିଧାନସଭା ନିର୍ବାଚନରେ ଆରଜେଡି ନେତା ତେଜସ୍ୱୀ ଯାଦବ ହ୍ୟାଟ୍ରିକ ବିଜୟ ହାସଲ କରିଛନ୍ତି। ସେ କ୍ରମାଗତ ତୃତୀୟ ଥର ପାଇଁ ପାରମ୍ପରିକ ରାଘୋପୁର ଆସନରୁ ବିଜୟୀ ହୋଇଛନ୍ତି। ୨୦୧୫ ଓ ୨୦୨୦ ତୁଳନାରେ କିନ୍ତୁ ଏଥର ତେଜସ୍ୱୀଙ୍କୁ ଏହି ଆସନରେ ବେଶ ସଂଘର୍ଷ କରି ଜିତିବାକୁ ପଡ଼ିଛି। ସ୍ଥିତି ଏପରି ହୋଇଥିଲା ଯେ, ତେଜସ୍ୱୀ ଏକଦା ୧୦ ହଜାର ଭୋଟ ପଛରେ ରହିଥିଲେ।

କିନ୍ତୁ ୧୯ ରାଉଣ୍ଡ ଗଣତି ପରେ ସେ ପୁଣି ଲିଡ୍‌କୁ ଫେରିଥିଲେ। ଶେଷରେ ୩୦ ରାଉଣ୍ଡ ଭୋଟ ଗଣତି ପରେ ନିର୍ବାଚନ କମିଶନ ତେଜସ୍ୱୀ ଯାଦବଙ୍କୁ ରାଘୋପୁର ଆସନରୁ ବିଜୟୀ ଘୋଷଣା କରିଛନ୍ତି। ଏଠାରେ ତେଜସ୍ୱୀଙ୍କୁ ୧,୧୬,୪୬୭ ଖଣ୍ଡ ଭୋଟ ମିଳିଛି। ତାଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇଥିବା ବିଜେପିର ସତୀଶ କୁମାର ୧୦୨୫୮୭ ଖଣ୍ଡ ଭୋଟ ପାଇଛନ୍ତି। ଅର୍ଥାତ ତେଜସ୍ୱୀ ଏଠାରେ ୧୩, ୮୮୦ ଖଣ୍ଡ ଭୋଟରେ ଜିତିଛନ୍ତି। ୨୦୨୦ ବିଜୟ ବ୍ୟବଧାନ ତୁଳନାରେ ଏହା ଯଥେଷ୍ଟ କମ। କାରଣ ୨୦୨୦ରେ ତେଜସ୍ୱୀ ଏଠାରୁ ୩୮ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ। ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେଉଛନ୍ତି ତେଜସ୍ୱୀ। ସେ ବିଜୟୀ ହୋଇଥିଲେ ହେଁ ତାଙ୍କ ମେଣ୍ଟ ଏକପ୍ରକାରର ମାଟି କାମୁଡ଼ିଛି। ସରକାର ଗଠନ କରିବାକୁ ମହାଗଠବନ୍ଧନ ଗୋଡ଼ ଟେକି ବସିଥିଲା ବେଳେ ଶୋଚନୀୟ ପରାଜୟ ବରଣ କରିଛି।

## ହାରିଲେ ଲାଲୁଙ୍କ ବଡ଼ପୁଅ

### ନୀତୀଶ-ମୋଦିଙ୍କୁ ପ୍ରଶଂସା କଲେ



**ପାଟନା,୧୪।୧୧:** ପରିବାର ଠାରୁ ଅଲଗା ହୋଇ ନିଜସ୍ୱ ଦଳ ଗଢ଼ି ବିହାର ବିଧାନସଭା ନିର୍ବାଚନ ଲଢ଼ୁଥିବା ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ ପ୍ରତାପଙ୍କୁ ଲାଗିଛି ବଡ଼ ଝଟକା। ସେ ଜନଶକ୍ତି ଜନତା ଦଳ ଗଠନ କରି ନିର୍ବାଚନ ଲଢ଼ୁଥିଲେ ହେଁ ତାଙ୍କୁ ୫୦ ହଜାରରୁ ଅଧିକ ଭୋଟରେ ମହୁଆ ଆସନରୁ ହାରିବାକୁ ପଡ଼ିଛି। ମହୁଆ ଆସନରେ ତେଜ ପ୍ରତାପ ତୃତୀୟ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି। ଏଠାରୁ ଚିରାଗ ପାଶ୍ୱାନଙ୍କ ଦଳର ସଞ୍ଜୟ କୁମାର ସିଂହ ବିଜୟୀ ହୋଇଛନ୍ତି। ତାଙ୍କୁ ୮୭,୬୪୧ ଖଣ୍ଡ ଭୋଟ ମିଳିଛି। ମହୁଆର ବିଧାୟକ ଭାବେ ୨୦୨୦ରୁ କାର୍ଯ୍ୟ କରୁଥିବା ଆରଜେଡିର ମୁକେଶ କୁମାରଙ୍କୁ ସଞ୍ଜୟ ୪୪, ୯୯୭ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। ମୁକେଶଙ୍କୁ ୪୨,୬୪୪ ଖଣ୍ଡ ଭୋଟ ମିଳିଛି। ତୃତୀୟ ସ୍ଥାନରେ ଥିବା ତେଜ ପ୍ରତାପ ୩୫, ୭୦୩ ଖଣ୍ଡ ଭୋଟ ପାଇଛନ୍ତି। ସଞ୍ଜୟ କୁମାର ସିଂହଙ୍କ ଠାରୁ ୫୧,୯୩୮ ଖଣ୍ଡ ଭୋଟରେ ହାରିବା ପରେ ତେଜ ପ୍ରତାପ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ସେ ପରାଜୟକୁ ସ୍ୱୀକାର କରି ବିହାର ସୁଶାସନ ଦେଉଥିବା ସରକାରଙ୍କୁ ବାଛିଥିବା କହିଛନ୍ତି।

ଏହି ବିଜୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ଓ ଲୋକଙ୍କ ବିଶ୍ୱାସ ଭାଜନ କରିଥିବା ନୀତୀଶ କୁମାରଙ୍କ ନୀତି ଯୋଗୁ ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। ସେ ଅମିତ ଶାହଙ୍କ ରଣନୀତି, ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମକୁ ମଧ୍ୟ ପ୍ରଶଂସା କରିଛନ୍ତି। ନିର୍ବାଚନରେ ତାଙ୍କୁ ଭୋଟ ଦେଇଥିବା ସମସ୍ତ ମହିଳା, ଯୁବଗୋଷ୍ଠୀ ଓ ସାଧାରଣ ଲୋକଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି।

## ଜେଲରେ ଥାଇ ବି ଜିତିଲେ ଅନନ୍ତ ସିଂ



ନୂଆଦିଲ୍ଲୀ,୧୪।୧୧: ବିହାର ବିଧାନସଭା ନିର୍ବାଚନରେ ଏନଡିଏକୁ ଅକଳ୍ପନୀୟ ବିଜୟ ମିଳିଛି। ବିଧାନସଭା ନିର୍ବାଚନରେ ଚଳିତ ଥର ସବୁଠୁ ଅଧିକ ଚର୍ଚ୍ଚାରେ ରହିଥିବା ମୋକାମା ବିଧାନସଭା ଆସନରେ ପୁଣି ଜେଡିୟୁର ଅନନ୍ତ ସିଂହ ବିଜୟ ପତାକା ଉଡାଇଛନ୍ତି। ଦୁଲାରଚନ୍ଦ ଯାଦବ ହତ୍ୟାକାଣ୍ଡ ମାମଲାରେ ଜେଲରେ ବନ୍ଦୀ ରହିବା ସତ୍ତ୍ୱେ ଅନନ୍ତ ପ୍ରାୟ ୨୯ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

ନିର୍ବାଚନରେ ଅନନ୍ତ ସିଂହ ଜେଡିୟୁ ଟିକଟରେ ମୈଦାନକୁ ଓହ୍ଲାଇଥିଲେ ଓ ଭୋଟିଂର ଠିକ୍ ପୂର୍ବରୁ ହତ୍ୟାକାଣ୍ଡରେ ତାଙ୍କ ନାଁ ଯୋଡ଼ି ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଏହି ବିଜୟରୁ ଅନନ୍ତ ସିଂହ ପ୍ରମାଣିତ କରିଦେଇଛନ୍ତି ଯେ, ସେ ଜେଲରୁ ରୁହନ୍ତୁ କି ବାହାରେ ମୋକାମାରେ ତାଙ୍କର ହିଁ ରାଜ ରହିବ।

ମୋକାମା ଆସନରେ ଜେଡିୟୁ ଅନନ୍ତ ସିଂହଙ୍କୁ ଓହ୍ଲାଇଥିବା ବେଳେ ବିରୋଧୀ ଆରଜେଡି ବାହୁବଳୀ ସୂରଜଭାନ ସିଂହଙ୍କ ପତ୍ନୀ ବୀଣା ଦେବୀଙ୍କୁ ଟିକେଟ୍ ଦେଇଥିଲା। ଅନ୍ୟପଟେ ଜନ ସୁରାଜ ପ୍ରିୟଦର୍ଶୀ ପୀୟୂଷଙ୍କୁ ପ୍ରାର୍ଥୀ କରିଥିଲା। ନିର୍ବାଚନରେ ଅନନ୍ତ ସିଂହଙ୍କ ସୁନାମୀ ଅନ୍ୟ ସବୁ ପ୍ରାର୍ଥୀଙ୍କୁ ଭସାଇ ନେଇଛି। ଜେଲ୍ ଯିବା ସମୟରେ ଅନନ୍ତ ସିଂହ କହିଥିଲେ ଯେ, ଏବେ ନିର୍ବାଚନ ମୋକାମାର ଜନତା ଲଢ଼ିବେ। ଏବେ ଜନତା ତାଙ୍କର ଏହି ବୟାନକୁ ସତ ପ୍ରମାଣିତ କରି ମୋକାମାରୁ ତାଙ୍କୁ ବିଜୟୀ କରାଇଛନ୍ତି।

## ବିଭିନ୍ନ ରାଜ୍ୟର ଉପ ନିର୍ବାଚନ ଫଳାଫଳ

### ତେଲଙ୍ଗାନାରେ କଂଗ୍ରେସର ବଡ଼ ବିଜୟ



ହାଇଦ୍ରାବାଦ,୧୪।୧୧: ବିହାରରେ ମାଟି କାମୁଡ଼ିଥିବା କଂଗ୍ରେସକୁ ତେଲେଙ୍ଗାନାରୁ ମିଳିଛି ଖୁସି ଖବର। ହାଇଦ୍ରାବାଦର ଜୁବଲୀ ହିଲ୍ସ ଉପ ନିର୍ବାଚନରେ କଂଗ୍ରେସ ହାସଲ କରିଛି ବଡ଼ ବିଜୟ। ଦଳର ପ୍ରାର୍ଥୀ ନବୀନ ଯାଦବ ୨୪,୭୨୯ ଖଣ୍ଡ ଭୋଟରେ ଏଠାରୁ ବାଜିମାତ କରିଛନ୍ତି। ଯାଦବଙ୍କୁ ପ୍ରାୟ ୯୮,୯୮୮ ଖଣ୍ଡ ଭୋଟ ମିଳିଛି। ଏଠାରେ ଭାରତ ରାଷ୍ଟ୍ର ସମିତି(ବିଆରଏସ୍) ପ୍ରାର୍ଥୀ ଏମ ସୁନିତା ଗୋପିନାଥଙ୍କ ସହ ଯାଦବଙ୍କ ସିଧା ଲଢ଼େଇ ହୋଇଥିଲା। କିନ୍ତୁ ଗୋପିନାଥ ୭୪,୨୫୯ ଖଣ୍ଡ ଭୋଟ ପାଇ ଦ୍ୱିତୀୟରେ ରହିଛନ୍ତି। ବିଜେପି ଏଠାରେ ଦୀପକ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଥିଲେ ହେଁ ସେ କେବଳ ୧୭,୦୬୧ ଖଣ୍ଡ ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ନୀତି ପ୍ରତି ଥିବା ଲୋକଙ୍କ ଭଲ ପାଇବା ଏହି ରେଜଲ୍ଟରୁ ସ୍ପଷ୍ଟ ହୋଇଥିବା ତେଲେଙ୍ଗାନା ପ୍ରଦେଶ କଂଗ୍ରେସ କମିଟିମୁଖ୍ୟ ବି ମହେଶ କୁମାର ଗୌଡା କହିଛନ୍ତି। ନିଜାମାବାଦ ଠାରେ ସେ କହିଛନ୍ତି ଯେ, ଭୋଟରମାନେ କେ ଚନ୍ଦ୍ରଶେଖର ରାଓଙ୍କ ବିଆରଏସକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଗତବର୍ଷ କଂଗ୍ରେସ ସିକନ୍ଦରାବାଦ କ୍ୟାଣ୍ଟନମେଣ୍ଟ ଉପ ନିର୍ବାଚନ ଜିତିଥିଲା। ଏବେ ଜୁବଲୀ ହିଲ୍ସରେ ଦଳ ଜିତିଛି। ଏହାର ଅର୍ଥ ଲୋକମାନେ ସରକାରୀ ନୀତି ଓ କାର୍ଯ୍ୟକ୍ରମରେ ଖୁସି ରହିଛନ୍ତି। ଜୁବଲୀ ହିଲ୍ସର ବିଆରଏସ୍ ବିଧାୟକ ଏମ ଗୋପୀନାଥଙ୍କ ଦେହାନ୍ତ ହେବାରୁ ଏଠାରେ ଉପ ନିର୍ବଚନ ହୋଇଥିଲା। ବିଆରଏସ୍ ତାଙ୍କ ପତ୍ନୀ ସୁନିତାଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ଲୋକମାନେ ସୁନିତାଙ୍କୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସକୁ ସମର୍ଥନ କରିଛନ୍ତି।

● ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ବଡ଼ ଝଟକା

### ନିଜେ ଖାଲି କରିଥିବା ଆସନରେ ହାରିଲା ଦଳ



ଶ୍ରୀନଗର, ୧୪।୧୧: ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ଲାଗିଛି ବଡ଼ ଝଟକା। ତାଙ୍କ ଦଳ ନ୍ୟାଶନାଲ କନଫରେନ୍ସ ଉପତ୍ୟକାର ବଡ଼ଗାମରେ ହୋଇଥିବା ଉପ ନିର୍ବାଚନରେ ପରାସ୍ତ ହୋଇଛି। ଏହି ଆସନରେ ନିଜେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗତବର୍ଷ ବିଜୟୀ ହୋଇଥିଲେ। ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ବେଳେ ସେ ବଡ଼ଗାମ ସହ ଗାନ୍ଦେରବଲରୁ ଜିତିଥିଲେ। ତେଣୁ ତାଙ୍କୁ ବଡ଼ଗାମ ଆସନ ଖାଲି କରିବାକୁ ପଡ଼ିଥିଲା। ଏହାପରେ ଏଠାରେ ଉପନିର୍ବାଚନ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓମାର ଏହି ଆସନ ଖାଲି କରିଥିବାରୁ ତାଙ୍କ ଦଳ ନ୍ୟାଶନାଲ କନଫରେନ୍ସ ହିଁ ଏଠାରେ ଜିତିବ ବୋଲି ସମସ୍ତେ ଆଶା କରିଥିଲେ। ୧୯୫୭ରୁ ନ୍ୟାଶନାଲ କନଫରେନ୍ସ ଏଠାରୁ ଜିତୁଥିଲା। ଏହା ଦଳର ଗଡ଼ ଭାବେ ପରିଚିତ ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତିଙ୍କ ପିପୁଲ୍ସ ଡେମୋକ୍ରାଟିକ ପାର୍ଟି(ପିଡିପି) ଏଠାରେ ଜିତିଛି। ପିଡିପିର ଆଗା ସୟିଦ ମୁନ୍ତାଜିର ବଡ଼ଗାମ ଆସନରେ ଏନସିର ଆଗା ସୟିଦ ମହମ୍ମଦଙ୍କୁ ୪,୪୭୮ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। ଗତବର୍ଷ ଓମାର ଅବଦୁଲ୍ଲା କଂଗ୍ରେସ ସହ ମିଶି ଜମ୍ମୁ-କଶ୍ମୀରରେ ସରକାର ଗଠନ କରିଥିଲେ। ଓମର ସରକାର ଏହା ପ୍ରଥମ ଉପନିର୍ବାଚନ ଥିଲା। ପ୍ରଥମ ଉପ ନିର୍ବାଚନରେ ଓମାରଙ୍କୁ ବଡ଼ ଝଟକା ଲାଗିଛି।

ନାଗ୍ରୋଟା ଉପ ନିର୍ବାଚନରେ ମଧ୍ୟ ଏନସି ହାରିଛି। ବିଜେପି ଏହି ଆସନକୁ ନିଜ ପାଖରେ ପୂର୍ବଭଳି ରଖିବାକୁ ସକ୍ଷମ ହୋଇଛି। ଏଠାରେ ବିଜେପିର ଦେବୟାନି ରାଣା ୨୪,୬୪୭ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଛନ୍ତି। ଏହାପୂର୍ବରୁ ଏଠାରେ ତାଙ୍କ ବାପା ତଥା ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ସିଂହ ରାଣା ଜିତି ଆସୁଥିଲେ। ତାଙ୍କ ଦେହାନ୍ତ ପରେ ବିଜେପି ଉପ ନିର୍ବାଚନରେ ଝିଅ ଦେବୟାନିଙ୍କୁ ଟିକେଟ ଦେଇଥିଲା। ସେ ମଧ୍ୟ କାହାକୁ ନିରାଶ କରି ନାହାନ୍ତି। ସେ ଜମ୍ମୁ-କଶ୍ମୀର ନ୍ୟାଶନାଲ ପାନ୍ଥର୍ସ ପାର୍ଟିର ହର୍ଷ ଦେବ ସିଂହଙ୍କୁ ହରାଇଛନ୍ତି। ହର୍ଷ ୧୭, ୭୦୩ ଖଣ୍ଡ ଭୋଟ ପାଇଥିବା ବେଳେ ଏନସିର ଶାମିମ ବେଗମ ୧୦,୮୭୨ ଖଣ୍ଡ ଭୋଟ ପାଇଛନ୍ତି। ଦେବୟାନିଙ୍କୁ ୪୨,୩୫୦ ଖଣ୍ଡ ଭୋଟ ମିଳିଛି।

## ସର୍ବକନିଷ୍ଠ ବିଧାୟିକା ମୈଥିଲୀଙ୍କ ବାଜିମାତ୍



**ପାଟନା,୧୪।୧୧:** ଆଜି ବିହାର ବିହାର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା କରାଯାଇଛି। ଚଳିତ ନିର୍ବାଚନରେ ସମସ୍ତଙ୍କ ନଜର ବିହାରର ଆଲିନଗର ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ଥିଲା। ଗୋଟିଏ ପଟେ ଆରଜେଡିର ଅଭିଜ୍ଞ ନେତା ବିନୋଦ ମିଶ୍ର ଏବଂ ଅନ୍ୟ ପଟେ ପ୍ରଥମଥର ନିର୍ବାଚନ ଲଢ଼ୁଥିବା ଗାୟିକା ମୈଥିଲୀ ଠାକୁର ଥିଲେ। ମୈଥିଲୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିନୋଦଙ୍କୁ ୧୩,୨୮୨ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଏହି ବିଜୟ ସହ ମୈଥିଲୀ ବିହାରର ସର୍ବକନିଷ୍ଠ ବିଧାୟକ ହୋଇଛନ୍ତି। ଏବେ ତାଙ୍କୁ ମାତ୍ର ୨୫ ବର୍ଷ। ଫଳାଫଳ ଘୋଷଣା ହେବା ମାତ୍ରେ ବିଜୟୀ ଶିବିରର ସମର୍ଥକମାନେ ଉତ୍ସବ ପାଳନ କରିବା ଆରମ୍ଭ କରିଦେଇଛନ୍ତି। ବିଜୟୀ ପରେ ମୈଥିଲୀ ଠାକୁର କହିଛନ୍ତି, ମୁଁ ବହୁତ ଭଲ ଅନୁଭବ କରୁଛି। ପ୍ରଥମ ଦିନରୁ ମୋର କୌଣସି ସନ୍ଦେହ ନ ଥିଲା। ଏହା ଏକ ଭିନ୍ନ ଯାତ୍ରା ଥିଲା, ଯାହା ମୁଁ କେବେ ଭାବି ନଥିଲି ଯେ, ମୁଁ ମୋ ଜୀବନରେ ସଫଳତା ଏତେ ଶୀଘ୍ର ସାମ୍ନା କରିବି। କିନ୍ତୁ ମୁଁ ଏହାକୁ ଦେଖିଛି, ଅନୁଭବ କରିଛି ଏବଂ ଏବେ ମୁଁ ଆଗାମୀ ପାଞ୍ଚ ବର୍ଷ ପାଇଁ ପ୍ରସ୍ତୁତ। ଆଗାମୀ ସମୟରେ, ମୁଁ ନିଜକୁ ପ୍ରମାଣ କରିବି। ଏହା ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ।

## ଭୋଜପୁରରେ ମାତ୍ର ୨୭ ଭୋଟରେ ଜିତିଲା ଜେଡିୟୁ



**ଭୋଜପୁର,୧୪।୧୧:** ବିହାର ବିଧାନସଭା ନିର୍ବାଚନରେ ଭୋଜପୁରରେ ସବୁଠୁ ରୋମାଞ୍ଚକର ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଜିଲ୍ଲାର ସନ୍ଦେଶ ବିଧାନସଭା ନିର୍ବାଚନମଣ୍ଡଳିରେ ଜେଡିୟୁ ପ୍ରାର୍ଥୀ ରାଧାଚରଣ ଶାହ ମାତ୍ର ୨୭ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଏଠାରେ ୨୮ ରାଉଣ୍ଡରେ ଭୋଟ ଗଣନା ହୋଇଛି। ଏହି ଭୋଟ ଗଣନା ଚାଲିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଅନେକବାର ଆଗେଇଥଲେ ଓ ପଛେଇଥିଲେ। ହେଲେ ଶେଷରେ ଶାସକ ଦଳ ପ୍ରାର୍ଥୀ ମାତ୍ର ୨୭ ଖଣ୍ଡ ଭୋଟ ବ୍ୟବଧାନରେ ବିରୋଧୀ ଆରଜେଡିର ଦୀପୁ ସିଂହଙ୍କୁ ପରାସ୍ତ କରିଛନ୍ତି। ଭୋଟ ଗଣନା ଆରମ୍ଭରୁ ଆରଜେଡି ପ୍ରାର୍ଥୀ ଦୀପୁ ସିଂହ ଆଗେଇକି ରହୁଥିଲେ। ଏଣୁ ସନ୍ଦେଶ ଆସନଟି ବିରୋଧୀ ଆରଜେଡି ହାତକୁ ଚାଲିଯିବ ବୋଲି ଧରି ନିଆଯାଇଥିଲା। ହେଲେ ଶେଷ ୪-୫ ପର୍ଯ୍ୟାୟ ଭୋଟ ଗଣତି ବେଳେ ଦୀପୁ ସିଂହ ପଛାଇବା ବେଳେ ଜେଡିୟୁ ପ୍ରାର୍ଥୀଙ୍କ ରିକଭରି ହୋଇଥିଲା। ୨୮ ରାଉଣ୍ଡ ଭୋଟ ଗଣନା ପରେ ଆରଜେଡି ପ୍ରାର୍ଥୀ ଦୀପୁ ସିଂହ ମାତ୍ର ୩୬ଟି ଭୋଟରେ ଆଗରେ ଥିବା ଜଣାପଡିଥିଲା। ଏଣୁ ଆସନଟି ଆରଜେଡି ହାତକୁ ଚାଲିଯିବା ଆଶଙ୍କା ଦୃଢ ହୋଇଥିଲା। ହେଲେ ଏଥିରେ ପୋଷ୍ଟାଲ ବାଲଟ ଯୋଗ କରାଯିବା ଯୋଗୁ ଜେଡିୟୁ ପ୍ରାର୍ଥୀ ରାଧାଚରଣ ଶାହ ୨୭ଟି ଭୋଟରେ ଆଗେଇବା ସହ ନିର୍ବାଚନରେ ତାଙ୍କୁ ବିଜେତା ଘୋଷଣା କରାଯାଇଛି। ଏଥିରେ ପୋଷ୍ଟାଲ ବାଲଟ ହିଁ ଶାହଙ୍କ ବିଜୟ ମାର୍ଗକୁ ପ୍ରଶସ୍ତ କରିଛି।

## ଦିଲ୍ଲୀ ବିସ୍ଫୋରଣ ପରେ କାର୍ଯ୍ୟାନୁଷ୍ଠାନ

## ମାଟିରେ ମିଶିଲା ଆତଙ୍କୀ ଉମରର ଘର



**ନୂଆଦିଲ୍ଲୀ,୧୪।୧୧:** ନଭେମ୍ବର ୧୦ରେ ସନ୍ଧ୍ୟା ପ୍ରାୟ ୭ଟାରେ ରାଜଧାନୀ ଦିଲ୍ଲୀରେ ଘଟିଥିବା ବିସ୍ଫୋରଣ ପୂରା ସହରକୁ ଥରାଇ ଦେଇଥିଲା। ବିସ୍ଫୋରଣରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଜମ୍ମୁ ଏବଂ କଶ୍ମୀରର ବାସିନ୍ଦା ଡାକ୍ତର ଉମର ଏହି ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ଏଥିପାଇଁ ଯାଞ୍ଚ ଏଜେନ୍ସୀ କାର୍ଯ୍ୟାନୁଷ୍ଠାନ ନେଇଛି। ଆଉ ଉମର ଘର ଉପରେ ଆଇଇଡି ପକାଇ ପୂରା ଧ୍ୱଂସ କରିଦିଆଯାଇଛି। ତଦନ୍ତକାରୀ ଏଜେନ୍ସୀଗୁଡ଼ିକ ଚଢ଼ଉ ଏବଂ ଅପରେସନକୁ ତୀବ୍ର କରିଛନ୍ତି। ଲାଲକିଲ୍ଲା ନିକଟରେ ବିସ୍ଫୋରଣ ପରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦେଶବ୍ୟାପୀ ଚଢ଼ାଉ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ବିସ୍ଫୋରଣ ପଛରେ ଆତଙ୍କବାଦୀ ଡକ୍ଟର ଉମରର ହାତ ଥିଲା। ତାଙ୍କ ଗୋଷ୍ଠୀ ଗତ ଦୁଇବର୍ଷ ଧରି ଆକ୍ରମଣ ଯୋଜନା କରୁଥିଲେ। ପୁଲିସ ଉମରଙ୍କ ପରିବାର ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କ ଭାଇ ଏବଂ ମା'ଙ୍କୁ ଅଟକ ରଖିଛି। ବିସ୍ଫୋରଣର କିଛି ସମୟ ପୂର୍ବରୁ ଓମାର ପରିବାରକୁ ତାଙ୍କୁ ଫୋନ୍ ନ କରିବାକୁ ଅନୁରୋଧ କରିଥିଲେ।

## ଭାରତୀୟ ବାୟୁସେନାର ବିମାନ ଦୁର୍ଘଟଣାଗ୍ରସ୍ତ

● ଅଳ୍ପକେ ବର୍ତ୍ତିଗଲେ ପାଇଲଟ



**ନୂଆଦିଲ୍ଲୀ,୧୪।୧୧:** ଦୁର୍ଘଟଣାଗ୍ରସ୍ତ ହେଲା ବାୟୁସେନାର ବିମାନ। ଚେନ୍ନାଇ ଚେଙ୍ଗଲପଟ୍ଟ ଜିଲ୍ଲାର ତାମ୍ବାରମ ନିକଟରେ ଭାରତୀୟ ବାୟୁସେନାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। 'ପିଲାଟସ୍ ପିସି-୭' ନାମକ ଏହି ଏୟାରକ୍ରାଫ୍ଟ ଏହାର ରୁଟିନ୍ ଟ୍ରେନିଂ ମିଶନ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତେବେ ସୌଭାଗ୍ୟବଶତଃ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ପାଇଲଟ ସୁରକ୍ଷିତ ଭାବରେ ବାହାରି ଆସିଥିଲେ। ପିଟିଆଇ ଜାରି କରିଥିବା ଏକ ଭିଡିଓରେ, ଦୁର୍ଘଟଣାସ୍ଥଳରେ ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ ମାଟି ଉପରେ ପଡ଼ିଥିବାର ଦେଖାଯାଉଛି ଏବଂ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ଏକାଠି ହୋଇଛନ୍ତି।

## ବନ୍ଦଘରୁ ପରିବାରର ୫ଜଣଙ୍କ ମୃତଦେହ ଉଦ୍ଧାର



ଲକ୍ଷ୍ନୌ, ୧୪।୧୧ : ୟୁପିର ଶ୍ରୀବାସ୍ତିର ଇକୋନା ଥାନା ଅଞ୍ଚଳରେ ହୃଦୟବିଦାରକ ଘଟଣା ଘଟିଛି। ଗୋଟିଏ ପରିବାରର ୫ ଜଣଙ୍କ ମୃତ୍ୟୁ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଏକ ବନ୍ଦଘରୁ ସ୍ୱାମୀ, ସ୍ତ୍ରୀଙ୍କ ସହିତ ୩ ପିଲାଙ୍କ ମୃତଦେହ ମିଳିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

ଖବର ମୁତାବକ, ୟୁପିର ଶ୍ରୀବାସ୍ତିର ଇକୋନା ଥାନା ଅଞ୍ଚଳରେ ବନକଟ ଗାଁରେ ପତିପତ୍ନୀ ଏବଂ ତାଙ୍କ ୩ ଛୁଆଙ୍କ ସନ୍ଦିଗ୍ଧ ମୃତ୍ୟୁ ହୋଇଥିଲା। ସମସ୍ତ ମୃତଦେହ ବନ୍ଦ ଘରେ ପଡିଥିଲା। ଘଟଣାର ପରିସ୍ଥିତି ଦେଖି ସନ୍ଦେହ କରାଯାଉଛି। ପରିଜନ ଏବଂ ଗାଁ ଲୋକ ବନ୍ଦଥିବା ଘରର କବାଟ ଭାଙ୍ଗିବା ପରେ ଭୟଙ୍କର ଦୃଶ୍ୟ ଦେଖିଥିଲେ। ତେବେ ମୃତକଙ୍କ ମଧ୍ୟରେ ୩୨ ବର୍ଷୀୟ ସ୍ୱାମୀ, ୩୦ ବର୍ଷୀୟ ପତ୍ନୀ, ୬ ଏବଂ ୪ ବର୍ଷର ଝିଅ ଏବଂ ଦେଢବର୍ଷର ପୁଅ ରହିଥିଲେ। ଘର ଭିତରୁ ବନ୍ଦ ରହିଥିଲା।

ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୁଲିସ ଘଟଣାର ଯାଞ୍ଚ କରୁଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ତେବେ ପାରିବାରିକ କନ୍ଦଳ, ଅର୍ଥାଭାବ କିମ୍ବା ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି।

# ମାତ୍ର ୨୧ ଭୋଟରେ ଜିତିଲା କଂଗ୍ରେସ

**ଅରରିୟା,୧୪।୧୧:** ବିହାର ବିଧାନସଭା ନିର୍ବାଚନରେ ଅରରିଆ ଜିଲ୍ଲା ଫାରବିସଗଞ୍ଜ ବିଧାନସଭା ନିର୍ବାଚନମଣ୍ଡଳିରେ ସବୁଠୁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଏଠାରେ ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଟକ୍କର ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ମନୋଜ ବିଶ୍ୱାସ ବିଜେପିର ବିଦ୍ୟା ସାଗରଙ୍କୁ ମାତ୍ର ୨୧ ଖଣ୍ଡ ଭୋଟରେ ମାତ ଦେଇଛନ୍ତି। ଏଠାରେ ଭୋଟ ଗଣନା କାଳରେ ପ୍ରତି ରାଉଣ୍ଡରେ ବିଜେପି ପ୍ରାର୍ଥୀ ଓ କଂଗ୍ରେସ ପ୍ରାର୍ଥୀଙ୍କ ଭୋଟ ସଂଖ୍ୟା ସମସ୍ତଙ୍କ ହୃଦଗତିକୁ ବଢାଇଥିଲା। ଶେଷ ୩୦ ରାଉଣ୍ଡ ଗଣନାରେ କଂଗ୍ରେସ ପ୍ରାର୍ଥୀ ମନୋଜ ବିଶ୍ୱାସ ମାତ୍ର ୨୧ ଖଣ୍ଡ ଭୋଟରେ ବିଜେପିର ବିଦ୍ୟାସାଗରଙ୍କୁ ପରାସ୍ତ କରିଛନ୍ତି। ଏଠାରେ ମନୋଜ ବିଶ୍ୱାସଙ୍କୁ ୧ଲକ୍ଷ ୨୦ ହଜାର ୧୧୪ଟି ଭୋଟ ମିଳିଛି। ତେବେ ମାତ୍ର ୨୧ଟି ଭୋଟରେ ବିଜେପି ପ୍ରାର୍ଥୀ ପଛେଇ ଯାଇଛନ୍ତି।

## ପିକଅପ୍ ଭ୍ୟାନ ଓଲଟିଲା, ଦୁଇ ବଳଦ ମୃତ

କେନ୍ଦୁଝର,୧୪।୧୧(ସଂଚାର ବ୍ୟୁରୋ): ବାଂଶପାଳ ବ୍ଲକ କାଞ୍ଚିପାଣି ଥାନା ଅନ୍ତର୍ଗତ ତଳ ଜନ୍ଧାରି ଗ୍ରାମ ପାଖରେ ଓଲଟି ପଡ଼ିଛି ଚୋରା ବଳଦ ନେଇ ଯାଉଥିବା ପିକଅପ ଭ୍ୟାନ। ଗାଡ଼ିରେ ଦୁଇ ଗୋଟି ବଳଦ ଚାପି ହୋଇ ମରିଯାଇଥିବା ବେଳେ ଗୋଟେ ବଳଦ ଗାଡ଼ି ପାଖରେ ଛିଡ଼ା ହୋଇଛି।

ଲୋକଙ୍କ କହିବା ଅନୁଯାୟୀ, ପ୍ରତ୍ୟେକ ଦିନ ଦ୍ରୁତ ଗତିରେ ଚୋରା ବଳଦ ଗାଡି ଏହି ରାସ୍ତାରେ ଯାଉଛି। ପୋଲିସ ଅଧିକାରୀ ରାତିରେ ପାଟ୍ରୋଲିଂ କଲେ, ହୁଏତ ଏହାକୁ ରୋକି ହୁଅନ୍ତା। ପ୍ରଶାସନ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଂଚଳର ଅଧିବାସୀ ଦାବି କରିଛନ୍ତି।

### ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଉଦ୍‌ଯାପିତ

# ‘ପିଲାଙ୍କ ଅନ୍ତର୍ନିହିତ ଗୁଣର ପରିସ୍ଫୁଟନ ହେଉଛି ସୁରଭି’



**ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ) :** ଉଦଯାପିତ ହୋଇଯାଇଛି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଛନ୍ତି । ସେହିପରି ଅନ୍ୟତମ ବିଶିଷ୍ଟ ଅତିଥି ଭାବେ, ଭୁବନେଶ୍ୱର ମେଏର ଶ୍ରୀମତୀ ସୁଲୋଚନା ଦାସ, ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଡ଼କ୍ଟର ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସ, ରାଜ୍ୟ ଶିକ୍ଷା ଗବେଷଣ ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

ୟୁନିଟ୍-୩ ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲରେ ତିନିଦିନିବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି । ଉତ୍ସବର ସଫଳତାକୁ ନେଇ ବିଭାଗୀୟ ମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ସେ ଉଦବୋଧନ ଦେଇ କହିଛନ୍ତି, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଭୟ ସହଯୋଗିତା ଓ ପ୍ରତିଯୋଗିତାମୂଳକ ମନୋଭାବ ରହିବା ଉଚିତ୍ । ପାଠ ପଢ଼ିବା ସହିତ ଖେଳକୁଦ, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ ଆଦି ପ୍ରତି ରୁଚି ରହିଲେ ଛାତ୍ରଛାତ୍ରୀମାନଙ୍କର ସମାଗ୍ରିକ ବିକାଶ ଘଟିଥାଏ ଏବଂ ସୁରଭି ସେହି ପ୍ରତିଭାର ପରିସ୍ଫୁଟନର ଏକ ଉପଯୁକ୍ତ ମାଧ୍ୟମ ।

ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ସମସ୍ତଙ୍କ ମଧ୍ୟରେ ବିଶ୍ୱ ବିଷୟରେ ଜାଣିବା ପାଇଁ ଆଗ୍ରହ ସୃଷ୍ଟିହେବା ଉଚିତ୍ । ଶିକ୍ଷା ବ୍ୟବସ୍ଥାରେ ନୂତନ ପ୍ରଯୁକ୍ତିବିଦ୍ୟାକୁ ସ୍ଥାନ ଦେଇ ଆମକୁ ସବୁଦିଗରୁ ସ୍ୱୟଂସଂପୂର୍ଣ୍ଣ ହେବାକୁ ପଡ଼ିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି । ଏଥିସହ ଗଣଶିକ୍ଷା ମନ୍ତ୍ରୀ ଶିକ୍ଷକମାନଙ୍କୁ ପ୍ରାଧାନ୍ୟ ଦେଇଥିଲେ ଏବଂ ବ୍ୟକ୍ତି ନିର୍ମାଣରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଏଥିସହ ଭୁବନେଶ୍ୱର ମେଏର ଶ୍ରୀମତୀ ସୁଲୋଚନା ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ସେ କହିଛନ୍ତି, ରାଜ୍ୟର କୋଣ ଅନୁକୋଣର ଛାତ୍ରଛାତ୍ରୀ ସୁରଭି କାର୍ଯ୍ୟକ୍ରମକୁ ଅପେକ୍ଷା କରିଥାଆନ୍ତି। ଏହି କାର୍ଯ୍ୟକ୍ରମ ସେମାନଙ୍କର କୁଶଳତା ଦେଖାଇବାର ମଞ୍ଚ । ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି ।

ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଆଗାମୀ ସୁରଭି ମହୋତ୍ସବରେ ଏହିପରି ଉତ୍ସାହିତ ଭାବେ ଯୋଗ ଦେବାକୁ ଆହ୍ୱାନ କରିଥିଲେ । ନିଜ ଭିତରେ ଥିବା ପ୍ରତିଭାକୁ ଆଗେଇ ନେଇ, ଏହାକୁ ମାର୍ଜିତ କରି ନିଜକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ ।

# ଗୋରୁ ଚାଲାଣକାରୀଙ୍କ ଗୁଳିମାଡ଼ରେ ଯୁବକ ଆହତ

କେନ୍ଦ୍ରାପଡା, ୧୪।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ନରଣପୁର ଠାରେ ଘଟିଛି ଗୁଳିକାଣ୍ଡ। ଗୁଳିମାଡ଼ରେ ସ୍ଥାନୀୟ ପସ୍ତା ଗାଁର ଅକ୍ଷୟ କୁମାର ଦାସ ଆହତ ହୋଇଛନ୍ତି। ଅକ୍ଷୟଙ୍କ ବାମ ଜଙ୍ଘରେ ବାଜିଛି ଗୁଳି। ଗାଁ କ୍ଲବ ଘରେ ଶୋଇଥିବା ବେଳେ ବାହାରେ ପାଟିତୁଣ୍ଡ ଶୁଣି ସେ ପଦାକୁ ବାହାରି ଆସିଥିଲେ। ଏହି ସମୟରେ ଗୋରୁ ଚାଲାଣକାରୀମାନେ ଅକ୍ଷୟଙ୍କୁ ଗୁଳିମାଡ କରିଥିଲେ।

ସୂଚନା ଅନୁଯାୟୀ, ଆଜି ଭୋର୍ ପ୍ରାୟ ୩ଟାରେ ଗଣ୍ଡାକିଆ ଛକରେ କିଛି ସ୍ଥାନୀୟ ଯୁବକ ଗୋରୁ ଚାଲାଣ କରି ଫେରୁଥିବା ଗୋରୁ ଗାଡ଼ିକୁ ଅଟକାଇ ଥିଲେ। ପୂର୍ବରୁ ସେହି ଗାଡ଼ି ଗୋରୁ ଚାଲାଣ କରୁଥିବା ଅଭିଯୋଗ କରିଛନ୍ତି ଯୁବକମାନେ। ଗୋରୁ ଗାଡି ପଛରେ ଆସୁଥିବା ଅନ୍ୟ ଏକ ବଲେରୋ ଗାଡ଼ିରେ ଥିବା କିଛି ଲୋକ ସ୍ଥାନୀୟ ଯୁବକଙ୍କୁ ଆକ୍ରମଣ କରିଥିଲେ। ଫଳରେ ଯୁବକମାନେ ଗାଁ ଭିତରକୁ ଦୌଡ଼ି ପଳାଇ ଥିଲେ। ଗୋରୁ ଚାଲାଣକାରୀମାନେ ତାଙ୍କ ପଛେ ପଛେ ଗାଁ ଭିତରକୁ ଗୋଡାଇ ଗୋଡାଇ ଯାଇଥିଲେ। ଏହି ସମୟରେ କ୍ଲବ୍ ଘରେ ଶୋଇଥିବା ଅକ୍ଷୟ ଉଠି ପଡିବାରୁ ତାଙ୍କ ଜଙ୍ଘରେ ଗୁଳି ବାଜିଥିଲା। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଅଜଣା ଗାଡ଼ି ଧକ୍କାରେ ୨ ଯୁବକ ମୃତ

ଜୟପୁର, ୧୪।୧୧(ସଂଚାର ବ୍ୟୁରୋ): ଜୟପୁର ସଦର ଥାନା ଅନ୍ତର୍ଗତ ରେଲେଓ ଛକରେ ଅଜଣା ଗାଡି ଧକ୍କାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଜୟପୁର ବ୍ଲକ ଅନ୍ତର୍ଗତ ହରଡାପୁଟ ଗ୍ରାମର ଅଜୟ ମୁଦୁଲି ଓ ରାମ କୃଷ୍ଣ ଜାନି।

ଗତକାଲି ଅଜୟ ମୁଦୁଲି (୨୫) ଓ ତାଙ୍କ ସାଙ୍ଗ ରାମକୃଷ୍ଣ ଜାନୀ (୨୫) ମିଶି ଏକ ବାଇକରେ ଜୟପୁର ଆସି କାମ ସାରି ଫେରିବା ସମୟରେ ରାତ୍ର ସମୟରେ ଜୟପୁର ରେଲେଓ୍ୱ ଛକରେ ଗୋଟିଏ ଅଜଣା ଗାଡି ବିପରୀତ ଦିଗରୁ ଆସି ବାଇକ ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଆଜି ସକାଳୁ ମୃତ ଅଜୟ ମୁଦୁଲିର ବାପା କମଳ ଲୋଚନ ମୁଦୁଲି ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁଇ ଜଣଙ୍କ ମୃତଦେହ ରାସ୍ତା ଉପରେ ପଡି ରହିଥିଲା। ଏନେଇ ଜୟପୁର ଥାନାରେ ଅଭିଯୋଗ ହେବାରୁ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ୫୦ କେଜି ଗଞ୍ଜେଇ ଜବତ : ୨ ଗିରଫ

ସୁବର୍ଣ୍ଣପୁର, ୧୪।୧୧(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁରରୁ ବିନିକା ଭାୟା ଦେଇ ରାମପୁର ମୁଖ୍ୟ ରାସ୍ତାଟି ଏବେ ଗଞ୍ଜେଇ ବେପାରୀଙ୍କ କରିଡ଼ର ପାଲଟିଛି। ତେଣୁ ଏହି ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଏବଂ ଏହି ବ୍ୟବସାୟରେ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ଧରିବା ପାଇଁ ପୋଲିସ ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଗାଡ଼ି ମୋଟର ଚେକିଂକୁ ଗୁରୁତ୍ୱ ଦିଆଯାଉଛି । ଆଜି ସକାଳେ ବିନିକା ସହର ମୁଖ୍ୟ ରାସ୍ତା ଥାନା ଛକଠାରେ ପୋଲିସ ପକ୍ଷରୁ ଯାନବାହାନ ଗୁଡ଼ିକୁ କଡାକଡି ଚେକିଂ କରାଯାଉଥିବା ବେଳେ ସଂଦେହରେ ମହିନ୍ଦ୍ରା ୫୦୦ କାର ଯାହାର ନଂ ଓଡି୦୫ଆର୧୧୧୧ କୁ ଅଟକାଇ ଯାଂଚ୍ କରାଯାଇଥିଲା। ଗାଡ଼ିରେ ଗଞ୍ଜେଇ ଥିବା ଦେଖି ପୋଲିସ ଗାଡ଼ିକୁ ଜବତ କରି ଏଥିରେ ଥିବା ୨ ଜଣ ବ୍ୟକ୍ତିଙ୍କୁ ଥାନାକୁ ନେଇ ପୋଲିସ ପଚରାଉଚୁରା କରିଥିଲା। ଅପରାହ୍ନରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବିନିକା ଅତିରିକ୍ତ ତହସିଲଦାର ପହଂଚିବା ପରେ ବିନିକା ଥାନା ଅଧିକାରୀ ଓ ପୋଲିସ ଷ୍ଟାଫ ଉକ୍ତ ଗାଡିକୁ ଟିକିନିଖି ଯାଂଚ୍ କରି ଗାଡ଼ି ଭିତରୁ ଗଞ୍ଜେଇ ବାହାର କରି ଓଜନ କରିଥିଲେ। ପ୍ରାୟ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି । ଏଥିରେ ସଂଶ୍ଳିଷ୍ଟ ବୌଦ୍ଧ ଜିଲ୍ଲାର ୨ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି।



ନୂଆପଡ଼ାରେ ବାପାଙ୍କ ଆସନ ବଜାୟ ରଖିବା ପରେ ପରିବାର ସହ ଜୟ ଢୋଲକିଆ।

● ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ

# ୩୨ ବଲରୁ ଶତକ ହାସଲ

**ନୂଆଦିଲ୍ଲୀ,୧୪।୧୧:** ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ କମାଲ। ୨୦୨୫ ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟରେ ଭାରତ ଏ’ ପାଇଁ ଖେଳୁଥିବା ବୈଭବ ୟୁଏଇ ବିପକ୍ଷ ମ୍ୟାଚରେ ୩୨ ବଲରେ ଶତକ ହାସଲ କରିଛନ୍ତି। ବୈଭବ ୧୭ ବଲରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିବା ବେଳେ, ପରବର୍ତ୍ତୀ ୫୦ ରନରେ ପହଞ୍ଚିବା ପାଇଁ ୧୫ ବଲ୍ ଖେଳିଥିଲେ। ତାଙ୍କର ଏହି ଇନିଂସରେ ୧୦ ଚୌକା ଏବଂ ୯ ଛକା ସାମିଲ୍ ଥିଲା। ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୪୨ ବଲରେ ୧୪୪ ରନର ବିସ୍ଫୋରକ ଶତକୀୟ ଇନିଂସ ଖେଳିଛନ୍ତି। ଏଥିରେ ୧୫ ଛକା ଏବଂ ୧୧ ଚୌକା ସାମିଲ। ଏହା ଟି-୨୦ କ୍ରିକେଟ୍ ଇତିହାସରେ ଭାରତ ପାଇଁ ଦ୍ରୁତତମ ଶତକ ନୁହେଁ। ଟି-୨୦ କ୍ରିକେଟରେ ଭାରତ ପାଇଁ ଦ୍ରୁତତମ ଶତକର ରେକର୍ଡ ଯୁଗ୍ମ ଭାବେ ଅଭିଷେକ ଶର୍ମା ଏବଂ ଉର୍ଭିଲ ପଟେଲଙ୍କ ନାମରେ ରହିଛି। ଦୁଇ ଖେଳାଳି ୨୮ ବଲରେ ଶତକ ହାସଲ କରି ଭାରତୀୟ କ୍ରିକେଟରେ କୀର୍ତ୍ତିମାନ ରଚିଥିଲେ। ସୂର୍ଯ୍ୟବଂଶୀ ଚଳିତ ବର୍ଷ ଆଇପିଏଲରେ ଶତକ ହାସଲ କରିଥିବା ସବୁଠାରୁ କମ୍ ବୟସ୍କ କ୍ରିକେଟ୍ ଖେଳାଳି ହେବାର କୀର୍ତ୍ତିମାନ ସ୍ଥାପନ କରିଥିଲେ। ସେ ୧୪ ବର୍ଷ ୩୨ ଦିନ ବୟସରେ ମାତ୍ର ୩୫ ବଲରେ ଆଇପିଏଲ୍ ଶତକ ହାସଲ କରିଥିଲେ। ଏହା ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ।

### ଇଡେନ ଟେଷ୍ଟର ପ୍ରଥମ ଦିନରେ ବୁମରାଙ୍କ ରାଜୁତି

# ଦକ୍ଷିଣ ଆଫ୍ରିକା ୧୫୯ ରନରେ ଅଲଆଉଟ୍



**କୋଲକାତା,୧୪।୧୧:** କୋଲକାତାର ଐତିହାସିକ ଇଡେନ ଗାର୍ଡେନରେ ଖେଳାଯାଉଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ବୋଲରଙ୍କ ଦବଦବା ଦେଖିବାକୁ ମିଳିଛି। ଯଶପ୍ରୀତ ବୁମରାଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୧୫୯ ରନରେ ଅଲଆଉଟ୍ ହୋଇଛି। ଦଳର ଜଣେ ହେଲେ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ପାରିନାହାନ୍ତି। ଜବାବରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତ ଗୋଟିଏ ୱିକେଟ୍ ହରାଇ ୩୭ ରନ କରିଛି। କେଏଲ ରାହୁଲ ୧୩ ରନ ଓ ୱାଶିଂଟନ ସୁନ୍ଦର ୬ ରନ କରି କ୍ରିଜରେ ଅଛନ୍ତି। ଭାରତ ୧୨୨ ରନ ପଛରେ ରହିଛି। ପ୍ରଥମ ଦିନର ଖେଳରେ ଚମକିଛନ୍ତି ତାରକା ବୋଲର ଯଶପ୍ରୀତ ବୁମରା। ସେ ମାତ୍ର ୨୭ ରନ ଦେଇ ୫ଟି ୱିକେଟ୍ ନେଇଛନ୍ତି। ତେବେ ପ୍ରଥମ ଦିନରେ ରନ ପାଇଁ ବ୍ୟାଟରଙ୍କୁ ସଂଘର୍ଷ କରିବାକୁ ପଡ଼ିଛି।

ଟସ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିଥିଲା। ଦୁଇ ଓପନର ଆଡନ ମାରକ୍ରମ ଓ ରିୟାନ ରିକଲଟନ ଦଳକୁ ଭଲ ଆରମ୍ଭ ଦେଇଥିଲେ। ଓପନିଂରେ ଦୁହେଁ ୫୭ ରନ ଯୋଡ଼ିଥିଲେ। ରିକଲଟନ(୨୩) ଓ ମାରକ୍ରମ(୩୧) ଉଭୟଙ୍କୁ ଆଉଟ୍ କରି ଭାରତକୁ ଡବଲ ସଫଳତା ଦେଇଥିଲେ ଯଶପ୍ରୀତ ବୁମରା। ଅଧିନାୟକ ତେମ୍ବା ବାଭୁମା(୩ ରନ) ପାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ ୱିୟାନ ମୁଲଡର ୨୪ ରନ କରିଥିଲେ ହେଁ ବଡ଼ ଇନିଂସ ଖେଳି ପାରି ନ ଥିଲେ। ଟୋନି ଡି ଜୋର୍ଜି ମଦଯୟ ୨୪ ରନ କରିଥିଲେ ମଧ୍ୟ କ୍ରିଜରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଷ୍ଟବ୍ସ ୧୫ ରନରେ ଅପରାଜିତ ଥିଲେ ହେଁ ଅନ୍ୟପଟେ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା ଦକ୍ଷିଣ ଆଫ୍ରିକା।

ଏହା ପରେ ନିଜର ଇନିଂସ ଆରମ୍ଭ କରିଥିବା ଭାରତକୁ ୧୮ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। ଜୟସ୍ୱାଲ ୧୨ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ତୃତୀୟ କ୍ରମରେ ବ୍ୟାଟିଂ କରିବାକୁ ଆସିଛନ୍ତି ୱାଶିଂଟନ ସୁନ୍ଦର। କେଏଲ ରାହୁଲ ଓ ସୁନ୍ଦର ଉଭୟ ଆଉ ଦଳର କୌଣସି କ୍ଷତି ହେବାକୁ ଦେଇ ନାହାନ୍ତି। କିନ୍ତୁ ଦୁଇ ବ୍ୟାଟରଙ୍କୁ ପ୍ରତିଟି ରନ ପାଇଁ ବେଶ ସଂଘର୍ଷ କରିବାକୁ ପଡ଼ିଛି। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୧ ୱିକେଟ୍ ହରାଇ ୩୭ ରନ କରିଛି। ରାହୁଲ ୧୩ ଓ ସୁନ୍ଦର ୬ ରନ କରି ଅପରାଜିତ ଅଛନ୍ତି। ଭାରତ ଏବେ ବି ୧୨୨ ରନ ପଛରେ ରହିଛି। ତେବେ ଦିନ ଗଡ଼ିବା ସହ ଇଡେନର ପିଚ୍ ବ୍ୟାଟରଙ୍କ ପାଇଁ ବ୍ୟାଟିଂ କରିବା ମୁସ୍କିଲ ହୋଇଯିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏନ୍‌ଡିଏକୁ...

ଘଟାଇଛି। ଏନଡିଏରେ ବିଜେପିକୁ ସର୍ବାଧିକ ୮୯ ଆସନ ମିଳିଥିବା ବେଳେ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ(ଜେଡିୟୁ)କୁ ମିଳିଛି ୮୫ ଆସନ। ସହଯୋଗୀ ଏଲଜେପିକୁ ୧୯, ହାମକୁ ୫ଟି ଆସନ ମିଳିଛି। ସେପଟେ ମହାଗଠବନ୍ଧନ ଏକ ପ୍ରକାର ମାଟି କାମୁଡ଼ିଛି। ମହାମେଣ୍ଟକୁ ମିଳିଛି ମାତ୍ର ୩୨ ଆସନ। ଆରଜେଡିକୁ ମାତ୍ର ୨୫ ଆସନ ମିଳିଥିବା ବେଳେ କଂଗ୍ରେସକୁ ୬ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ନିର୍ବାଚନ ପୂର୍ବରୁ ଏକଜିଟ୍ ପୋଲର ସବୁ ଆକଳନକୁ ନିର୍ବାଚନ ଫଳାଫଳ ଭୁଲ ପ୍ରମାଣିତ କରିଛି।

ଏନଡିଏର ବିହାର ବିଜୟ ପରେ ଦିଲ୍ଲୀରୁ ପାଟନା ଉତ୍ସବ ମୁଖରିତ ହୋଇଉଠିଛି। ବିଜେପି କର୍ମକର୍ତ୍ତାମାନେ ବାଜା, ବାଣ ଫୁଟାଇ ପରସ୍ପର ମଧ୍ୟରେ ମିଠା ବାଣ୍ଟି ଏହି ବିଜୟ ଉତ୍ସବ ମନାଇଛନ୍ତି। ଏମିତିକି ଖୋଦ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ ବିହାରୀ ଷ୍ଟାଇଲରେ ଗାମୁଛା ହଲାଇ ଭୋଟରଙ୍କୁ ସାଧୁବାଦ ଜଣାଇଛନ୍ତି। ପାଟନା ବିଜେପି କାର୍ଯ୍ୟାଳୟରେ ମଧ୍ୟ ଜାକଜମକରେ ଉତ୍ସବ ପାଳନ କରାଯାଇଛି। ଏଭଳି ବିପୁଳ ବିଜୟ ଏନଡିଏ କର୍ମକର୍ତ୍ତାଙ୍କ ମନରେ ଉତ୍ସାହ ଭଳି ଦେଇଛି।

ଏସଆଇଆର ଲାଗୁ କରାଯିବା ପରେ ପ୍ରଥମ ରାଜ୍ୟ ଭାବେ ବିହାର ନିର୍ବାଚନରେ ଏହାକୁ ଲାଗୁ କରାଯାଇଥିଲା। ଦୁଇ ପର୍ଯ୍ୟାୟ ବିଶିଷ୍ଟ ମତଦାନ ଗତ ନଭେମ୍ବର ୬ ଓ ୧୧ରେ ରେକର୍ଡ ଭୋଟିଂ ହୋଇ ଆଜି ଫଳାଫଳ ପ୍ରକାଶ ପାଇଥିଲା।

ନିର୍ବାଚନୀ ଇସ୍ତାହାରରେ ମହାମେଣ୍ଟର ମନଲୋଭା ପ୍ରତିଶ୍ରୁତି କାଳ ହୋଇଛି। ଭୋଟର ବିକାଶ ଓ ସୁଶାସନକୁ ବାଛିଛନ୍ତି। ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଆରଜେଡି ଓ କଂଗ୍ରେସ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ଯଦିଓ ଆରଜେଡି ଏକପାଖିଆଭାବେ ଲାଲୁନନ୍ଦନ ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ବାଛିଥିଲେ, ମେଣ୍ଟ ଭାଗ ନଛିଡ଼ିବାରୁ ବିଭିନ୍ନ ଆସନରେ ମନଇଚ୍ଛା ପ୍ରାର୍ଥୀ ଦିଆଯାଇଥିଲା। ପ୍ରଚାରରେ ଅସଙ୍ଗତି ବାରି ହୋଇଯାଉଥିଲା। ଯେମିତି ମହାମେଣ୍ଟରେ ତଳମେଳ ନଥିଲା, ସେଇଭଳି ଲାଗୁଥିଲା। ଅପର ପକ୍ଷରେ ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ ଗୃହମନ୍ତ୍ରୀ ଅମିତ ଶାହ ବିହାରରେ ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ଘୋଷଣା କରିଥିଲେ।

## ଭାଣିଜୀକୁ...

ଏହି ଆସନରୁ ୩ଥର ବିଜୟୀ ହୋଇଛି। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ନୂଆପଡ଼ାରେ ଉପନିର୍ବାଚନ ହୋଇଥିଲା। ଜୟ ଢୋଲକିଆ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ହୋଇଥିବା ବେଳେ ସେ ଉପନିର୍ବାଚନର ଠିକ୍ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ଆଉ ବିଜେପି ଟିକେଟରେ ନିର୍ବାଚନ ଲଢ଼ିଥିବା ବେଳେ ନୂଆପଡା ମୁକୁଟ ପିନ୍ଧିଛନ୍ତି। ଖାଲି ଯେ ମୁକୁଟ ପିନ୍ଧିଛନ୍ତି ତାହା ନୁହେଁ, ଜୟ ଢୋଲକିଆ ପୂର୍ବ ସମସ୍ତ ନିର୍ବାଚନ ରେକର୍ଡ ମଧ୍ୟ ଭାଙ୍ଗି ଦେଇଛନ୍ତି। ତାଙ୍କ ପିତା ରାଜେନ୍ଦ୍ର ଢୋଲକିଆ ପ୍ରଥମେ ୨୦୦୪ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ବିଧାୟକ ହୋଇଥିଲେ। ପରେ, ସେ ୨୦୦୯, ୨୦୧୯ ଏବଂ ୨୦୨୪ ମସିହାରେ ବିଜେଡି ପ୍ରାର୍ଥୀ ଭାବରେ ଜିତିଥିଲେ। ୨୦୨୪ରେ ବାପା ରାଜେନ୍ଦ୍ର ଢୋଲକିଆ ୬୧,୮୨୨ ଭୋଟ୍ ଭୋଟ ପାଇଥିବା ବେଳେ ଆଜି ଜୟ ମାତ୍ର ୧୩ ରାଉଣ୍ଡ ସୁଦ୍ଧା ୬୩ ହଜାରରୁ ଅଧିକ ଭୋଟ୍ ପାଇ ଏହାକୁ ଅତିକ୍ରମ କରିଥିଲେ।

ବିଜୟ ପରେ ଜୟ ଢୋଲକିଆ କହିଥିଲେ, ଏହା ନୂଆପଡାବାସୀଙ୍କ ବିଜୟ। ନୂଆପଡାର ବିକାଶ ପାଇଁ ଜନସାଧାରଣ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱକୁ ସମର୍ଥନ କରିଛନ୍ତି। ଏପରି ବିପୁଳ ସମର୍ଥନ ପାଇଁ ମୁଁ ଋଣୀ ଏବଂ ନୂଆପଡାବାସୀଙ୍କ ପ୍ରତି ମୋର କୃତଜ୍ଞତା ପ୍ରକାଶ କରୁଛି।

ସବୁଠୁ ବଡ କଥା ହେଲା ଏହି ନିର୍ବାଚନରେ ନବୀନ ପଟ୍ଟନାୟକ ନିଜ କ୍ରେଜ ହରାଇଥିବା ପ୍ରମାଣିତ ହୋଇଛି। ଦିନ ଥିଲା ନବୀନ ହାତ ହଲେଇଦେଲେ ଶଙ୍ଖ ଚିହ୍ନରେ ଭୋଟ ଢାଳିଦେଉଥିଲେ ଭୋଟର। ଥରେ ନିର୍ବାଚନମଣ୍ଡଳୀ ବୁଲି ଆସିଲେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ହେଉଥିଲା। ମାତ୍ର ସେ ସମୟ ଚାଲିଯାଇଛି। ନବୀନ ବାବୁଙ୍କୁ ନୂଆପଡ଼ାବାସୀ ମୁହଁମୋଡ଼ି ଦେଇଛନ୍ତି। ଦୁଇ ଦୁଇ ଥର ନୂଆପଡ଼ା ଆସି ଘଣ୍ଟା ଘଣ୍ଟା ଧରି ରୋଡ୍ ସୋ’ କରିଥିଲେ ମଧ୍ୟ ଲୋକଙ୍କୁ ପ୍ରଭାବିତ କରିପାରିନାହାନ୍ତି। କ୍ଷମତାରୁ ଯିବା ପରେ ପ୍ରଥମ ଥର ପାଇଁ ନୂଆପଡ଼ା ଉପନିର୍ବାଚନକୁ ସାମନା କରିଥିଲା ବିଜେଡି। ପ୍ରତିକୂଳ ପରିସ୍ଥିତିରେ ଗତି କରୁଥିବା ବିଜେଡି ପାଇଁ ଏହି ଉପନିର୍ବାଚନ ଅଗ୍ନିପରୀକ୍ଷାର ବେଳ ଥିଲା। ଦଳର ଅଘୋଷିତ ପ୍ରାର୍ଥୀ ଜୟ ଢ଼ୋଲକିଆ ଶେଷ ମୁହୂର୍ତ୍ତରେ ବିଜେପିକୁ ପଳେଇବା ବିଜେଡି ପାଇଁ ଆରମ୍ଭରୁ ଶକ୍ତ ଧକ୍କା ହୋଇଥିଲା। ତାଙ୍କ ପରେ ପ୍ରାର୍ଥୀ ଚୟନରେ ମଧ୍ୟ ବିଭ୍ରାଟ ସୃଷ୍ଟି ହେଲା। ସ୍ଥାନୀୟ ଅଞ୍ଚଳର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନଜରଅନ୍ଦାଜ କରି ବରଗଡ଼ ଜିଲ୍ଲାର ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରାଗଲା। ଏହି ନିଷ୍ପତ୍ତି କିଏ ଓ କାହିଁକି ନେଲା ତାହା ଏବେ ବି ରହସ୍ୟଘେରରେ।

## କମାଲ...

କରିବାକୁ ପ୍ରଧାନମନ୍ତ୍ରୀ ଶଙ୍କଳ୍ପ ନେଇଥିବା ବେଳେ ରାଜ୍ୟରେ ତାଙ୍କ ପ୍ରତିନିଧି ଭାବେ ମୋହନ-ମନମୋହନ ଯୋଡି ମଧ୍ୟ ୨୦୩୬ ସୁଦ୍ଧା ଓଡିଶାକୁ ବିକାଶର ଶିର୍ଷରେ ପହଁଚାଇବାକୁ ଅଣ୍ଟା ଭିଡିଛନ୍ତି। ନୂଆପଡ଼ାଙ୍କୁ ବିକାଶ ଇଞ୍ଜିନ ସହ ଯୋଡିବାକୁ ମୋହନ ମାଝୀ ଦେଇଥିବା ପ୍ରତିଶ୍ରୁତି ଉପରେ ଆସ୍ଥା ପ୍ରକଟ କରିଛନ୍ତି ନୂଆପଡ଼ାବାସୀ। ସେହିଭଳି ସାଙ୍ଗଠନିକ ସ୍ତରରେ ବିଜେପିକୁ ରାଜ୍ୟର ଏକ ନମ୍ବର ଦଳରେ ପରିଣତ କରିବାକୁ ମନମୋହନ ସାମଲ ଯେଉଁ ଦାୟିତ୍ୱ ନେଇଛନ୍ତି ସେଥିରେ ମଧ୍ୟ ସେ ସଫଳ ହୋଇଛନ୍ତି। ଏହି ସଫଳ ଥ୍ରୀ-ଏମ ଯୋଡି ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ ନୂଆ ଦିଗ ଦେବେ ବୋଲି ରାଜନୈତିକ ପଣ୍ଡିତମାନେ ଆକଳନ କରୁଛନ୍ତି।

## ଐତିହାସିକ...

ଉପନିର୍ବାଚନରେ ବିଜେପିର ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ ଏବଂ ବିଜୟ ହାସଲ ଓଡ଼ିଶାର ରାଜନୈତିକ ଚିତ୍ରପଟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଏହି ବିଜୟ ଆମ ସରକାରଙ୍କ ନୀତି, ଆଦର୍ଶ ତଥା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ପ୍ରତି ଜନସାଧାରଣଙ୍କ ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣିତ କରୁଛି। ଏଥିସହ ଏହି ବିଶାଳ ବିଜୟ ପାଇଁ ମୁଁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ, ସାଂସଦ ଓ ବିଧାୟକ ତଥା ଦଳର ଦେବଦୁର୍ଲ୍ଲଭ କାର୍ଯ୍ୟକର୍ତ୍ତାମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି।

ଆଜି ଆମ ଦେଶରେ ମୋଦୀଜୀଙ୍କ ନେତୃତ୍ୱ ହେଉଛି ବିକାଶର ଏକମାତ୍ର ପରିଭାଷା। ତାଙ୍କ ଆଦର୍ଶ ଓ ମାର୍ଗଦର୍ଶନରେ ଆମ ସରକାର ଗତ ପ୍ରାୟ ଦେଢ଼ ବର୍ଷ ମଧ୍ୟରେ ଓଡ଼ିଶାବାସୀଙ୍କ କଲ୍ୟାଣ ଏବଂ ରାଜ୍ୟର ବିକାଶ ପାଇଁ ଦିନରାତି କାମ କରି ଚାଲିଛି। ନୂଆପଡ଼ାବାସୀଙ୍କ ସମର୍ଥନ ଆମକୁ ନୂଆ ପ୍ରେରଣା ଓ ଶକ୍ତି ଦେଇଛି। ଆମେ ନୂଆପଡ଼ାର ବିକାଶ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଏବଂ ଆପଣମାନଙ୍କ ସହଯୋଗରେ ଆମେ ସମୃଦ୍ଧ ନୂଆପଡ଼ା ଓ ସମୃଦ୍ଧ ଓଡ଼ିଶା ଗଠନରେ ନିଶ୍ଚୟ ସଫଳ ହେବା।

## ଲକି...

୨୦୬ଟି ଆସନରେ ଜିତାଇଥିଲେ। ଏମିତିବି ବିହାରରେ ଧର୍ମେନ୍ଦ୍ରଙ୍କ ଟ୍ରାକ ରେକର୍ଡ ବେଶ୍ ଭଲ। ୨୦୧୪ ଲୋକସଭା ନିର୍ବାଚନରେ ମଧ୍ୟ ଧର୍ମେନ୍ଦ୍ରଙ୍କ ନେତୃତ୍ୱରେ ଏନଡିଏ ନିର୍ବାଚନ ଲଢ଼ିଥିଲା। ସେ ସମୟରେ ବିଜେପି ୪୦ ଲୋକସଭା ଆସନରୁ ୩୧ଟି ଦଖଲ କରିଥିଲା। କେବଳ ବିହାର ନୁହେଁ, ଯେଉଁ ରାଜ୍ୟ ଦାୟିତ୍ୱ ନେଇଛନ୍ତି ସେହି ରାଜ୍ୟରେ ଧର୍ମେନ୍ଦ୍ର ବିଜେପିକୁ ବିଜୟ ଶିରପା ପିନ୍ଧାଇବାରେ ସକ୍ଷମ ହୋଇଛନ୍ତି। ହରିୟାନାରେ ବିଜେପିର ତୃତୀୟ ଥର ବିଜୟର ସୂତ୍ରଧର ଥିଲେ ଧର୍ମେନ୍ଦ୍ର। ହରିୟାନାରେ ୯୦ ମଧ୍ୟରୁ ୪୮ଟି ଆସନରେ ଜିତିଥିଲା ବିଜେପି। ପ୍ରଥମ ଥର ପାଇଁ ଓଡ଼ିଶାରେ ବିଜେପି ସରକାର ଗଠନ ମଧ୍ୟ ଧର୍ମେନ୍ଦ୍ରଙ୍କ ପରିଶ୍ରମର ଫଳ। ବିଜେଡି ବିରୋଧରେ ରାଜ୍ୟରେ ଜନମତ ସୃଷ୍ଟି କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କେବଳ ବିଧାନସଭା ନୁହେଁ ଲୋକସଭାରେ ବି ବିଜେପିର ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଓଡ଼ିଶାରେ ୨୧ରୁ ୨୦ଟି ଲୋକସଭା ଆସନ ବିଜେପି ଦଖଲ କରିଛି।

ଏହାଛଡ଼ା ପଶ୍ଚିମବଙ୍ଗରେ ମମତା ବାନର୍ଜୀଙ୍କୁ ହରେଇବାରେ ଧର୍ମେନ୍ଦ୍ର ସାଜିଥିଲେ ମାର୍ଗଦର୍ଶକ। ଗତ ୨୦୨୧ରେ ତାଙ୍କୁ ନନ୍ଦିଗ୍ରାମ ଆସନ ପାଇଁ ପ୍ରଭାରୀ ଦାୟିତ୍ୱ ନେଇଥିଲେ ମୋଦି। ତାଙ୍କ ମାର୍ଗଦର୍ଶନରେ ମମତାଙ୍କୁ ହରାଇଥିଲେ ଶୁଭେନ୍ଦୁ ଅଧିକାରୀ। ୨୦୨୨ ଉତ୍ତର ପ୍ରଦେଶ ନିର୍ବାଚନ ଦାୟିତ୍ୱରେ ଥିଲେ ଧର୍ମେନ୍ଦ୍ର। ତାଙ୍କ ରଣନୀତିରେ ଉତ୍ତର ପ୍ରଦେଶରେ ବିଜେପି ଦ୍ୱିତୀୟ ଥର ପାଇଁ ସରକାର ଗଠନ କରିଥିଲା। ସେହିଭଳି ୨୦୧୭ରେ ସେ ଉତ୍ତରାଖଣ୍ଡ ନିର୍ବାଚନରେ ସହାପ୍ରଭାରୀ ଦାୟିତ୍ୱରେ ରହି ଏନଡିଏକୁ ବଡ଼ ବିଜୟ ଦେଇଥିଲେ। ଏବେ ବିହାର ପରେ ପୁଣି ଥରେ ଧର୍ମେନ୍ଦ୍ର କେଉଁ ରାଜ୍ୟରେ ତାଙ୍କର ଏହି କାରନାମାକୁ ଦୋହରାଉଛନ୍ତି, ତା’ ଦେଖିବାକୁ ବାକି ରହିଲା।

## ବିହାରରୁ...

ମହାଗଠବନ୍ଧନରେ କିପରି ଏକାଠି ରହିପାରିବ ବୋଲି ଶ୍ରୀ ମୋଦି ପ୍ରଶ୍ନ କରିଛନ୍ତି। ଏଥିସହ କଂଗ୍ରେସର ଦେଶ ଗଠନ କ୍ଷେତ୍ରରେ କୌଣସି ପ୍ରକାର ସକାରାତ୍ମକ ଦୃଷ୍ଟିଭଙ୍ଗୀ ନାହିଁ ବୋଲି ଶ୍ରୀ ମୋଦି କହିଛନ୍ତି। ଏହି ଅବସରରେ ସେ କଂଗ୍ରେସକୁ ମୁସଲିମ୍ ଲିଗ୍ ମାଓବାଦୀ କଂଗ୍ରେସ କହିବା ସହ ଦଳ ପୂରାପୂରି ଭାବେ ଏହି ଏଜେଣ୍ଡାକୁ ଅନୁସରଣ କରୁଛି। କଂଗ୍ରେସର ଏହି ଗୋଷ୍ଠୀ ନକାରାତ୍ମକ ରାଜନୀତିଠାରୁ ବି ସାଙ୍ଘାତିକ ହୋଇଥିବା ବେଳେ ଦଳ ଭିତରେ ଏହା ବିଭାଜନ ସୃଷ୍ଟି କରିବ ବୋଲି ମଧ୍ୟ ମୋଦି ଚେତାଇ ଦେଇଛନ୍ତି। ସେହିପରି କ୍ରମାଗତ ଭାବେ ବିଭିନ୍ନ ନିର୍ବାଚନରେ କଂଗ୍ରେସର ପରାଜୟ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମହାଗଠବନ୍ଧନର ସହଯୋଗୀ ଦଳମାନେ ମଧ୍ୟ କଂଗ୍ରେସ ଏକ ବୁଡ଼ିଯାଉଥିବା ଡଙ୍ଗା ବୋଲି ଅନୁଭବ କରିବା ସହ ଏହା ସେମାନଙ୍କୁ ବି ଆଗାମୀ ଦିନରେ ନେଇ ବୁଡିବ ବୋଲି ବୁଝିସାରିଥିବା ମୋଦି କହିଛନ୍ତି।

ସେହିପରି ବିହାରରେ ଏନ୍‌ଡିଏର ଅଭୂତପୂର୍ବ ସଫଳତା ପାଇଁ ପ୍ରଧାନମନ୍ତ୍ରୀ ‘ଏମ୍‌ୱାଇ’ (ମହିଳା-ଯୁବ) ଫର୍ମୁଲାକୁ ଶ୍ରେୟ ଦେଇଛନ୍ତି।

ସେ କହିଛନ୍ତି ଯେ ରାଜ୍ୟର ମହିଳା ଓ ଯୁବପିଢ଼ି ଏନ୍‌ଡିଏ ଉପରେ ଭରସା କରି ଏକକ ସଂଖ୍ୟାଗରିଷ୍ଠତା ହାସଲରେ ସହଯୋଗ କରିବା ସହ କ୍ଲିନ୍‌ସୁଇପ୍ ସ୍ତରରେ ପହଞ୍ଚାଇଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି। ଏପରି ସମର୍ଥନ ଜାରି ରହିଲେ, ଆଗାମୀ ଦିନରେ ବିଜେଡି ନେତୃତ୍ୱାଧୀନ ଏନ୍‌ଡିଏ ବିହାରରେ ଚାଲିଥିବା ଜଙ୍ଗଲ ରାଜରେ ପୂର୍ଣ୍ଣଚ୍ଛେଦ ପକାଇବାରେ ସକ୍ଷମ ହେବ।

ଏହି ଅବସରରେ ମୋଦି ଆଗାମୀ ଦିନରେ ଦଳ ପଶ୍ଚିମବଙ୍ଗରେ ବି ସମାନ ସଫଳତା ପାଇବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ମା’ ଗଙ୍ଗାର ଧାରା ବିହାରଠାରୁ ଆରମ୍ଭ କରି ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବହୁଛି। ଆଜି ବିହାରରେ ଏନ୍‌ଡିକୁ ମିଳିଥିବା ସଫଳତା ଏହି ପବିତ୍ର ନଦୀର ଧାରା ପରି କ୍ରମଶଃ ପଶ୍ଚିମବଙ୍ଗରେ ପହଞ୍ଚିବ। ଆଗାମୀ ଦିନରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ମୂଳୋତ୍ପାଟନ ହେବ ଓ ସେଠାରେ ଏନ୍‌ଡିଏ କ୍ଷମତା ହାସଲ କରିବ ବୋଲି ପାଖାପାଖି ଏକ ଘଣ୍ଟା ଧରି ଅଭିଭାଷଣ ଦେଇଥିବା ମୋଦି ପରିଶେଷରେ ମତ ଦେଇଛନ୍ତି।

## ବବି...

କରିଛନ୍ତି “ଏ ହସ ଓ କୋଳାକୋଳି କଣ ବିଜେଡିକୁ ଜିତେଇବା ପାଇଁ ନା ହରେଇବା ପାଇଁ”। ସେ ସିଧାସଳଖ ବିଜେଡିର ଦୁଇ ବରିଷ୍ଠ ନେତା ଦେବୀ ମିଶ୍ର ଓ ପ୍ରଣବ ପ୍ରକାଶ ଦାସଙ୍କୁ ଟାର୍ଗେଟ କରିଛନ୍ତି।

ଜଣେ ବୟସ୍କ ବ୍ୟକ୍ତି ତଥା ଜନନାୟକ ନବୀନ ପଟ୍ଟନାୟକଙ୍କୁ ଦୁଇ ଦୁଇ ଥର ପ୍ରଚାର ମଇଦାନକୁ ଓହ୍ଲାଇ କାହିଁକି ଲୋକହସା କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ଏତିକି ନୁହେଁ, ନୂଆପଡ଼ା ପ୍ରଚାର ବେଳେ ମାଂସ ଭୋଜି କରୁଥିବା ବିଧାୟକ ଅରୁଣ ସାହୁଙ୍କୁ ମଧ୍ୟ ନିଶାଣା କରିଛନ୍ତି ଏଲିନା। ନିଜ ହାତରେ ମାଂସ ରାନ୍ଧୁଥିଲେ ଅରୁଣ। ଏତେ ଉତ୍ସହ କଣ ବିଜେଡି ଭୋଟକୁ ବିକ୍ରି କରିଦେଇ ନା ଜଣେ ଲୋକପ୍ରିୟ ନେତାଙ୍କ କ୍ରେଜକୁ ଧୂଳିସାତ କରିଦେଇ। ଏବେ ବିଜେଡିର ଅନେକ ଯୁବ ନେତା ଏମିତି ପ୍ରଶ୍ନ କରୁଛନ୍ତି।

## ମୋହନଙ୍କ ...

ରାଜ୍ୟ ବିଜେପି ପାଇଁ ଏହା ଥିଲା ପ୍ରଥମ ଉପନିର୍ବାଚନ। ଆଉ ହାତଗଣତି କିଛି ନେତାଙ୍କୁ ଛାଡିଦେଲେ ବିଜେପିରେ ଉପନିର୍ବାଚନ ଲଢ଼ିବାର ଅଭିଜ୍ଞତା ଅନ୍ୟମାନଙ୍କ ପାଖରେ ନଥିଲା। ଏଭିତରେ ରାଜ୍ୟ ନେତୃତ୍ୱ ନିଜସ୍ୱ ବ୍ରିଗେଡ ପ୍ରସ୍ତୁତ କରିଥିଲେ। ଯେଉଁଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ବାବୁ ସିଂ, ବିଧାୟକ ଇରାଶିଷ ଆଚାର୍ଯ୍ୟ, ଟଙ୍କଧର ତ୍ରିପାଠୀ, ବିଧାୟକ ହିମାଂଶୁ ଶେଖର ସାହୁ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ଅରିନ୍ଦମ ରାୟ, ମନୋଜ ମହାପାତ୍ର ପ୍ରମୁଖ ଜୟଙ୍କ ଜିତାପଟର ଜଣେ ଜଣେ ନାୟକ ସାଜିଥିଲେ। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶରେ ଏହି ନେତାମାନେ ବିରୋଧୀ ବିଜେଡି ଓ କଂଗ୍ରେସର ସବୁ ଚାଲ ଫେଲ କରାଇବାରେ ସଫଳ ହୋଇଥିଲେ।

## ଚାଲାଖିଆ...

ଏବଂ ନବୀନ ପଟ୍ଟନାୟକଙ୍କ ଦୁଇ ଦୁଇ ଥର ଗସ୍ତ ପରେ ବି ଦଳର ଏଭଳି ଅବସ୍ଥା କାହିଁକି ହେଲା ବୋଲି ଖୋଦ୍ ବିଜେଡି କର୍ମୀମାନେ ପ୍ରଶ୍ନ କରିବାରେ ଲାଗିଲେଣି। ଯଦିଓ ବର୍ତ୍ତମାନ ସୁଦ୍ଧା ବିଜେଡି ତରଫରୁ ପରାଜୟକୁ ନେଇ ମାନସ ମନ୍ଥନ ଆରମ୍ଭ ହୋଇନାହିଁ, କିନ୍ତୁ ଆଗାମୀ ଦିନରେ ଏ ନେଇ କାର୍ଯ୍ୟାନୁଷ୍ଠାନର ଯଥେଷ୍ଟ ସମ୍ଭାବନା ଥିବା ଆଲୋଚନା ହେଉଛି।

## ନବୀନଙ୍କୁ...

ଦେଲା ଭଳି ଦକ୍ଷତା ରାଜ୍ୟ ବିଜେପି କି କଂଗ୍ରେସ ପାଖରେ ନଥିଲା। ତଥାପି ବିଜେପି ନୂଆପଡ଼ା ଉପନିର୍ବାଚନକୁ ସମ୍ମାନର ପ୍ରଶ୍ନ ଭାବି ଲଢ଼ିଥିଲା।

ବିଜେଡିର ଟ୍ରମ୍ପ କାର୍ଡ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ କେମିତି କାଉଣ୍ଟର କରାଯିବ ତାହା ମଧ୍ୟ ବିଜେପି ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ନୂଆପଡ଼ା ବିଧାନସଭା କ୍ଷେତ୍ରରେ କୋମନା ବ୍ଲକ ଗୋଟେ ସମୟରେ ବିଜେଡି ଆଡକୁ ପୂରା ଢଳିଯାଇଥିଲା।

ଆଉ ସେଠାରେ ଭୋଟରଙ୍କ ମାନସିକତାରେ କିଭଳି ପରିବର୍ତ୍ତନ କରାଯିବ, ସେ ଦାୟିତ୍ୱ ଦିଆଯାଇଥିଲା ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଓ ମଧ୍ୟ ଭୁବନେଶ୍ୱର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କୁ। ନବୀନଙ୍କ ଦ୍ୱିତୀୟ ନୂଆପଡ଼ା ଗସ୍ତ ପୂର୍ବରୁ ଏହି ଦୁଇ ନେତା କୋମନା ବ୍ଲକରେ ଡେରା ପକାଇଥିଲେ। ବିଭିନ୍ନ ପଞ୍ଚାୟତରେ ବୁଲି ଜୟଙ୍କ ପାଇଁ ପ୍ରଚାର କରିଥିଲେ। ଆଉ ଲୋକଙ୍କୁ ବିକାଶ ଇଂଜିନ ସହ ଯୋଡିବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ଏହି ଦୁଇ ନେତାଙ୍କ ସଫଳ ଗୋଟି ଚାଳନାରେ ନବୀନଙ୍କ ସଭାରୁ ମୁହଁ ଫେରାଇଥିଲେ ଭୋଟର। ଏଥିସହ ବିଜେଡିର ଆକଳନକୁ ପଛରେ ପକାଇ କୋମନା ବ୍ଲକରେ ବିଜେପି ବିପୁଳ ମାତ୍ରାରେ ଭୋଟ୍ ପାଇଛି।

## 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ସମ୍ପର୍କିତ ସଚେତନତା ଶିବିର

**ଖୋର୍ଦ୍ଧା,୧୪।୧୧ (ସଂଚାର ବ୍ୟୁରୋ):** ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆର୍ଥିକ ସେବା ବିଭାଗ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ତରୀୟ "ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର"ଶୀର୍ଷକ ଏକ ସଚେତନତା ଶିବିର ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନ ସିଂହ, ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି, ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ମହାପ୍ରବନ୍ଧକ ରତ୍ନ ଜେନା, ଉପମହାପ୍ରବନ୍ଧକ ଖୋର୍ଦ୍ଧା ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ ଅଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଦୀର୍ଘ ବର୍ଷ ଧରି କାରବାର ହେଉ ନଥିବା ବ୍ୟାଙ୍କ ଖାତା କିମ୍ବା ଜମା ରାଶିର ତଥା ଦାବୀ ବିହୀନ ଖାତାର ଅର୍ଥ ରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଦାବୀ ବିହୀନ ଖାତାରେ ଜମା ଥିବା ପୁଞ୍ଜି କିପରି ଖାତା ଧାରକ କିମ୍ବା ମୃତ ବ୍ୟକ୍ତିଙ୍କ ପରିବାର ବର୍ଗ ଫେରିପାଇବେ ସେ ବିଷୟରେ ଉପସ୍ଥିତ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ହିତାଧିକାରୀଙ୍କୁ ବହୁଦିନ ରହି ପଡିରହିଥିବା ଜମାରାଶି ପ୍ରଦାନ କରାଯାଇଥିଲା। କର୍ମଶାଳାରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଜନସଚେତନତା ପାଇଁ ଷ୍ଟଲ ଖୋଲାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅତିଥିମାନେ 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ସେବା ସଚେତନତା ପୁସ୍ତିକାକୁ ଉନ୍ମୋଚନ କରିଥିଲେ।



# ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

**ନବରଙ୍ଗପୁର/ରାଇଘର,୧୪।୧୧ (ସଂଚାର ବ୍ୟୁରୋ):** ସରକାର ଲୋକଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି ହେଲେ ଯୋଜନା କେବଳ ଯୋଜନାରେ ରହିଯାଉଛି। ଗ୍ରାମାଞ୍ଚଳ ଲୋକଙ୍କ ଗମନା ଗମନର ସୁବିଧା ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରୁଛନ୍ତି କିନ୍ତୁ ତାହା ତୃଣମୂଳସ୍ତରରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନମାନର ରାସ୍ତା ନିର୍ମାଣ ଭଳି ଅଭିଯୋଗ ଆସିଛି ନବରଙ୍ଗପୁର ଜିଲା ରାଇଘର ବ୍ଲକରୁ।

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର କୁମୁଲି ପଞ୍ଚାୟତ ଅନ୍ତର୍ଗତ ଜାମଦୋରା ଠାରୁ ହଳଦୀ ଡଙ୍ଗରୀକୁ ସଂଯୋଗ କରୁଥିବା ପ୍ରାୟ ୩ କିଲୋମିଟର ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଛି। ବର୍ଷା ଋତୁ ପୂର୍ବରୁ ତିଆରି ହୋଇଥିବା ଏହି ରାସ୍ତାଟି ମାସ କେଇଟାରେ ଶୋଚନୀୟ ହୋଇପଡ଼ିଛି। ରାସ୍ତାରୁ ପିଚୁ ଉଠି ରାସ୍ତା ସାରା ଖାଲ ଖମାରେ ଭର୍ତ୍ତି।



ଏମିତି କି ପିଚୁ ରାସ୍ତାଟି ଏବେ ମାଟି ରାସ୍ତାର ଭ୍ରମ ସୃଷ୍ଟି କରୁଛି। ଯାହାଫଳରେ ଯାତାୟାତରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟ ଆରମ୍ଭ ସମୟରେ ତଦାରଖ କରିବାକୁ କୌଣସି ବିଭାଗୀୟ ଅଧିକାରୀଙ୍କ ଦେଖା ନଥିଲା, ଠିକାଦାର ଜଣକ ମନଇଚ୍ଛା କାର୍ଯ୍ୟ କରି ବ୍ୟୟ ବରାଦ ଅର୍ଥକୁ ହରିଲୁଟ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଗ୍ରାମ୍ୟ ଉନ୍ନୟନ ବିଭାଗର ଏହିଭଳି ଖାମଖିଆଲ କାର୍ଯ୍ୟକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକଟ କରିଛନ୍ତି ।

### ବଢୁଛି ଅସନ୍ତୋଷ
### ପୁନଃନିର୍ମାଣ ଦାବି

ଏଥିସହିତ ଏହି ରାସ୍ତାକୁ ପୁନଃ ନିର୍ମାଣ ପାଇଁ ଦାବି କରିବା ସହ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।

ନିମ୍ନମାନର ରାସ୍ତା କାମ ବିଷୟରେ ନିର୍ବାହୀ ଯନ୍ତ୍ରୀ ତିଳତମା ପ୍ରଧାନଙ୍କ ପ୍ରତିକ୍ରିୟା ନେବା ପାଇଁ ଉମରକୋଟ ସ୍ଥିତ କାର୍ଯ୍ୟାଳୟକୁ ଯିବା ପରେ ଘଟଣାକୁ ନେଇ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ କିନ୍ତୁ ବିଭାଗ ଦ୍ୱାରା ଭୁଲ ହୋଇଛି ବୋଲି ସ୍ୱୀକାର କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ଅଭିଯୋଗ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ନା ଘଣ୍ଟ ଘୋଡାଇ ରଖାଯାଉଛି।

# ଚାଲିଛି ଜୁଆଖେଳ, ବାଜିରେ ଲାଗୁଛି କାର ଓ ବାଇକ୍

**ପାରାଦୀପ,୧୪।୧୧ (ସଂଚାର ବ୍ୟୁରୋ):** ବନ୍ଦର ନଗରୀ ନାକ ତଳେ ଚାଲିଛି ବେଧଡକ ଜୁଆଖେଳ। ଅତି ଚତୁରତାର ସହ ଦିନ ରାତି ଚାଲିଛି ଏହି ଖେଳ। ଲକ୍ଷ ଲକ୍ଷ ଟଙ୍କା ଆଣି ଜୁଆଡିମାନେ ନିର୍ଭୟରେ ଖେଳୁଛନ୍ତି। ପରିସ୍ଥିତି ଏଭଳି ହେଲାଣି ଯେ କିଛି ଜୁଆଡି ନିଜ କାର ଓ ବାଇକ ମଧ ବନ୍ଧା ପକାଇ ଟଙ୍କା ନେଇ ପୁଣି ସେଠାରେ ଯୁଆଖେଳରେ ଟଙ୍କା ଲଗାଇ ହାରି ଘରକୁ ପଳାଇଛନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

ପାରାଦୀପ ଉପକଣ୍ଠ ନୂଆଗଡ ଗ୍ରାମର ଜୈନିକ ବ୍ୟକ୍ତିଙ୍କ ଘର ପଛପଟେ ଜୁଆ ଖେଳ ଗତ କିଛିଦିନ ହେବ ଆରମ୍ଭ ହୋଇଥିବା ଆଲୋଚନା ମଧ ହେଉଛି। ୧୫ରୁ ଉର୍ଦ୍ଧ୍ୱ ଲୋକ ଆସୁଛନ୍ତି ଓ ସେଠାରେ ଚାସପାଲି ଖେଳିବାକୁ ବସୁଛନ୍ତି। କିନ୍ତୁ ଏହି ଚାସପାଲି ଖେଳ ନାମରେ ଆରମ୍ଭ ହେଉଛି ଅସଲ ଟଙ୍କାର ଖେଳ। ୧୦ କିମ୍ବା ୨୦ ଟଙ୍କା ନୁହଁ ଏକାବେଳେ ବାଜିରେ ଲାଗୁଛି ହଜାର ହଜାର ଟଙ୍କା। କିଏ ଜିତି ମନ ଖୁସିରେ ଖେଳାଉଥିବା ଲୋକଙ୍କୁ ୫ ପରସେଣ୍ଟ ଟଙ୍କା ଦେଇ ଚାଲି ଯାଉଛି ତ କିଏ ହାରି ନିଜ ମୂଳ ଧନ ପାଇବା ଲକ୍ଷରେ ନିଜ କାର ଓ ବାଇକ ବନ୍ଧା ପକାଇବାକୁ ମଧ ପଛାଉ ନାହିଁ। ଆଉ ଏସବୁର ପ୍ରଚ୍ଛଦପଟରେ ଜୈନିକ କୁଜିନେତା ରହି ସବୁ ମ୍ୟାନେଜ ମଧ କରୁଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଖେଳ ହେଉଥିବା ସ୍ଥାନରେ କିଛି ଅସାମାଜିକ ଯୁବକ ମଧ ହାତ ହତିଆର ଧରି ସୁରକ୍ଷା ଦେବା ଆଳରେ ବସି ରହୁଛନ୍ତି।

ଏତେସବୁ ଘଟଣା ଚାଲିଥିବା ବେଳେ ପୁଲିସ କିପରି ଟେର ପାଉନି କିମ୍ବା ଜାଣି ନଜାଣିଲା ପରି ସେଠାକୁ ଯାଉନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ କିଛିଦିନ ତଳେ ଏହି ଗ୍ରାମରୁ ୯ରକା ତାଡି ସୁନା ଟଙ୍କା ଲୁଟ ହୋଇଥିବା ଘଟଣା ମଧ ଘଟିଥିଲା। କିଛି ଲୋକ ଏବେ ଏଠାରେ ଚାସପାଲି ଖେଳ ନାମରେ ଟଙ୍କା ବାଜି ଲଗାଇ ଅନେକ ଜୁଆଡିଙ୍କୁ ପ୍ରଭାବିତ କରୁଥିବାବେଳେ ତୁରନ୍ତ ଏହି ଜୁଆଅଡ୍ଡା ଉପରେ ଚଢ଼ାଉ କରି ଟଙ୍କା ବାଜି ଲଗାଇ ସର୍ବସ୍ୱାନ୍ତ ହେଉଥିବା ଓ ବିପଥଗାମୀ ଆଡକୁ ଯାଉଥିବା ଯୁବ ସମାଜକୁ ରକ୍ଷା କରିବା ଦିଗରେ ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଜରୁରି ହୋଇ ପଡିଛି।

# ଜମି ଅଭାବରୁ ଅଟକିଛି ସରକାରୀ କାର୍ଯ୍ୟାଳୟ ନିର୍ମାଣ

**ବ୍ରହ୍ମପୁର,୧୪।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ତହସିଲ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ସରକାରୀ ଜମି ମିଳୁନଥିବାରୁ ଦୀର୍ଘଦିନ ଧରି ନୂତନ କାର୍ଯ୍ୟଳୟ ନିର୍ମାଣ ଅଧାରେ ଅଟକିଛି। ଏନେଇ ବିଭିନ୍ନ ସମ୍ପର୍କିତ ବିଭାଗ ପକ୍ଷରୁ ଗଞ୍ଜାମ ତହସିଲ କାର୍ଯ୍ୟାଳୟକୁ ଜାଗା ଯୋଗାଇବା ପାଇଁ ଆବେଦନ ହୋଇଥିଲେ ମଧ, ଏତେ ପରିମାଣର ଉପଯୁକ୍ତ ଖାଲି ସରକାରୀ ଜମି ନ ମିଳିବାରୁ ସେସବୁ ପ୍ରକଳ୍ପ ପ୍ରାରମ୍ଭିକ ଅବସ୍ଥାରେ ଅଟକି ରହିଛି।

ସୂତ୍ର ଅନୁଯାୟୀ, ପାକ୍ସ ଗୋଡାଉନ, ଜେଏମଏଫସି କୋର୍ଟ, ବସଷ୍ଟାଣ୍ଡ, ଶ୍ରମ କାର୍ଯ୍ୟାଳୟ, ବ୍ଲକ ଲେବେଲ ଷ୍ଟାଡିୟମ ଓ

### ଲିଜ୍ ଜମି ବ୍ୟବହାର ନହୋଇ ପଡିରହିଥିବାରୁ ଉଠିଛି ଅଭିଯୋଗ
### ଜମି ଫେରିପାଇଲେ ହେବ ଅଧା ସମସ୍ୟାର ସମାଧାନ

୨୪ ଘଣ୍ଟିଆ ମେଡିକାଲ ସେବା ଭବନ ନିର୍ମାଣ ପାଇଁ ମୋଟ ୧୭ ଏକରରୁ ଅଧିକ ଜମି ଆବଶ୍ୟକତା ରହିଛି। କିନ୍ତୁ ବର୍ତ୍ତମାନର ଜମି ଅଭାବ ସମସ୍ୟା ନ ସମାଧାନ ହେବା ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଗୁଡ଼ିକର ଭବିଷ୍ୟତ 'ଅନିଶ୍ଚିତ' ହେଇ ରହିବ ବୋଲି ଅନୁମାନ କରାଯାଉଛି। ଏପରି ସମୟରେ, ଗ୍ରାସୀମ କେମିକାଲ ଦ୍ୱାରା ଲିଜ୍‌ରେ ନିଆଯାଇଥିବା ୧୬ ଏକର ୫୯ ଡେସିମାଲ ସରକାରୀ ଜମିକୁ ବର୍ଷକାଳ ଧରି ବ୍ୟବହାର ନ କରି ପକାଇ ରଖିଥିବା ଅଭିଯୋଗ ଉଠିଛି। ଗତ ଦୁଇ ମାସ ତଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଛତ୍ରପୁର ଗସ୍ତ ସମୟରେ ଗଞ୍ଜାମ ଏନଏସି ସ୍ଥାନୀୟ ପ୍ରତିନିଧି ଓ ବିଜେପି କର୍ମକର୍ତ୍ତାମାନେ ମଧ ସେହି ଲିଜ୍ ଜମିକୁ ସରକାରୀ କାର୍ଯ୍ୟାଳୟ ପାଇଁ ଉପଲବ୍ଧ କରାଇବା ଦାବି କରି ସ୍ମାରକ ପତ୍ର ଦେଇଥିଲେ। ଅବ୍ୟବହୃତ ଲିଜ୍ ଜମି ସରକାରୀ ଖାତାକୁ ଫେରି ଆସିଲେ, ଗଞ୍ଜାମ ଅଞ୍ଚଳର ଦୀର୍ଘଦିନ ସମସ୍ୟାର ଅଧାଭାଗ ସମାଧାନ ହୋଇଯିବ ବୋଲି ସ୍ଥାନୀୟ ନାଗରିକମାନେ ଆଶା ପ୍ରକଟ କରିଛନ୍ତି।

## ନୂଆପଡ଼ା ବିଜେପିର ବିଜୟ ପରେ ଅସ୍ତରଙ୍ଗରେ ଶୋଭାଯାତ୍ରା



**କାକଟପୁର/ଅସ୍ତରଙ୍ଗ,୧୪।୧୧ (ସଂଚାର ବ୍ୟୁରୋ):** ବାପା!ପ୍ରତି ପିଲାଙ୍କ ବଳ, ପ୍ରତି ପରିବାର ର ସାହସ। ବାପା ଥିଲା ପୁଅ ସଭାରେ ହାରେନି। ବାପାଙ୍କ ବିନା ଦୁନିଆ ଅନ୍ଧାର। ବାପା ଯେଉଁଠି ଥିଲେ ବି ପିଲାଙ୍କୁ ଆଶୀର୍ବାଦ କରନ୍ତି। ସେ ବଞ୍ଚିଥାନ୍ତୁ କି ପରପାରିରେ ଥାନ୍ତୁ। ପ୍ରତି ପିଲା ପାଇଁ ବାପା ଡାକ ଏକ ବଳ। ଆଉ ଯେଉଁ ବଳ ବିଜୟୀ ହେବାକୁ ବାଟ ଦେଖାଏ। ଏହି କଥାଟି ପୂରା ସତ ହୋଇଛି ନୂଆପଡାରେ। ଯେଉଁଠି ସ୍ୱର୍ଗତଃ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଆଶିଷ ପାଇଁ ପୁଅ ଜୟ ଢୋଲକିଆ ବିଜୟୀ ହୋଇଛନ୍ତି। ଯେତେବେଳେ ନୂଆପଡା ଉପନିର୍ବାଚନ ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଥିଲା, ଆଉ ଗଣତିରେ ରାଉଣ୍ଡ ପରେ ରାଉଣ୍ଡରେ ବ୍ୟବଧାନ ବୃଦ୍ଧି ପାଇ ଚାଲିଥିଲା, ସେତେବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ବିଜେପି ୧ନଂ ଜୋନ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନାଙ୍କ ତତ୍ୱାବଧାନରେ ଅସ୍ତରଙ୍ଗ ତାରିଣୀ ମନ୍ଦିର ନିକଟରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ବାଦ୍ୟ ସାଙ୍ଗକୁ ଆତଶବାଜିରେ ପ୍ରକମ୍ପିତ ହୋଇଥିଲା ବିଜୟ ଶୋଭାଯାତ୍ରା। ଏହା ସହ ବିଜେପି କର୍ମୀମାନେ ଉତ୍ସାହ ସହକାରେ ମିଷ୍ଟାନ ବଣ୍ଟନ କରିଥିଲେ। ଏହି ବିଜୟ ଶୋଭାଯାତ୍ରାରେ ନୂଆଗଡ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ଅଧିକାରୀ ବେହେରା, ପ୍ରଶାନ୍ତ ମୁଦୁଲି, ରମାକାନ୍ତ ବସ୍ତିୟା ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ।

# ବିନା ଫଳକରେ ହେଉଛି ସରକାରୀ କାର୍ଯ୍ୟ

**ଆନନ୍ଦପୁର,୧୪।୧୧ (ସଂଚାର ବ୍ୟୁରୋ):** ଆନନ୍ଦପୁରରେ ହେଉଛି ବିନା ଫଳକରେ ସରକାରୀ କାମ। ବିଭାଗୀୟ ଅଧିକାରୀ ଯନ୍ତ୍ରୀ ଠିକାଦାରଙ୍କ ମିଲିଭଗତରେ ହେଉଛି ସରକାରଙ୍କ ଟଙ୍କା ଆତ୍ମସାତ। ସରକାରଙ୍କ ପକ୍ଷରୁ ଆନନ୍ଦପୁର ଉପଖଣ୍ଡରେ କୋଟି କୋଟି ଟଙ୍କାରେ ବିଭିନ୍ନ କାର୍ଯ୍ୟ ହେଉଛି। କିଛି ସ୍ଥାନରେ ଫଳକ ଲାଗୁଚି ଆଉ କିଛି ସ୍ଥାନରେ ଫଳକ ଲାଗୁ ନାହିଁ। ଫଳରେ ଠିକାଦାର ନିମ୍ନମାନର କାର୍ଯ୍ୟ କରି ମାଲେମାଲ ହେଉଛି। ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀ ସବୁ ଜାଣି ବି ଚୁପ୍। କାରଣ ଠିକାଦାର କଳା ଟଙ୍କାରେ ଅଧିକାରୀ ଯନ୍ତ୍ରୀ ଅନ୍ଧ ମୂକ ପାଲଟି ଯାଉଛନ୍ତି।



ତେବେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ସରକାରୀ କାର୍ଯ୍ୟ ଗୁଡ଼ିକରେ ବିଭାଗୀୟ ଅଧିକାରୀ ଲେଆଉଟ୍ ଦେବା ପରେ ଫଳକ ଲଗାଇ ଠିକାଦାର

### ଭାଗ ମିଳିଗଲେ ପାଟି ଚୁପ୍

କାମ ଆରମ୍ଭ କରିଥାଏ। ଏବଂ ଯନ୍ତ୍ରୀମାନେ କାର୍ଯ୍ୟ ଉପରେ ରହି କାର୍ଯ୍ୟକୁ ତଦାରଖ କରିବାର ନିୟମ ରହିଥିବା ବେଳେ ଆନନ୍ଦପୁରରେ ତାହା ସମ୍ପୂର୍ଣ୍ଣ ଅଲଗା। କାର୍ଯ୍ୟ ଉପରକୁ ନା କେହି ଯନ୍ତ୍ରୀ ଯାଉଛନ୍ତି ନା ବିଭାଗୀୟ ଅଧିକାରୀ ଯନ୍ତ୍ରୀଙ୍କୁ ତାଗିଦ୍ କରୁଛନ୍ତି। ଠିକାଦାର ଯେମିତି କାମ କରୁ ବିଭାଗୀୟ ଅଧିକାରୀଙ୍କ ଯାଉଛି କଣ। ଠିକାଦାର ସାଥେ ମିଶି ପ୍ୟାକେଟ ଗରମ୍ କରିବା ଆନନ୍ଦପୁର ଅଧିକାରୀଙ୍କୁ ଭଲ ଜଣା ଅଛି।

ରାଜ୍ୟରେ ସରକାର ବଦଳିଲା ବିକାଶ ହେବ ବୋଲି ଜନତାଙ୍କ ସହିତ ସରକାର ମଧ ସ୍ୱପ୍ନ ଦେଖିଲେ। ହେଲେ ସେଇ ସ୍ୱପ୍ନକୁ ସାକାର କରିବା ବଦଳି ଠିକାଦାରଙ୍କ ସହ ମିଶି କିଛି ଅଧିକାରୀ ଏବଂ ଯନ୍ତ୍ରୀ ନିଜର ସ୍ୱାର୍ଥ ହାସଲ କରିବାରେ ବ୍ୟସ୍ତ। ଆନନ୍ଦପୁରର ନେତାମାନେ ଅନ୍ୟାୟ ଅତ୍ୟାଚାର ଦୁର୍ନୀତି ବିରୁଦ୍ଧରେ ସ୍ୱର ଉଠାଇବା ବଦଳେ ଅଧିକାରୀ ଯନ୍ତ୍ରୀ ଠିକାଦାରଙ୍କ ସହ ମିଶି ନିଜର କୋଠା ବାଡି ଏବଂ ଗାଡ଼ି କିଣିବାରେ ବ୍ୟସ୍ତ। ଅଧିକାରୀ ଯନ୍ତ୍ରୀ ଆନନ୍ଦପୁରରେ ଦୀର୍ଘ ଦିନ ଧରି ରହିଥିବାରୁ ଚେର ମୋଟା ହୋଇ ଯାଇଛି ଏବଂ ଠିକାଦାରକୁ ଦୁର୍ନୀତି କରିବା ପାଇଁ ସୁଯୋଗ ମିଳିଯାଉଛି। ଏ ଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଦାବି ହୋଇଛି। ତେବେ ଦେଖିବାକୁ ବାକି ରହିଲା ରାଜ୍ୟ ସରକାର କେବେ ଏଥି ପ୍ରତି ଦୃଷ୍ଟି ଦେଇ ଆନନ୍ଦପୁରକୁ ବିକାଶ ପଥେ ଆଗେଇ ନେଉଛନ୍ତି।

## ନାବାଳିକାକୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ରାଇଘର,୧୪।୧୧ (ସଂଚାର ବ୍ୟୁରୋ):** ଜଣେ ୧୪ ବର୍ଷୀୟା ନାବାଳିକାକୁ ବଳାତ୍କାର ଅଭିଯୋଗରେ କୁନ୍ଦେଇ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା କୁନ୍ଦେଇ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା କହିଛନ୍ତି। ପ୍ରକାଶ ଥାଉକି ଗତ ଅଗଷ୍ଟ ମାସ ୧୭ ତାରିଖରେ ରାଇଘର କେବିକଙ୍ଗା ଗ୍ରାମର ତରୁଣ ଫୌଜଦାର ଉମରକୋଟ ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାକୁ ନେଇ ନିଜ ଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲା। ପରେ ପରିବାର ଲୋକେ ଥାନାରେ ଏତଲା ଦେବାପରେ ଏତଲାକୁ ଆଧାର କରି କୁନ୍ଦେଇ ପୁଲିସ ତରୁଣକୁ ଗିରଫ କରି ୧୫୬କେଶ ନମ୍ବରରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ବିଜେପିର ବିଜୟ ପରେ ଯାଜପୁରରେ ଉତ୍ସାହର ଲହର



**ଯାଜପୁର,୧୪।୧୧ (ସଂଚାର ବ୍ୟୁରୋ):** ନୂଆପଡା ଉପନିର୍ବାଚନରେ ବିଜେପିର ଭାରି ବିଜୟ ପରେ ସମ୍ପୂର୍ଣ୍ଣ ଯାଜପୁର ଜିଲ୍ଲାରେ ଉତ୍ସାହର ଲହର ଦେଖାଦେଇଛି। ଦୀର୍ଘଦିନ ଧରି ଚାଲୁଥିବା କନ୍ଦଳକୁ ଅବହେଳା କରି, ଜିଲ୍ଲାର ସମସ୍ତ ବିଜେପି ଶିବିର ଏକାଠି ହୋଇ ବିଜୟ ଉଲ୍ଲାସ ପାଳନ କରୁଛନ୍ତି। ନୂଆପଡାରେ ବିଜେପିର ପ୍ରଚାରକୁ ନୂତନ ଗତି ଏବଂ ଶକ୍ତି ଦେଇଥିବା ନେତାମାନଙ୍କ ମଧ୍ୟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ (ଲିକୁ)ଙ୍କ ଭୂମିକା ବିଶେଷ ଉଲ୍ଲେଖନୀୟ। ଗ୍ରାମେ ଗ୍ରାମେ ସଂଯୋଗ ଯାତ୍ରା, କୋଣ ଅନୁକୋଣରେ ସଭା, ସମ୍ମିଳନୀ କରି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବ୍ୟପକ ଆଲୋଚନା ସବୁଠି ଲିକୁଙ୍କ ସକ୍ରିୟତା ବିଜେପି ପ୍ରଚାରକୁ ନୂଆ ରୂପ ଦେଇଥିଲା। ତାଙ୍କର ଅବିରତ ପ୍ରୟାସ ଓ ସଂଗଠନମୂଳକ ଦକ୍ଷତା, ଯୁବମୋର୍ଚ୍ଚାର ଉତ୍ସାହ ସହ ଏକତ୍ରିତ ହୋଇ, ବିଜେପି ଶିବିରରେ ନୂତନ ଉତ୍ସାହ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲା। ଏହି ସମନ୍ୱୟର ସିଧା ପ୍ରଭାବ ଭୋଟରେ ପଡ଼ି, ନୂଆପଡାରେ ବିଜେପି ପ୍ରାର୍ଥୀ ବିପୁଳ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ବିଜୟ ଘୋଷଣା ପରବର୍ତ୍ତୀ ସମୟରେ ଯାଜପୁରରେ ବିଜୟ ଯାତ୍ରା, ବାଣ ଫୁଟା, ମିଠା ବଣ୍ଟନ ଓ ବିଭିନ୍ନ ଆନନ୍ଦ ଆୟୋଜନ ଦେଖାଦେଇଛି। ଏହି ବିଜୟ ଲୋକଙ୍କ ଆଶୀର୍ବାଦ ଓ କାର୍ଯ୍ୟକର୍ତ୍ତାଙ୍କ ଏକତାବଦ୍ଧ ପରିଶ୍ରମର ଫଳ। "ଯାଜପୁର ବିଜେପିର ଏକତା ଆଗାମୀ ଦିନରେ ଆମର ଶକ୍ତି ହେବ," ବୋଲି ଧର୍ମଶାଳା ବିଧାୟକ ଲିକୁ କହିଛନ୍ତି।

## ସିଭିଲ ସର୍ଭିସେସ୍ କୋଚିଙ୍ଗ ସେଣ୍ଟର ପରିଦର୍ଶନ କଲେ ୯ ପ୍ରୋବେସନାରୀ ଆଇଏଏସ୍ ଅଧିକାରୀ




**ଫୁଲବାଣୀ,୧୪।୧୧ (ସଂଚାର ବ୍ୟୁରୋ):** ଭାରତ ଦର୍ଶନ ଶିକ୍ଷାତ୍ମକ ଭ୍ରମଣର ଅଂଶ ଭାବେ ୯ ଜଣ ପ୍ରୋବେସନାରୀ ଆଇଏଏସ୍ ଅଧିକାରୀ ଶୁକ୍ରବାର ସକାଳେ ସିଭିଲ ସର୍ଭିସେସ୍ କୋଚିଙ୍ଗ ସେଣ୍ଟର, କନ୍ଧମାଳ ପରିଦର୍ଶନ କରିଥିଲେ। ପରିଦର୍ଶନର ଆରମ୍ଭରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଅଧିକାରୀମାନଙ୍କୁ ସ୍ୱାଗତ, ପରିଚୟ ସହ ଆଇଟିଡିଏର ସଫଳ ରୂପାୟନ ମଧରୁ ୨ଟି ବ୍ୟାଚର ସଫଳତା ଓ ଆଗାମୀ କାର୍ଯ୍ୟ ପ୍ରଣାଳୀ ବିଷୟରେ ଜଣାଇଥିଲେ। କୋଚିଙ୍ଗ ସୁପରିଣ୍ଟେଣ୍ଟ୍ ଦାୟିତ୍ୱରେ ଥିବା ଶିବ ସୁନ୍ଦର ସାହୁ କୋଚିଙ୍ଗ ସେଣ୍ଟରର କାର୍ଯ୍ୟପ୍ରଣାଳୀ, ପଢ଼ାଶୁଣା ପ୍ରକ୍ରିୟା, ଆବଶ୍ୟକ ସୁବିଧା ଓ ଛାତ୍ରଛାତ୍ରୀଙ୍କ ପାଇଁ ଚାଲୁଥିବା ଉଦ୍ୟମ ସମ୍ପର୍କରେ କହିଥିଲେ। ପ୍ରୋବେସନାରୀ ଆଇଏଏସ୍ ଅଧିକାରୀମାନେ ଛାତ୍ରଛାତ୍ରୀଙ୍କ ସହ ବିଶେଷ ଆଲୋଚନା କରି, ପ୍ରଶାସନିକ ଅଧିକାରୀ ପରୀକ୍ଷା ନିମିତ୍ତ ବିଭିନ୍ନ ଅଭ୍ୟାସ ପ୍ରଣାଳୀ, ବିଭିନ୍ନ ଚୟନ ବିଷୟ ବାଛିବା ପଦ୍ଧତି ଏବଂ ୟୁପିଏସ୍‌ସି ପରୀକ୍ଷା ସମ୍ପର୍କିତ ଅନେକ ପ୍ରଶ୍ନର ସହଜ ଓ ପ୍ରାୟୋଗିକ ଉତ୍ତର ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଉତ୍ସାହ ପ୍ରତି ଅଧିକାରୀମାନେ ସନ୍ତୋଷ ପ୍ରକାଶ କରି, ଜିଲ୍ଲା ପ୍ରଶାସନର ଏହି ଅଭିନବ ପ୍ରୟାସ ପ୍ରତି ଭୂରି ଭୂରି ପ୍ରଶଂସା କରିଥିଲେ। ଡିଆରଡିଏ କନ୍ଧମାଳ, ଦୁଃଶାସନ ସିଂ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାର ବିଭିନ୍ନ ସ୍ଥାନ, ଯୋଜନା ଓ ସଫଳ ପ୍ରକଳ୍ପ ସ୍ଥଳୀର ପରିଦର୍ଶନ କରାଇଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ରରେ ଶିଶୁ ଦିବସ

**ଖୋର୍ଦ୍ଧା,୧୪।୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଶିଶୁ ଦିବସ ସହିତ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟ ଅଧକ୍ଷତା କରିଥିଲେ. ଏଥିରେ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ କୌତୁକ ପୋଷାକ ଏବଂ ଭାଷଣ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ମାନଙ୍କ ମଧରେ ଶାଶ୍ୱତୀ ରାଉତରାୟ, ମଜଜ କୁମାର ମହାପାତ୍ର, ପ୍ରିୟରଞ୍ଜନ ମହାପାତ୍ର, ପାର୍ବତୀ ଶ୍ରୀଚନ୍ଦନ, ମମତା ସାହୁ ପ୍ରମୁଖ ସହଯୋଗ କରିଥିଲେ. ଶେଷରେ ପିଲାମାନଙ୍କୁ ଶିଶୁ ଦିବସ ଉପହାର ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା. ଏହାକୁ ଦିପ୍ତିମୟୀ , ସୋମାଳିନ, ସାଗରିକା, ଶ୍ରୀକାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



## ମଞ୍ଜରୀ ଦେବୀ ପବ୍ଲିକ ସ୍କୁଲରେ ଜ୍ଞାନବିଜ୍ଞାନ ଓ ସାମାଜିକ ବିଜ୍ଞାନ ମେଳା

**ବାଲିଅନ୍ତା,୧୪।୧୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ପଞ୍ଚାୟତ ରୋଡ଼ ସ୍ଥିତ ମଞ୍ଜରୀ ଦେବୀ ପବ୍ଲିକ ସ୍କୁଲରେ ଆଜି ଜ୍ଞାନ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ଅଧିବେଶନରେ ଏନେଇ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବିଦ୍ୟାଳୟର ପରିଚାଳନା କମିଟି ଉପାଧକ୍ଷା ଜ୍ୟୋତ୍ସ୍ନା ଦାସ ମୁଖ୍ୟ ଅତିଥି, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସଚିବ ଶରତ ଚନ୍ଦ୍ର ବିଶ୍ୱାଳ, ଅଧକ୍ଷା ବଲବୀର କୌର ଓ ମୁଖ୍ୟ କୋଷାଧକ୍ଷା ଶ୍ରଦ୍ଧାଞ୍ଜଳୀ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧରେ ବିଜ୍ଞାନ ସମ୍ମତ ଜ୍ଞାନ ଓ ସାମାଜିକ ଭାବନାର ଅଭିବୃଦ୍ଧି ନେଇ ଉପରୋକ୍ତ ମେଳା ଓ ଉତ୍ସବର ଆୟୋଜନ କରାଯାଉଥିବା ଅତିଥିବୃନ୍ଦ ବକ୍ତବ୍ୟରେ କହିଥିଲେ। ଏହା ସହ ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କୁ ଜଣେ ଜଣେ ବୈଜ୍ଞାନିକ ହେବା ନେଇ ଉତ୍ସାହିତ କରିଥିଲେ । ଏହି ପରିପ୍ରେକ୍ଷୀରେ ମେଳାରେ ମୋଟ ୯୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରକଳ୍ପ ମଧରେ ପରିବେଶ ସୁରକ୍ଷା,ପ୍ରଦୂଷଣ ନିରାକରଣ, ସବୁଜିମା ପରିବେଶ, ସୌରଶକ୍ତି, ଜଳ ସଞ୍ଚୟ, ମୃତ୍ତିକା ସଂରକ୍ଷଣ ସଚେତନତା ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଏନେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।



# ଦେବୀ ନଦୀରେ କମୁଛି ମତ୍ସ୍ୟ ଉତ୍ପାଦନ

**କାକଟପୁର/ଅସ୍ତରଙ୍ଗ,୧୪।୧୧ (ସଂଚାର ବ୍ୟୁରୋ):** ଜୈବ ବିବିଧତା ଦିନକୁ ଦିନ ନଷ୍ଟ ହେବାରୁ ବିପଦ ଆଡକୁ ମୁହାଁଉଛି ଦେବୀ ନଦୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି ଦେବୀ ନଦୀର ଜଳରାଶି ପ୍ରଦୂଷିତ ହେବାରେ ଲାଗିଲାଣି। ଫଳରେ ଦେବୀ ନଦୀରେ ଜନ୍ମନେଉଥିବା ମାଛ ଜାଆଁଳ କ୍ରମଶଃ କମି ଆସୁଛି। ୧୦ବର୍ଷ ତଳେ ଦେବୀ ନଦୀରୁ ଧରା ହେଉଥିବା ମାଛ, କଙ୍କଡା ଓ ଚିଙ୍ଗୁଡ଼ିର ପରିମାଣ ୭୦ଭାଗ କମିଯାଇଥିବାରୁ ମତ୍ସ୍ୟଜୀବୀ ପରିବାର କୌଳିକ ବୃତ୍ତି ଛାଡି ଏବେ ବାହାର ରାଜ୍ୟମୁହାଁ ହୋଇ ବାହାରେ କାମ କରୁଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ଛୁରିଆନା ପଂଚାୟତର ସହନ, ସୁଡିକେଶର, ଡ଼ାଲୁଅକଣି, ପାଟଳଦା ପଂଚାୟତର ବଡ଼ନାନପଡା, ନୂଆଗଡ, ଝାଡ଼ଲିଙ୍ଗ ଅଞ୍ଚଳ ପାଖାପାଖି ୧୨ହଜାରରୁ ଉର୍ଦ୍ଧ୍ୱ ମତ୍ସଜୀବୀ ଦେବୀ ନଦୀ ଉପରେ ନିର୍ଭର କରି ସେମାନଙ୍କ ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି। ବ୍ୟାଙ୍କ ଓ ମତ୍ସ୍ୟ ସମବାୟ ସମିତିଠାରୁ ଲକ୍ଷ ଲକ୍ଷ ଟଙ୍କା ଋଣନେଇ ଜାଲ, ଇଂଜିନ ଟାପା ଓ ଡଙ୍ଗା କିଣି ସେମାନେ ଦେବୀ ନଦୀ ଓ ନିକଟବର୍ତ୍ତୀ ଅଞ୍ଚଳରେ ମାଛ ଧରିଥାନ୍ତି।



### କାମ ପାଇଁ ବାହାର ରାଜ୍ୟମୁହାଁ ମତ୍ସ୍ୟଜୀବୀ

ଅସ୍ତରଙ୍ଗ ଦେବୀ ନଦୀରେ ମତ୍ସ୍ୟ ଉତ୍ପାଦନ ଦିନକୁ ଦିନ କମିବା ପରେ ସେମାନେ କୌଳିକ ବୃତ୍ତିକୁ ଛାଡି ଦାଦନ ମୁହାଁ ହେବାରେ ଲାଗିଛନ୍ତି।

ଏଥିସହିତ ଦେବୀ ନଦୀ ଅଞ୍ଚଳରେ ଏକର ଏକର ବ୍ୟାପ୍ତ ଜାଲ ବିଛାଇ ବିସ୍ତୃତ ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ କରାଯାଉଛି। ଏହାଦ୍ୱାରା ମତ୍ସ୍ୟଜୀବୀ ରୋଜଗାର ହରାଇବା ସହ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହୋଇଛି। ଏହାସହ ମୁହାଁଣ ମୁହଁ ପୋତି ହେବା ଯୋଗୁଁ ମାଛ ବଂଶ ହ୍ରାସ ପାଉଥିବା ସ୍ଥାନୀୟ ମତ୍ସ୍ୟଜୀବୀ ପ୍ରକାଶ କରିଛନ୍ତି। ଦେବୀ ନଦୀ ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀଙ୍କୁ ମାଛ ଚାଷ ପାଇଁ ପ୍ରଶିକ୍ଷଣ ଦେବା ସହ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ମତ୍ସ୍ୟଜୀବୀ ଦାବି କରିଛନ୍ତି।

## ରାଇଘରରେ ଗଡ଼ିଲା ସାଇବର କ୍ରାଇମ ସଚେତନତା ରଥ

**ରାଇଘର,୧୪।୧୧ (ସଂଚାର ବ୍ୟୁରୋ):** ପୁଲିସ ବିଭାଗ ପକ୍ଷରୁ ସାଇବର ଠକେଇ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସାଇବର ଅପରାଧ ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିବା ପାଇଁ ଜନ ସଚେତନତାର ବହୁଳ ଆବଶ୍ୟକତା ରହିଥିବାରୁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ସଚେତନତା ଅଭିମୁଖୀ ଅଭିଯାନ। ଏହି କ୍ରମରେ ନବରଙ୍ଗପୁର ଜିଲ୍ଲା ରାଇଘର ଅଞ୍ଚଳରେ ସାଇବର ଠକେଇ ସଚେତନତା ରଥ ବୁଲୁଥିବା ଦେଖିବାକୁ ମିଳିଛି। ଉକ୍ତ ରଥଟିକୁ ସାରା ଜିଲ୍ଲାରେ ଭ୍ରମଣ କରାଯାଉଛି। ପୁଲିସ ବିଭାଗ ପକ୍ଷରୁ ଆଜି ପଞ୍ଚାୟତ ସମିତି ମହାବିଦ୍ୟାଳୟକୁ ଉକ୍ତ ରଥକୁ ନେଇ ବିଦ୍ୟାଳୟରେ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଅଜଣା କଲ ରିସିଭ ନ କରିବା, ନିଜର ବ୍ୟାଙ୍କ ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ନ ଦେବା ଓ ସାଇବର ଠକେଇରୁ ବଞ୍ଚିବାକୁ ହେଲେ ୧୯୩୦ ହେଲ୍ପ ଲାଇନ ନଂ ରେ କଲ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମରେ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ,ଏଏସଆଇ ମନୋରଞ୍ଜନ ମିଶ୍ର, ସଂଗ୍ରାମ ସିଂ ଓ କଲେଜର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ସାଇବର ଠକେଇରୁ କିପରି ବଞ୍ଚିତ ରହିବେ ତାହା ଭିଡିଓ ମାଧମରେ ଦେଖାଇଥିଲେ।



# ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ 'ଲୋଗୋ' ଉନ୍ମୋଚିତ

- ଏହି ଲୋଗୋ ଓଡ଼ିଆ ସଂସ୍କୃତି ଶିକ୍ଷାବିତ୍ ପଣ୍ଡିତ ମିଶ୍ରଙ୍କ ଆଦର୍ଶର ପ୍ରତୀକ
- ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟ ପାଇଁ ୧୨ ହଜାର କୋଟି ଖର୍ଚ୍ଚ ହେବ
- ଶିକ୍ଷାକୁ ଆକର୍ଷଣୀୟ ଓ ପ୍ରଭାବଶାଳୀ କରିବା ପାଇଁ ଏହା ନିର୍ଣ୍ଣାୟକ ହେବ



**ଭୁବନେଶ୍ୱର, ୧୪।୧୧(ସଂଚାର ବ୍ୟୁରୋ):** ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକାରିତାକୁ ଆଉ ଗୋଟିଏ ପାଦ ଆଗକୁ ନେଇ ଆଜି ଲୋକସେବା ଭବନଠାରେ ଏହି ଯୋଜନାର ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଲୋଗୋକୁ ଉନ୍ମୋଚନ କରି କହିଛନ୍ତି ଯେ, ପିଲାଙ୍କୁ ଆଧୁନିକ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷାକୁ ଆକର୍ଷଣୀୟ ଓ ପ୍ରଭାବଶାଳୀ କରିବା ପାଇଁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।

ଉକ୍ତ ବୈଠକର ଆଲୋଚନାରୁ ଜଣାପଡିଛି ଯେ, ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ୪ ବର୍ଷରେ ଏହା ଖର୍ଚ୍ଚ କରାଯିବ। ଏହି ବିଦ୍ୟାଳୟଗୁଡ଼ିକ ଗ୍ରାମପଞ୍ଚାୟତର ଏପରି ଏକ ଗ୍ରାମରେ ସ୍ଥାପିତ କରାଯିବ, ଯେଉଁଠାରେ ଅନୁନ୍ୟ ୫ ଏକର ଜମି ଉପଲବ୍ଧ ଥିବା ସହିତ ଯେଉଁଠାକୁ ଗମନାଗମନ ସୁବିଧା ଥିବ। ପଞ୍ଚାୟତର ମଧ୍ୟ ସ୍ଥଳରେ ଅନ୍ୟୁନ ୫ ଏକର ଜମି ଉପଲବ୍ଧ ଥିବା ସର୍ବବୃହତ ଗ୍ରାମକୁ ପ୍ରାଥମିକତା ଦିଆଯିବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏହି ଆଦର୍ଶ ବିଦ୍ୟାଳୟ ନିର୍ମାଣ ଫଳରେ ଉକ୍ତ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ଏବଂ ଶିକ୍ଷଣ ପରିବେଶରେ ଉନ୍ନତି ଆସିବ। ଆଧୁନିକ ଶ୍ରେଣୀଗୃହ, ଡିଜିଟାଲ୍ ଉପକରଣ ଏବଂ କ୍ରୀଡ଼ା ଉପକରଣ ଭଳି ସୁବିଧା ସେହି ବିଦ୍ୟାଳୟରେ ଉପଲବ୍ଧ ହେବ। ପ୍ରତ୍ୟେକ ପିଲାଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାରେ ନିପୁଣ କରିବା ସହିତ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ସେମାନଙ୍କର ସାମଗ୍ରୀକ ବିକାଶ କରାଇବା ଏହି ଆଦର୍ଶ ବିଦ୍ୟାଳୟ ଗୁଡ଼ିକର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଏହି ଯୁଗାନ୍ତକାରୀ ଯୋଜନାର ଲୋଗୋ ଉନ୍ମୋଚନ ହୋଇଛି। ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପିଲାମାନଙ୍କୁ ସାମାଜିକ ଏବଂ ଶୈକ୍ଷିକ ଉଭୟ କ୍ଷେତ୍ରରେ ଆଗକୁ ବଢ଼ିବାରେ ସାହାଯ୍ୟ, ସହଯୋଗ ଯୋଗାଇ ଦେବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ, ଡକ୍ଟର ଏନ. ତିରୁମାଲା ନାଏକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଅନ୍ୟକୁ ଦୋଷ ନଦେଇ ଆତ୍ମସମୀକ୍ଷା କରନ୍ତୁ ବିରୋଧୀ'

**ଭୁବନେଶ୍ୱର, ୧୪।୧୧(ସଂଚାର ବ୍ୟୁରୋ):** ନୂଆପଡାରେ ବିଜେପିର ବମ୍ପର ବିଜୟ। ନୂଆପଡ଼ାବାସୀ ଜୟଙ୍କୁ ବମ୍ପର ଭୋଟ୍ ଦେଇ ଜୟଯୁକ୍ତ କରାଇଛନ୍ତି। ଏପଟେ ନୂଆପଡ଼ାବାସୀ ପରିବର୍ତ୍ତନ ଚାହୁଁଥିଲେ। ତା'ର ପ୍ରତିଫଳନ ଭୋଟରେ ଦେଖିବାକୁ ମିଳିଛି। ନୂଆପଡ଼ାର ବିଭିନ୍ନ ସମସ୍ୟାର ସମାଧାନ ଲାଗି ଲୋକେ ବିଜେପି ଉପରେ ଭରସା କରିଛନ୍ତି ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ।

ରାଜ୍ୟ ବିଜେପି ସଭାପତି କଂଗ୍ରେସର ଆରୋପ ନେଇ ମଧ୍ୟ ରଖିଲେ ପ୍ରତିକ୍ରିୟା। ସେ କହିଛନ୍ତି ଯେ, ଆମେ କେତେ ଥର ହାରିଛୁ। ଅନ୍ୟକୁ ଦୋଷ ନ ଦେଇ ବିରୋଧୀ



ପରାଜୟର ଆତ୍ମସମୀକ୍ଷା କରନ୍ତୁ। ସୂଚନାଥାଉ କି, ନୂଆପଡ଼ା ଉପନିର୍ବାଚନରେ ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ। ସେ କହିଛନ୍ତି ଯେ, ଭୋଟର ଟଙ୍କାରେ କିଣି ହୋଇଗଲେ, ମାଟି ପୁଅକୁ ଚିହ୍ନିଲେନି। ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆଙ୍କ ବଡ଼ ବିଜୟ ହୋଇଛି। ୮୩ ହଜାର ୭୪୮ ଭୋଟ୍‌ରେ ଜିତିଲେ ଜୟ ଢୋଲକିଆ। କଂଗ୍ରେସର ଘାସିରାମ ମାଝୀଙ୍କୁ ହରାଇଲେ ବିଜେପିର ଜୟ ଢୋଲକିଆ। ତୃତୀୟ ସ୍ଥାନରେ ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ରହିଛନ୍ତି।

# ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ତାଲିମ ନେଲେ ବିଏମସି ନିର୍ବାଚିତ ପ୍ରତିନିଧି



- ୧୨୫ ବର୍ଷରେ ୧୦୯ ବାତ୍ୟାର ସମ୍ମୁଖୀନ ହୋଇଛି ଓଡ଼ିଶା
- ଜିରୋ କାଜୁଆଲଟି ପାଇଁ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ

**ଭୁବନେଶ୍ୱର, ୧୪।୧୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନିର୍ବାଚିତ ପ୍ରତିନିଧିମାନଙ୍କୁ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ସଂପର୍କିତ ୨ ଦିନିଆ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆଜି ଉଦଘାଟିତ ହୋଇଯାଇଛି। ବିଏମସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଶୁକ୍ରବାର ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଓସଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର କମଳ ଲୋଚନ ମିଶ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଅତିରିକ୍ତ ସଚିବ ତଥା ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ସାହୁ, ବିଏମ୍‌ସି ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଅତିରିକ୍ତ କମିଶନର ରତ୍ନାକର ସାହୁ। ବିପର୍ଯ୍ୟୟ ସମ୍ପର୍କରେ ବିଏମ୍‌ସିର ନିର୍ବାଚିତ ପ୍ରତିନିଧି ଏବଂ କର୍ମଚାରୀମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସଂପର୍କରେ ଆଲୋଚନା କରାଯାଇଥିଲା। ଓଡିଶା ଏପରି ଏକ ସ୍ଥାନରେ ରହିଛି ଯେ, ଏଠାରେ ପ୍ରତିବର୍ଷ ଏକାଧିକ ବାତ୍ୟା ହୋଇଥାଏ। ୧୮୦୦ ମସିହାରୁ ୨୦୨୫ ମଧ୍ୟରେ ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରେ ହୋଇଥିବା ବାତ୍ୟାର ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରାଯାଇଥିଲା। ବିଗତ ୧୨୫ ବର୍ଷ ମଧ୍ୟରେ ଓଡିଶା ସର୍ବାଧିକ ୧୦୯ଟି ବାତ୍ୟା ଜନିତ ପ୍ରଭାବର ସମ୍ମୁଖୀନ ହୋଇଛି। ତା ମଧ୍ୟରେ ୧୯୯୯ ମହାବାତ୍ୟା, ଫାଇଲିନ ରହିଛି। ବାତ୍ୟା ଆସିବା ପୂର୍ବ ପ୍ରସ୍ତୁତି ପାଇଁ ଓଡିଶା ମୃତ୍ୟୁହାର ଶୂନ୍ୟ କରିପାରିଛି ବୋଲି କହିଛନ୍ତି ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର କମଳ ଲୋଚନ ମିଶ୍ର। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ରାଜ୍ୟ ସହରାଞ୍ଚଳ ବିକାଶ ଏଜେନ୍ସି ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମିଳିତ ଉଦ୍ୟମରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ପୁଲିସକୁ ଆକ୍ରମଣ କରି ଅଭିଯୁକ୍ତକୁ ଛଡ଼ାଇନେଲେ

**ହାଟଡିହି, ୧୪।୧୧(ସଂଚାର ବ୍ୟୁରୋ):** ଶାଳଣିଆଁ ନିକଟରେ ପୁଲିସକୁ ମାଡ଼ମାରି ଅଭିଯୁକ୍ତଙ୍କୁ ଛଡ଼ାଇ ନେଲେ ସମ୍ପର୍କୀୟ। ଏକ ଠକେଇ ମାମଲାରେ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଶାଳଣିଆଁର ଯୋଗେନ୍ଦ୍ର ବେହେରାଙ୍କୁ ଉଠାଇ ନେଉଥିବା ବେଳେ ଘଟିଛି ଏହି ଘଟଣା। ୧୦ ରୁ ୧୨ ଜଣ ଯୁବକ ସଂଘବଦ୍ଧ ଭାବେ ପୁଲିସକୁ ଆକ୍ରମଣ କରି ଆସାମୀଙ୍କୁ ଛଡ଼ାଇ ନେଲେ। ୨ ଜଣ ପୁଲିସ ଆହତ ହୋଇଥିବା ସୂଚନା। ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡ଼ା ଜିଲ୍ଲାର ବସପୁର ଲୁଣା ନଦୀବାଲି ଘାଟ, ଡେରାବିଶକୁ ଲିଜଧାରୀ ଯୋଗେନ୍ଦ୍ର ବେହେରା ଲିଜ ନେଇଥିବା ବେଳେ ବାଲିଘାଟ ଚଳାଇବା ପାଇଁ ନିକିରାଇ ଥାନା ଇଟିପୁର



ଗ୍ରାମର ମାଧବ ଚନ୍ଦ୍ର ପ୍ରଧାନଙ୍କ ନାମରେ ଚୁକ୍ତିକରି ତାଙ୍କଠାରୁ ପ୍ରାଥମିକ ପର୍ଯ୍ୟାୟରେ ୨୫ଲକ୍ଷ ଟଙ୍କା ଆଣିଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ ଲୋକଙ୍କ ନାମରେ ଚୁକ୍ତିପତ୍ର କରିଦେଇଥିଲେ। ଯାହାକୁ ନେଇ ବିବାଦ ଦେଖାଦେବା ସହିତ ମାଧବ ଚନ୍ଦ୍ର ପ୍ରଧାନ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ଯୋଗେନ୍ଦ୍ର ଓ ଜଳସରପୁର ଗ୍ରାମର ବରଦା ପ୍ରସନ୍ନ ନାୟକ ତାଙ୍କ ଠାରୁ ମୋଟ ୪୫,୫୪,୯୫୯ ଟଙ୍କା ଠକିନେଇଥିବା ଅଭିଯୋଗ କରିବା ପରେ କେନ୍ଦ୍ରାପଡ଼ା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲା। ଗୁରୁବାର କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ନନ୍ଦିପଦା ପୁଲିସ ସହାୟତାରେ ଯୋଗେନ୍ଦ୍ରଙ୍କୁ ଉଠାଇ ଆଣିଥିଲା। ରାତି ୮ଟା ବେଳେ କେନ୍ଦ୍ରାପଡ଼ା ପୁଲିସ ଅଭିଯୁକ୍ତ ଯୋଗେନ୍ଦ୍ରକୁ ଧରି ଆଉ ଜଣେ ଅଭିଯୁକ୍ତଙ୍କୁ ଆଣିବାକୁ ଯାଉଥିବା ବେଳେ ଯୋଗେନ୍ଦ୍ରଙ୍କ ସମ୍ପର୍କୀୟ ଓ ସମର୍ଥକମାନେ ପୋଲିସକୁ ଆକ୍ରମଣ କରି ଯୋଗେନ୍ଦ୍ରଙ୍କୁ ଛଡ଼ାଇ ନେଇଛନ୍ତି।

## ହ୍ୟୁମାନ ସାଗର ଗୁରୁତର, ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି



**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ) :** କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଅସୁସ୍ଥ। ଆଜି ତାଙ୍କୁ ଏମ୍ସରେ ସ୍ଥାନାନ୍ତର କରାଯାଇଛି। କଟକର ଏକ ଘରୋଇ ହସ୍ପିଟାଲରେ ହେଉଥିଲେ ଚିକିତ୍ସିତ। ପୂର୍ବରୁ ସେ କିଡନୀ ଓ ଲିଭର୍ ଜନୀତ ସମସ୍ୟାରେ ପୀଡ଼ିତ ଥିଲେ। ଶୁକ୍ରବାର ଦିନ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ହ୍ୟୁମାନ୍ ସାଗରଙ୍କୁ ଭୁବନେଶ୍ୱରର ଏମ୍ସରେ ଭର୍ତ୍ତି କରାଯାଇଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ୩୬ ବର୍ଷୀୟ ଗାୟକଙ୍କୁ ଆଜି ଅପରାହ୍ନ ୧.୧୦ ସମୟରେ ଅତ୍ୟନ୍ତ ସଙ୍କଟଜନକ ଅବସ୍ଥାରେ ଏମ୍ସ, ଭୁବନେଶ୍ୱର ଜରୁରୀକାଳୀନ ପରିସ୍ଥିତିରେ ଭର୍ତ୍ତି କରାଯାଇଛି।

## ଭିଜିଲାନ୍ସ ଜାଲରେ ମୋରଡ଼ା ବ୍ଲକ କିରାଣୀ



**ବାରିପଦା, ୧୪।୧୧ (ସଂଚାର ବ୍ୟୁରୋ) :** ପୁଣି ଜଣେ ସରକାରୀ ବାବୁ ଭିଜିଲାନ୍ସ ଜାଲରେ। ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ। ଦୁଇ ହଜାର ଟଙ୍କା ଲାଞ୍ଚ ନେବା ସମୟ ବ୍ଲକ କାର୍ଯ୍ୟାଳୟର କିରାଣୀ ପାର୍ଥ ଶଙ୍କର ଚେଲଙ୍କୁ ମାଡି ବସିଲା ଭିଜିଲାନ୍ସ ଟିମ। ମାଣତ୍ରି ଚନ୍ଦନପୁର ଗ୍ରାମର ଗଦାଧର ସରେନଙ୍କ ଠାରୁ ନେଉଥିଲେ ଲାଞ୍ଚ। ସୂଚନା ଯୋଗ୍ୟ କି ଗଦାଧରଙ୍କ ଅବସର କାଳୀନ କ୍ଲିଅରାନ୍ସ ପାଇଁ ନେଉଥିଲେ ଦୁଇ ହଜାର ଟଙ୍କା। ଗଦାଧର ଏହି ବ୍ଲକରେ ପୂର୍ବରୁ ଭିଏଲଡବ୍ଲ୍ୟୁ ଭାବେ କାର୍ଯ୍ୟ କରୁଥିଲେ। ଅବସର ପରେ କ୍ଲିଅରାନ୍ସ ପାଇଁ ଦୀର୍ଘ ଦିନ ଧରି ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଯାଇଥିଲେ ଗଦାଧର। ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ କିରାଣୀ ପାର୍ଥ ଶଙ୍କର। ପରେ ୨ ହଜାର ଟଙ୍କାରେ ମୂଳଚାଲ ହୋଇଥିଲା। ଆଜି ଯୋଜନା ମୁତାବକ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ମାଡ଼ି ବସିଥିଲା।

## ଗୋପାଳଜୀୟୁ ଶିବ ମନ୍ଦିରରୁ ଲୁଟିନେଲେ ୧୨ ରୁପା ମୁକୁଟ



**ପାରାଦୀପ, ୧୪।୧୧ (ସଂଚାର ବ୍ୟୁରୋ) :** ଗତକାଲି ବିଳମ୍ବିତ ରାତିରେ ପାରାଦୀପ ବୃନ୍ଦାବନ କଲୋନୀ ଗୋପାଳଜୀୟୁ ଶିବ ମନ୍ଦିରରୁ ଚୋରି ହୋଇଥିବା ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ମନ୍ଦିରର ତିନୋଟି ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ କରିବା ସହିତ ୮ ଟି ବଡ଼ ରୂପା ମୁକୁଟ, ରୂପାର ୪ ଟି ଛୋଟ ମୁକୁଟ, ହାର ଓ ସୁନା ଗହଣା ନେଇଯାଇଛନ୍ତି। ସକାଳେ ପୂଜାରୀ ଆସି ଦେଖିବା ପରେ ସଙ୍ଗେ ସଙ୍ଗେ କମିଟି ପକ୍ଷରୁ ପାରାଦୀପ ଆଦର୍ଶ ଥାନାରେ ଏତଲା ଦିଆଯାଇଛି। ପାରାଦୀପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ସନ୍ଧାନୀ କୁକୁରର ସାହାଯ୍ୟ ଲୋଡିଛି। ସନ୍ଧାନୀ କୁକୁର ପହଞ୍ଚିବା ପରେ ପରବର୍ତ୍ତୀ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଇଆଇସି ପ୍ରକାଶ କରିଛନ୍ତି। ପାରାଦୀପର ଏହି ଶିବ ମନ୍ଦିର ସର୍ବ ପୁରାତନ ଏବଂ ଏଠାକୁ ବହୁ ଦୂର ଦୂରାନ୍ତରୁ ଲୋକମାନେ ଦର୍ଶନ ଓ ପୂଜା ପାଠ କରିବା ପାଇଁ ଆସିଥାନ୍ତି। ତେବେ ଚୋରୀ ଗହଣା ଓ ପିତଳ ବାସନର ମୂଲ୍ୟ ପାଖାପାଖି ୮ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି।

# କର୍ମୀଙ୍କୁ ଧନ୍ୟବାଦ ଦେଲେ ନବୀନ



**ଭୁବନେଶ୍ୱର, ୧୪।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ଫଳାଫଳ ଘୋଷଣା ପରେ ଦଳୀୟ କର୍ମୀ ଓ ନେତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ନୂଆପଡ଼ା ଉପନିର୍ବାଚନରେ ଯେଉଁ ନେତା, କର୍ମୀ ଓ ସମର୍ଥକ ବିଜେଡି ସପକ୍ଷରେ ଏକାଠି ହୋଇଥିଲେ, ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ନବୀନ। ସେମାନଙ୍କ ପ୍ରତିବଦ୍ଧତା ଓ ଉତ୍ସାହ ଦଳର ପ୍ରକୃତ ଶକ୍ତି ବୋଲି ଟ୍ୱିଟ୍ କରି କହିଛନ୍ତି ନବୀନ। ଏହି ଅବସରରେ ବିଜେପିର ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ତାଙ୍କ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ନୂଆପଡ଼ାରେ ସାମଗ୍ରିକ ବିକାଶ ଆଣି ଜୟ ଢୋଲକିଆ ଜନାଦେଶକୁ ଉଚିତ ସମ୍ମାନ ଦେବେ ବୋଲି ନବୀନ ଆଶା କରିଛନ୍ତି। ନିର୍ବାଚନ ଆସେ ଓ ଯାଏ। କିନ୍ତୁ ଆମମାନଙ୍କର ଜନତାଙ୍କ ପ୍ରତି ସମ୍ମାନ ଓ ବିଶ୍ୱାସ ସେମିତି ରହିବ। ମୁକ୍ତ ଓ ଅବାଧ ନିର୍ବାଚନ ହେଉଛି ଲୋକଙ୍କ ଗଣତାନ୍ତ୍ରିକ ଅଧିକାର। ଦଳ ଲୋକଙ୍କ ସେବା କରିବାରେ କେବେ ବି ହେଳା କରିନାହିଁ। ଆଗକୁ ମଧ୍ୟ ଲୋକଙ୍କ ସେବାରେ ଦଳ ବ୍ରତୀ ରହିବ। ବିଜୁ ବାବୁଙ୍କ ଆଦର୍ଶରେ ଗଢ଼ା ବିଜେଡି ପୂର୍ବପରି ଲଢେଇ ଜାରି ରଖିବ ବୋଲି କହିଛନ୍ତି ନବୀନ।

# ଫଳାଫଳକୁ ନେଇ ବିରୋଧୀ ହତାଶ

- ସରକାରୀ କଳର ଅପବ୍ୟବହାର ହୋଇଛି: ବିଜେଡି
- ଟଙ୍କାରେ ବିକ୍ରି ହୋଇଗଲେ ଭୋଟର: ଘାସିରାମ

**ଭୁବନେଶ୍ୱର, ୧୪।୧୧(ସଂଚାର ବ୍ୟୁରୋ):** ନୂଆପଡ଼ାରେ ବିଜେପିର ବଡ଼ ବିଜୟ ପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜେଡି ନେତା ଦେବୀ ମିଶ୍ର ଓ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ। ବିଜେଡି ଗଡ଼ରେ ପଦ୍ମ ଫୁଟିବା ବିଜେଡି ନେତାଙ୍କୁ ଚକିତ କରିଛି। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ମିଶ୍ର ଅଭିଯୋଗ କରିଛନ୍ତି ଯେ, ବିଜେପି ସରକାରୀ କଳର ଅପବ୍ୟବହାର କରିଛି। ନୂଆପଡାରେ ସରକାରୀ କଳ-ବଳ ଦ୍ୱାରା ବିଜେପି ନିର୍ବାଚନ ଲଢ଼ିଥିଲା। ନୂଆପଡାବାସୀ ଅନେକ ସମସ୍ୟାକୁ ନେଇ ମୁହଁ ଖୋଲୁଥିଲେ। ହେଲେ ହଠାତ୍ ସବୁ ପରିବର୍ତ୍ତନ ହେବା କେଉଁଠି ନା କେଉଁଠି ସମସ୍ତଙ୍କୁ ବ୍ୟଥିତ କରିଛି। ନୂଆପଡା ନିର୍ବାଚନ ଫଳାଫଳ ସଙ୍କେତ ଦେଇଛି ଯେ, ଗଣତନ୍ତ୍ରର ହତ୍ୟା କରାଯାଉଛି। ସେପଟେ ନୂଆପଡ଼ା ଉପନିର୍ବାଚନରେ ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ। ସେ କହିଛନ୍ତି ପଇସା ଦେଇ ଭୋଟ୍ କିଣା ହେଇଛି। ଆହୁରି କହିଛନ୍ତି ଭୋଟର ଟଙ୍କାରେ କିଣି ହୋଇଗଲେ, ମାଟି ପୁଅକୁ ଚିହ୍ନିଲେନି। କେନ୍ଦ୍ରୀୟ ନେତାଙ୍କ ସାହାଯ୍ୟ, ସମର୍ଥନ ମଧ୍ୟ ମିଳିଲାନି ବୋଲି ମଧ୍ୟ ସେ କହିଛନ୍ତି।

# ଉପର ମଣିନାଗ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ



- ରଣପୁରର ବିକାଶ ଯୋଜନାର ସମୀକ୍ଷା
- ଦର୍ପନାରାୟଣପୁର ରାସ୍ତା ଡିସେମ୍ବର ସୁଦ୍ଧା ସାରିବାକୁ ନର୍ଦ୍ଦେଶ

**ଭୁବନେଶ୍ୱର/ରଣପୁର, ୧୪।୧୧(ସଂଚାର ବ୍ୟୁରୋ):** ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରଣପୁରର ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବୈଠକରେ ନୂତନ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟର ସ୍ଥାନ ଚିହ୍ନଟ ଓ ନିର୍ମାଣ ସହ ଉପର ବାଇପାସ ଓ ତଳ ବାଇପାସ ରାସ୍ତାର ପ୍ରଶସ୍ତି କରଣ, ପୂର୍ତ୍ତ ବିଭାଗ ଡାକବଙ୍ଗଳାର ଉନ୍ନତିକରଣ ତଥା ନୂତନ ରାଜସ୍ୱ ଡାକବଙ୍ଗଳା ନିର୍ମାଣ ଓ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟ ପ୍ରବେଶ ରାସ୍ତାର ପ୍ରଶସ୍ତିକରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥି ସହ ଡିମିଶର ଦୁଆନ୍ତ ନଦୀସେତୁ ଓ ରାଜସୁନଖଳା ରଣପୁର ରାସ୍ତାରେ ଥିବା ମନ୍ଦାକିନୀ ନଦୀ ସେତୁ ନିମାଣ କାର୍ଯ୍ୟ ଓ ରଣପୁର ଓ ଦର୍ପନାରାୟଣପୁର ରାସ୍ତାର ଅଗ୍ରଗତି ଓ ଶୀଘ୍ର ପରିସମାପ୍ତି ତ୍ୱରାନ୍ୱିତ କରିବା ଦିଗରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ।

ଉପରୋକ୍ତ କାର୍ଯ୍ୟଗୁଡ଼ିକର ସମୀକ୍ଷା କରି ଯଥାଶୀଘ୍ର ସାରିବା ପାଇଁ ବାଚସ୍ପତି ଶ୍ରୀମତୀ ପାଢ଼ୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ହେବାକୁ ଥିବା ଡିମିଶର ଦୁଆନ୍ତ ନଦୀସେତୁ ଓ ରାଜସୁନଖଳା ରଣପୁର ରାସ୍ତାରେ ଥିବା ମନ୍ଦାକିନୀ ନଦୀ ସେତୁ ନିମାଣ କାର୍ଯ୍ୟ, ରଣପୁର ଓ ଦର୍ପନାରାୟଣପୁର ରାସ୍ତା ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଆଜି ୧୬ କୋଟି ଟଙ୍କାର ବ୍ୟୟ ଅଟକଳରେ ହେବାକୁ ଥିବା ଉପର ମଣିନାଗ ରାସ୍ତା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ, ବାଚସ୍ପତିଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜ୍ଞପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ପୂର୍ତ୍ତ ବିଭାଗର ପରିଚାଳନା ଯନ୍ତ୍ରୀ ସଂଜୀବ ବେହେରା, ସହକାରୀ ଯନ୍ତ୍ରୀ, ରଣପୁର ଦୟାନିଧି ରାୟଗୁରୁ ଏବଂ ସହକାରୀ ଯନ୍ତ୍ରୀ,

# ବିକାଶ ଓ ସୁଶାସନକୁ ବାଛିଚନ୍ତି ବିହାର ଜନତା: ଧର୍ମେନ୍ଦ୍ର

## ଜୟ ଢୋଲକିଆଙ୍କୁ ଦେଲେ ଶୁଭେଚ୍ଛା



**ନୂଆଦିଲ୍ଲୀ, ୧୪।୧୧:** ବିହାର ବିଧାନସଭା ନିର୍ବାଚନରେ ଏନଡିଏ ମେଣ୍ଟର ଐତିହାସିକ ବିଜୟ ସହ ଓଡ଼ିଶାର ନୂଆପଡ଼ା ଉପନିର୍ବାଚନରେ ଦଳର ସଫଳତା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବିହାର ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ ଜନସାଧାରଣ, ବିଜେପିର ଶୀର୍ଷ ନେତୃତ୍ୱ ତଥା କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। 'ଏକ୍ସ'ରେ ବିହାର ବିଧାନସଭା ନିର୍ବାଚନ ଫଳାଫଳ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେ ସ୍ପଷ୍ଟ ଓ ନିର୍ଣ୍ଣାୟକ ଜନାଦେଶ ଦେଇଥିବାରୁ ବିହାରର ମହାନ ଜନତାଙ୍କୁ ଧନ୍ୟବାଦ। ବିହାରର ଜନତା ପୁଣି ଥରେ ପ୍ରମାଣିତ କରିଛନ୍ତି ଯେ ବିକାଶ, ସୁଶାସନ ଏବଂ ସ୍ଥାୟୀ ସରକାର ହିଁ ସେମାନଙ୍କର ପ୍ରାଥମିକତା। ଏନଡିଏକୁ ମିଳିଥିବା ଏହି ପ୍ରଚଣ୍ଡ ଜନାଦେଶ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାରର ଜନକଲ୍ୟାଣକାରୀ ନୀତିଗୁଡ଼ିକ ଉପରେ ସାଧାରଣ ଜନତାଙ୍କ ବଡ଼ ମୋହର। ବିହାରର ଜନତା ଜଙ୍ଗଲରାଜ, ଜାତିବାଦ, ପରିବାରବାଦ ଏବଂ ନକାରାତ୍ମକ ରାଜନୀତିକୁ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରି ନିରନ୍ତର ପ୍ରଗତି ଏବଂ 'ବିକଶିତ ବିହାର'ର ମାର୍ଗକୁ ବାଛିଛନ୍ତି ବୋଲି ଏହି ବିଜୟ ଦର୍ଶାଉଥିବା ଶ୍ରୀ ଧର୍ମେନ୍ଦ୍ର କହିଛନ୍ତି। ଏଥିସହ ନୂଆପଡ଼ା ଉପନିର୍ବାଚନରେ ବିଜୟୀ ହୋଇଥିବା ଜୟ ଢୋଲକିଆଙ୍କୁ ମଧ୍ୟ ସେ 'ଏକ୍ସ'ରେ ଶୁଭେଚ୍ଛା ଜଣାଇଛନ୍ତି।

## ନାବାଳିକାର ଅଶ୍ଳୀଳ ଫଟୋ ଭାଇରାଲ

- ପୁଲିସରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ

**ବୈଶିଙ୍ଗା, ୧୪।୧୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଙ୍ଗାରଗଡିଆ ଗ୍ରାମର ଦୁଃଖୀରାମ ସରେନଙ୍କ ନାବାଳିକା ଝିଅର କିଛି ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ନେଇ ଜନୈକ ଯୁବକଙ୍କ ବିରୋଧରେ ବାପା ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ତାଙ୍କର ଅଭିଯୋଗ ମୁତାବକ ଝିଅର ମୋବାଇଲକୁ କିଛି ଅଶ୍ଳୀଳ ଫଟୋ ଇନଷ୍ଟାଗ୍ରାମ ଜରିଆରେ ଆସିବା ପରେ ଝିଅ ଘରେ ଦେଖାଇଥିଲା। ଯେଉଁ ମୋବାଇଲ ନମ୍ବରରୁ ଏହି ଅଶ୍ଳୀଳ ଫଟୋ ଆସିଥିଲା ତାହା ଯାଞ୍ଚ୍ କରିବା ପରେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଞ୍ଚ ମାଣିଆ ଗ୍ରାମର ନରେନ୍ଦ୍ର ନାଥ ସୋରେନ୍ ର ପୁତ୍ର ପଞ୍ଚାନନ ସୋରେନ (୧୯) ବୋଲି ଜଣା ପଡିଥିଲା। ଏହା ଜାଣିବା ପରେ ଦୁଃଖୀରାମର ସାନ ଭାଇ ପାଞ୍ଚମାଣିଆ ଗ୍ରାମକୁ ଯାଇ ଏ ବାବଦରେ ବାରଣ କରିବା ପରେ ମଧ୍ୟ ପୁନର୍ବାର ସୋସିଆଲ ମିଡ଼ିଆରେ ଭାଇରାଲ କରିବା ଯୋଗୁଁ ମୋ ଝିଅର ଭବିଷ୍ୟତ ଖରାପ ହୋଇଯିବ ବୋଲି ବାପା ଦୁଃଖୀରାମ ଅଭିଯୋଗରେ ଦର୍ଶାଇଛନ୍ତି। ସେ +୨ ରେ ପାଠ ପଢୁଥିବାରୁ ସେ ନିଜର ମାନସିକ ଭାରସାମ୍ୟ ହରାଇ ବସିଛି। ଅଭିଯୋଗ ପାଇବା ପରେ ପୁଲିସ ତରଫରୁ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

## ଅଣ୍ଡା କାର୍ଟୁନ ଲଗାଇ ଶୋଇଥିବା ବେଳେ ବୃଦ୍ଧ ଜୀବନ୍ତ ଦଗ୍ଧ



**ଭୁବନେଶ୍ୱର, ୧୪।୧୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ସହିଦନଗର ତିନିକୋଣିଆ ହାଟରେ ଅଗ୍ନିକାଣ୍ଡ। ନିଆଁ ଲାଗି ଜଳିଗଲା ଏକାଧିକ ଦୋକାନ। ଅଗ୍ନିକାଣ୍ଡରେ ଜଳିଗଲେ ଦୋକାନରେ ଶୋଇଥିବା ବୃଦ୍ଧ ନିଆଁରେ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଭୋର ସମୟରେ ଲାଗିଥିଲା ନିଆଁ। ଅଣ୍ଡା କାର୍ଟୁନ୍‌ରୁ ନିଆଁ ବ୍ୟାପି ଜଳିଯାଇଥିଲା ଦୋକାନ। ସୂଚନାଯୋଗ୍ୟ ଯେ, ସହିଦନଗର ତିନିକୋଣିଆ ହାଟରେ ଅଘଟଣ ଘଟିଛି। ସ୍ଥାନୀୟ ହାଟରେ ଅଣ୍ଡା ବ୍ୟବସାୟ କରୁଥିବା କୁଳମଣି ସାହୁଙ୍କ ଅଗ୍ନିକାଣ୍ଡରେ ମୃତ୍ୟୁ ଘଟିଛି। ପ୍ରତ୍ୟେକ ଦିନ ମଶା ଦାଉରୁ ରକ୍ଷା ପାଇବା ପାଇଁ ଅଣ୍ଡା କାର୍ଟୁନ୍ ଜାଳି ଦୋକାନ ଭିତରେ ଶୋଇଥିଲେ କୁଳମଣି। ଭୋର୍ ସମୟରେ ଅଣ୍ଡା କାର୍ଟୁନ୍‌ରୁ ନିଆଁ ବ୍ୟାପି ଦୋକାନ ଜଳି ଯାଇଥିଲା। ଭୀଷଣ ନିଆଁ ଓ ଧୂଆଁ ଯୋଗୁ କ୍ୟାବିନ ଭିତରୁ ଆଉ ବାହାରକୁ ବାହାରି ପାରିନଥିଲେ କୁଳମଣି। ଆଖପାଖ ଦୋକାନ ବନ୍ଦ ଥିବାରୁ କେହି ସାହାଯ୍ୟ କରି ପାରିନଥିଲେ। ଶେଷରେ ଦୋକାନ ଭିତରେ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲେ କୁଳମଣି। ଖବର ପାଇ ଘଟଣାସ୍ଥଳରେ ପୋଲିସ ଏବଂ ସଚିବାଳୟ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ। ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ କୁଳମଣିଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ମୃତଦେହ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ କଙ୍କାଳ ଜବତ କରି ପୋଷ୍ଟମର୍ଟମ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୋଲିସ।

## ଆଳୁ କ୍ରେତା ଓ ବିକ୍ରେତା ସମ୍ମିଳନୀ

**ଭୁବନେଶ୍ୱର, ୧୪।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ସବୁ ସମୟରେ ଖାଉଟିମାନଙ୍କ ପାଇଁ ବଜାରରେ ଆଳୁ ଉପଲବ୍ଧ କରାଇବା ପାଇଁ ଆଳୁ କ୍ରେତା ଓ ବିକ୍ରେତାମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉତ୍ତରପ୍ରଦେଶ ରାଜ୍ୟ ଉଦ୍ୟାନ କୃଷି ସମବାୟ ମାର୍କେଟିଂ ଫେଡେରେସନ୍, ଉତ୍ତରପ୍ରଦେଶ ରାଜ୍ୟ କୃଷି ଉତ୍ପାଦ ବଜାର ବୋର୍ଡ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ଉତ୍ତରପ୍ରଦେଶର ଆଳୁ ଉପଲବ୍ଧ କରାଇବା ଉପରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ରାଜ୍ୟରେ ସୁଲଭ ମୂଲ୍ୟରେ ଖାଉଟିମାନଙ୍କୁ ଆଳୁ ଯୋଗାଇଦେବା ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଆଳୁ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସହ ଅଭାବୀ ବିକ୍ରୟକୁ ପ୍ରତିହତ କରିବା ପାଇଁ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଅନେକ ସମୟରେ ଆଳୁକୁ ନେଇ କ୍ରେତା ଓ ବିକ୍ରେତା ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜୁଥିବାରୁ ଉତ୍ତରପ୍ରଦେଶ ଭଳି ବାହାର ରାଜ୍ୟରୁ ଆଳୁ ଆଣି ଖାଉଟିମାନଙ୍କୁ ଯୋଗାଇ ଦିଆଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଉତ୍ତରପ୍ରଦେଶ ଦେଶର ଏକ ପ୍ରମୁଖ ଆଳୁ ଉତ୍ପାଦନକାରୀ ରାଜ୍ୟ ହେବା ସହ ଦେଶର ମୋଟ ଉତ୍ପାଦନର ୩୫ ପ୍ରତିଶତ ଆଳୁ ଏଠାରୁ ଆସିଥାଏ। ଆଳୁ ଚାହିଦା ମେଣ୍ଟାଇବା ପାଇଁ ଉତ୍ତରପ୍ରଦେଶ ବ୍ୟବସାୟୀଙ୍କର ସେ ସହାୟତା ଲୋଡ଼ିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଏସବିଆଇ ସମେତ ସବୁ ବ୍ୟାଙ୍କ ବଦଳାଇଲେ ୱେବ୍‌ସାଇଟ୍ ଠିକଣା




ନୂଆଦିଲ୍ଲୀ, ୧୪।୧୧: ଦେଶର ସବୁ ପ୍ରମୁଖ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇସିଆଇସିଆଇ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ ଓ ଆକ୍ସିସ ବ୍ୟାଙ୍କ ନିଜ ଅଫିସିଆଲ୍ ୱେବସାଇଟକୁ ପୁରୁଣା '.com' କିମ୍ବା '.co.in' ଡୋମେନରୁ ବଦଳାଇ ଏବେ '.bank.in'କୁ ସ୍ଥାନାନ୍ତରିତ କରାଯାଇଛି। ଏହି ପଦକ୍ଷେପ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ପରେ ନିଆଯାଇଛି। ଏହା୍ ଉଦ୍ଦେଶ୍ୟ ଅନଲାଇନ୍ ବ୍ୟାଙ୍କିଂ ସୁରକ୍ଷାକୁ ମଜଭୁତ କରିବା ଓ ଗ୍ରାହକଙ୍କ ପ୍ରକୃତ ବ୍ୟାଙ୍କିଂ ୱେବସାଇଟ୍ ଯାଏ ସୁରକ୍ଷିତ ପହଞ୍ଚକୁ ସୁନିଶ୍ଚିତ କରିବା ଅଟେ।

ଆରବିଆଇ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇ ଅକ୍ଟୋବର ୩୧ ସୁଦ୍ଧା ନିଜ ଇଣ୍ଟରନେଟ୍ ବ୍ୟାଙ୍କିଂ ପୋର୍ଟାଲ୍ସକୁ ବିଶେଷ '.bank.in' ଡୋମେନକୁ ସ୍ଥାନାନ୍ତରିତ କରିବା ପାଇଁ କହିଥିଲା। ଏହି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ଫିସିଂ ଓ ଫେକ୍ ୱେବସାଇଟ୍ ଜାଲିଆତିକୁ ରୋକିବା। ସ୍କାମରମାନେ ପ୍ରକୃତ ବ୍ୟାଙ୍କର ୱେବସାଇଟ୍ ସହ ମେଳ ଖାଉଥିବା ଲିଙ୍କ୍ କରି ଗ୍ରାହକଙ୍କଠାରୁ ସେମାନଙ୍କ ବ୍ୟାଙ୍କିଂ ବିବରଣୀ ହାସଲ କରନ୍ତି। ମାଇଗ୍ରେସନର ସମୟସୀମା ପୂର ହେବା ପରେ ଏବେ ଗ୍ରାହକଙ୍କୁ କେବଳ ଅଫିସିଆଲ୍ '.bank.in' ଡୋମେନ ସାଇଟ୍ ଉପରେ ଲଗିନ୍ କରିବାକୁ ପରାମର୍ଶ ଦିଆଯାଇଛି।

ନୂଆ '.bank.in' ଡୋମେନ୍ କେବଳ ସେହି ସଂସ୍ଥାକୁ ଦିଆଯାଇଛି, ଯେଉଁମାନେ ଆରବିଆଇ ଦ୍ୱାରା ଅନୁମୋଦିତ ଓ ରେଗୁଲେଟ୍ ହେଉଛନ୍ତି। ଏହାର ଅର୍ଥ ହେଉଛି କୌଣସି ବି ଫେକ୍ କିମ୍ବା ଅନଧିକୃତ ସଂସ୍ଥା ଏହି ଡୋମେନକୁ ପଞ୍ଜୀକୃତ କରିପାରିବେ ନାହିଁ। ଏହି ପଦକ୍ଷେପ କେବଳ ଅନଲାଇନ୍ ବ୍ୟାଙ୍କିଂ ଜାଲିଆତି କମ କରିବ ନାହିଁ, ବରଂ ସାଇବର ସୁରକ୍ଷା ଓ ଗ୍ରାହକଙ୍କ ବିଶ୍ୱାସ ମଧ୍ୟ ବଢ଼ାଇବ।

ଆରବିଆଇର ମେ ୨୦୨୫ରେ ଜାରି ବାର୍ଷିକ ରିପୋର୍ଟ ଅନୁସାରେ ଆର୍ଥିକ ବର୍ଷ ୨୦୨୪-୨୫ରେ ବ୍ୟାଙ୍କିଂ ଜାଲିଆତି ମାମଲା ହ୍ରାସ ପାଇଛି। କିନ୍ତୁ ଠକେଇର ମୋଟ ଅର୍ଥ ରାଶି ତିନିଗୁଣ ବଢ଼ି ଯାଇଛି। ଅଧିକାଂଶ ମାମଲାରେ ଡିଜିଟାଲ୍ ପେମେଣ୍ଟ ଟ୍ରାଞ୍ଜାକ୍ସନ ସହ ଜଡ଼ିତ ଥିଲା। ରିପୋର୍ଟ ଅନୁସାରେ ଆର୍ଥିକ ବର୍ଷ ୨୫ରେ ମୋଟ ୨୩,୯୫୩ ବ୍ୟାଙ୍କ ଜାଲିଆତି ମାମଲା ରୁଜୁ ହୋଇଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୩୪ ପ୍ରତିଶତ କମ୍। କିନ୍ତୁ ଠକେଇ ରାଶି ବଢ଼ି ୩୬,୦୧୪ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ।

# ଡାଟା ସେଣ୍ଟର ହବ୍ କ୍ଷେତ୍ରରେ ମୁମ୍ବାଇ ଆଗୁଆ



ନୂଆଦିଲ୍ଲୀ, ୧୪।୧୧: ଭାରତରେ ଡାଟା ସେଣ୍ଟର ହବ୍ କ୍ଷେତ୍ରରେ ମୁମ୍ବାଇ ସୁବୁଠୁ ଆଗରେ ରହିଛି। ଦେଶର ମୋଟ ୧୫୩୦ ମେଗାୱାଟ୍ ଡାଟା ସେଣ୍ଟର କ୍ଷମତା ମଧ୍ୟରୁ ମୁମ୍ବାଇର ଯୋଗଦାନ ୫୩ ପ୍ରତିଶତ ବୋଲି ସିବିଆର୍‌ଇ ରିପୋର୍ଟରୁ ଜଣାଯାଇଛି। ଅନ୍ତର୍ଜାତୀୟ ଇଣ୍ଟରନେଟ୍ ଏକ୍ସଚେଞ୍ଜ ପଏଣ୍ଟ ସହିତ ମୁମ୍ବାଇର ଦୂରତା କମ୍ ରହିବା ସହିତ ସମୁଦ୍ର ମଧ୍ୟରେ ବିଛାଯାଇଥିବା କେବଲ୍‌ଗୁଡ଼ିକ ଏଠାରେ ରହିଥିବାରୁ ଡାଟା ସେଣ୍ଟର କ୍ଷେତ୍ରରେ ମୁମ୍ବାଇର ଆଧିପତ୍ୟ ଅଧିକ ରହିଛି। 'ଇଣ୍ଡିଆସ୍ ଡାଟା ସେଣ୍ଟର ମାର୍କେଟ ଇନ୍ ଏ ନ୍ୟୁ ଏରା' ଶୀର୍ଷକ ରିପୋର୍ଟରୁ ଜଣାଯାଇଛି ଯେ ମୁମ୍ବାଇ ପଛକୁ ଚେନ୍ନାଇର ଯୋଗଦାନ ୨୦ ପ୍ରତିଶତ ରହିଛି। ଏହା ପଛକୁ ଦିଲ୍ଲୀ-ଏନ୍‌ସିଆର୍‌ର ଯୋଗଦାନ ୧୦ ପ୍ରତିଶତ ଏବଂ ବେଙ୍ଗାଲୁରର ଯୋଗଦାନ ୭ ପ୍ରତିଶତ ରହିଛି। ଦେଶର ମୋଟ ଡାଟା ସେଣ୍ଟର କ୍ଷମତାରେ ଉପରୋକ୍ତ ୪ଟି ସହରର ଅଂଶ ପ୍ରାୟ ୯୦ ପ୍ରତିଶତ।

ଭାରତର ଡାଟା ସେଣ୍ଟର କ୍ଷମତା ଚଳିତବର୍ଷ ଜାନୁଆରୁରୁ ସେପ୍ଟେମ୍ବର ମଧ୍ୟରେ ପ୍ରଥମ ଥର ପାର୍‌ଇ ୧.୫ ଗିଗାୱାଟ୍ ଅତିକ୍ରମ କରିଛି। ଏହି ସମୟ ମଧ୍ୟରେ ଅତିରିକ୍ତ ୨୬୦ ମେଗାୱାଟ୍‌ର ଡାଟା ସେଣ୍ଟର କ୍ଷମତା ସୃଷ୍ଟି ହୋଇଛି। ଦେଶରେ ଡିଜିଟାଲ କାର୍ଯ୍ୟର ଦ୍ରୁତ ବୃଦ୍ଧି, ସରକାରଙ୍କ ଅନୁକୂଳ ନୀତି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର କମ୍ପାନିଗୁଡ଼ିକ ଅଧିକରୁ ଅଧିକ ନିବେଶ କରୁଥିବାରୁ ଏହା ହୋଇପାରିଛି।

ସିବିଆର୍‌ଇର ଅଧ୍ୟକ୍ଷ ତଥା ସିଇଓ (ଭାରତ, ଦକ୍ଷିଣ-ପୂର୍ବ ଏସିଆ, ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା) ଅଂଶୁମାନ ମାଗାଜିନ କୁହନ୍ତି, ବିଗତ କିଛିବର୍ଷ ମଧ୍ୟରେ ଭାରତର ଡାଟା ସେଣ୍ଟର ବଜାର ଦ୍ରୁତଗତିରେ ବଢ଼ିଛି। ଡାଟା ସେଣ୍ଟର କ୍ଷେତ୍ରରେ ଭାରତ ଅତ୍ୟଧିକ ପ୍ରତିଯୋଗିତାମୂଳକ ମୂଲ୍ୟରେ ଏହି ସେବା ଯୋଗାଇ ଦେଉଛି। ଏଥିସହିତ ସିଙ୍ଗାପୁର, ଚୀନ ଏବଂ ଜାପାନ ତୁଳନାରେ ଭାରତରେ ନିର୍ମାଣ ଏବଂ ବିଜୁଳି ଖର୍ଚ୍ଚ କମ୍ ରହିଛି। ଭାରତରେ ଦକ୍ଷ ମାନବ ସମ୍ବଳଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ବିଶ୍ୱର ମୋଟ ଏଆଇ ମାନବ ସମ୍ବଳର ୧୬ ପ୍ରତିଶତ ଭାରତରେ ଅଛନ୍ତି। ସଂଖ୍ୟା ଦୃଷ୍ଟିରୁ ଏହା ୬ ଲକ୍ଷରୁ ଅଧିକ। ୨୦୨୭ ମସିହା ସୁଦ୍ଧା ଏହି ସଂଖ୍ୟା ଦ୍ୱିଗୁଣ ହେବ ବୋଲି ଆଶା କରାଯାଉଛି। ସିବିଆର୍‌ଇ ରିପୋର୍ଟ ଅନୁଯାୟୀ, ୨୦୧୯ ମସିହାଠାରୁ ଡାଟା ସେଣ୍ଟର ବ୍ୟବସାୟରେ ଭାରତ ପାଖାପାଖି ୯୪ ବିଲିଅନ ଡଲାରର ନିବେଶ ଆକୃଷ୍ଟ କରିଛି। ଏହି ନିବେଶ ଆଣିବା କ୍ଷେତ୍ରରେ ତେଲେଙ୍ଗାନା, ମହାରାଷ୍ଟ୍ର ଏବଂ ତାମିଲନାଡୁ ପ୍ରମୁଖ ସ୍ଥାନରେ ରହିଛନ୍ତି। ୨୦୨୫ର ଜାନୁଆରିରୁ ସେପ୍ଟେମ୍ବର ମଧ୍ୟରେ ୩୦ ବିଲିଅନ ଡଲାରର ନିବେଶ ଆସିପାରିଛି। ତେଣୁ ଆଗାମୀ ଦିନରେ ଭାରତ ବିଶ୍ୱର ଏକ ବୃହତ୍ ଡାଟା ସେଣ୍ଟର ମାର୍କେଟରେ ପରିଣତ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୭,୮୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୭,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୭,୮୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୭,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୭,୮୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୭,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୮,୦୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୭,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୯,୧୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୮, ୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୭,୮୫୦ ଓ ୧,୧୭,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୩,୧୦୦ ଟଙ୍କା ହୋଇଛି।

# ପୁଞ୍ଜିବଜାରରେ ଏନ୍‌ଏସ୍‌ଇ ନିବେଶକଙ୍କ ସଂଖ୍ୟା ଆକାଶଛୁଆଁ




ମୁମ୍ବାଇ, ୧୪।୧୧: ଦେଶର ପୁଞ୍ଜି ବଜାରରେ ନିବେଶକଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଅଧିକରୁ ଅଧିକ ଲୋକ ଏହି ବଜାର ପ୍ରତି ଆକୃଷ୍ଟ ହେଉଛନ୍ତି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ରେ ନିବେଶକ ଆକାଉଣ୍ଟ ସଂଖ୍ୟା ଚଳିତମାସରେ ୨୪ କୋଟି ଟପିଛି। ଗତବର୍ଷ ଅକ୍ଟୋବରରେ ଏନ୍‌ଏସ୍‌ଇରେ ନିବେଶକଙ୍କ ଆକାଉଣ୍ଟ୍ ସଂଖ୍ୟା ୨୦ କୋଟି ଛୁଇଁଥିଲା। ତେଣୁ ବର୍ଷକରୁ ମାତ୍ର ଅଳ୍ପ ଅଧିକ ସମୟ ମଧ୍ୟରେ ୪ କୋଟି ଅଧିକ ଆକାଉଣ୍ଟ୍ ଯୋଡ଼ି ହୋଇଛି। ଦେଶର ପୁଞ୍ଜି ବଜାରରେ ଖୁଚୁରା ନିବେଶକଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏହା ହୋଇପାରିଛି।

ଦେଶର ଏହି ନିବେଶ ଆକାଉଣ୍ଟରେ ମହାରାଷ୍ଟ୍ର ସବୁଠୁ ଆଗରେ ରହିଛି। ମହାରାଷ୍ଟ୍ରରେ ଏହି ନିବେଶକଙ୍କ ସଂଖ୍ୟା ୪ କୋଟିରୁ ଅଧିକ ବା ମୋଟ ଆକାଉଣ୍ଟର ୧୭ ପ୍ରତିଶତ ରହିଛି। ଏହା ପଛକୁ ଉତ୍ତରପ୍ରଦେଶ ୨.୭ କୋଟି ଆକାଉଣ୍ଟ ବା ୧୧ ପ୍ରତିଶତ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ସେହିଭଳି ଗୁଜରାଟ ୨.୧ କୋଟି ଆକାଉଣ୍ଟ ବା ୯ ପ୍ରତିଶତ ସହିତ ତୃତୀୟ, ପଶ୍ଚିମବଙ୍ଗ ୧.୪ କୋଟି ଆକାଉଣ୍ଟ ବା ୬ ପ୍ରତିଶତ ସହିତ ଚତୁର୍ଥ ଏବଂ ରାଜସ୍ଥାନ ୧.୪ କୋଟି ଆକାଉଣ୍ଟ ବା ୬ ପ୍ରତିଶତ ସହିତ ପଞ୍ଚମ ସ୍ଥାନରେ ରହିଛି। ମୋଟ ଆକାଉଣ୍ଟରେ ଶୀର୍ଷ ୫ଟି ରାଜ୍ୟର ଅଂଶ ପ୍ରାୟ ୫୦ ପ୍ରତିଶତ ରହିଛି। ତେବେ ଶୀର୍ଷ ୧୦ଟି ରାଜ୍ୟଗୁଡ଼ିକର ଅଂଶ ମୋଟ ଆକାଉଣ୍ଟରେ ୭୩ ପ୍ରତିଶତ ବୋଲି ଏନ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି। କରୋନା ମହାମାରୀଠାରୁ ପୁଞ୍ଜି ବଜାର ନିବେଶକଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ନିବେଶକମାନେ ସିଧାସଳଖ କିମ୍ବା ମ୍ୟୁଚୁଆଲ ଫଣ୍ଡ ସଂସ୍ଥା ଜରିଆରେ ପୁଞ୍ଜି ବଜାରରେ ଅର୍ଥ ଖଟାଉଛନ୍ତି। ଏନ୍‌ଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକରେ ବ୍ୟକ୍ତିଗତ ନିବେଶକଙ୍କ ନିବେଶ ଅଂଶ ୧୮.୭୫ ପ୍ରତିଶତରେ ପହଞ୍ଚିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଏହା ସର୍ବାଧିକ। ଏନ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି ଯେ, ଗତ ୫ ବର୍ଷ ମଧ୍ୟରେ ନିଫ୍‌ଟି ୫୦ ଏବଂ ନିଫ୍‌ଟି ୫୦୦ ବାର୍ଷିକ ରିଟର୍ଣ୍ଣ ଆକାରରେ ଯଥାକ୍ରମେ ୧୫ ପ୍ରତିଶତ ଏବଂ ୧୮ ପ୍ରତିଶତ ପ୍ରଦାନ କରିଛି। ମୋବାଇଲରେ ଟ୍ରେଡିଂ ସୁବିଧା ଉପଲବ୍ଧ ହେବା ଫଳରେ ନିବେଶକଙ୍କ ସଂଖ୍ୟା ବଢ଼ିଯାଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ସ୍ଥିର ରହିଛି। କୌଣସି ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ପେମେଣ୍ଟ ଲିଙ୍କ୍‌ରୁ ଖାଲି ହୋଇଯାଉଛି ବ୍ୟାଙ୍କ ବାଲାନ୍ସ

ନୂଆଦିଲ୍ଲୀ, ୧୪।୧୧: ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ୍ ସେଣ୍ଟର ପକ୍ଷରୁ ସୋସିଆଲ ମିଡିଆରେ ଅନ୍‌ଲାଇନ୍ ଆଷ୍ଟ୍ରୋଲୋଜର ସ୍କାମ୍‌କୁ ନେଇ ସତର୍କ କରାଯାଇଛି। ସାଇବର ଅପରାଧୀମାନେ ନିଜକୁ ସାର୍ଟିଫାଏଡ୍ ଆଷ୍ଟ୍ରୋଲୋଜର ଦର୍ଶାଇ ଲୋକଙ୍କୁ ଫସାଉଛନ୍ତି। ମାଗଣା ପରାମର୍ଶ ମାଧ୍ୟମରେ ପ୍ରଥମେ ଲୋକଙ୍କ ଭରସା ଜିତୁଛନ୍ତି ଏବଂ ପରେ ଟଙ୍କା ଲୁଟୁଛନ୍ତି।

ଜଣେ ପୀଡ଼ିତଙ୍କ କହିବାନୁସାରେ, ମାଗଣା ପରାମର୍ଶ ପରେ ଜଣେ ନକଲି ଜ୍ୟୋତିଷ ତାଙ୍କୁ ୧୦,୦୦୦ ଟଙ୍କା ମାଗିଥିଲେ। କିନ୍ତୁ ପେମେଣ୍ଟ ଲିଙ୍କ୍ରୁ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଖାଲି ହୋଇଯାଇଥିଲା। ସାଇବର କ୍ରାଇମ୍ କୋଅର୍ଡିନେଶନ୍ ସେଣ୍ଟର ପ୍ରକାଶ କରିଛି ଯେ, ବିଷାଦଗ୍ରସ୍ତ ଲୋକେ ତତ୍କାଳ ସମାଧାନ ସନ୍ଧାନରେ ଫସି ଯାଆନ୍ତି। ଏଥିପାଇଁ ସାବଧାନ ରହିବା ଜରୁରୀ। ଭାରତରେ ଆଷ୍ଟ୍ରୋଲୋଜି ବଜାର ଦ୍ରୁତ ବେଗରେ ବଢ଼ିଚାଲିଛି। ଏହାର ଆକାର ଏତେ ମାତ୍ରାରେ ବଡ଼ ହୋଇଗଲାଣି ଯେ, କେଉଁ କେଉଁ ସ୍ଥାନରେ ଆଷ୍ଟ୍ରୋଲୋଜି ବ୍ୟବହାର ହେଉଛି ତାହାର ଠିକଣା ନାହିଁ। ଏଭଳି ସ୍ଥିତିରେ ସାଇବର ଠକେଇରୁ ବଞ୍ଚିବା ପାଇଁ ଅନେକ ବିଷୟ ଉପରେ ଧ୍ୟାନ ଦେବାକୁ ପଡ଼ିବ।

ରେଡ୍‌ସୀର ଷ୍ଟ୍ରାଟେଜି କନ୍‌ସଲ୍ଟାଣ୍ଟ ମୁତାବକ, ଭାରତରେ ଆଷ୍ଟ୍ରୋ ବଜାର ୬୦,୦୦୦ କୋଟି ଟଙ୍କାରୁ ଅଧିକ ହୋଇଯାଇଛି। କେବଳ ଡିଜିଟାଲ ସେଗ୍ମେଣ୍ଟରେ ଏହା ୨୦୩୦ ସୁଦ୍ଧା ୧୦ ଗୁଣ ବଢ଼ିବା ଅନୁମାନ ରହିଛି। କେବଳ ଭାରତରେ ନୁହେଁ, ଆମେରିକା ବଜାରରେ ବି ଏହା ଲୋକପ୍ରିୟ ହେଉଛି। ଆଲାଇଡ୍ ମାର୍କେଟ୍ ରିସର୍ଚ୍ଚ ରିପୋର୍ଟ ଅନୁସାରେ, ଆମେରିକାରେ ଅନ୍‌ଲାଇନ୍ ଆଷ୍ଟ୍ରୋଲୋଜି ବଜାରର ମୂଲ୍ୟ ପ୍ରାୟ ୩ ବିଲିୟନ ଡଲାର ରହିଛି। ଆସନ୍ତା ୫ ବର୍ଷରେ ଏହା ୩ ଗୁଣା ବଢ଼ିପାରେ। ସବୁଠାରୁ ଲୋକପ୍ରିୟ ଜ୍ୟୋତିଷ୍ୟ ଆପ୍ ମଧ୍ୟରୁ ଅନ୍ୟତମ କୋ-ଷ୍ଟାର ନିକଟରେ ୩ କୋଟି ପଞ୍ଜୀକୃତ ୟୁଜର ଅଛନ୍ତି। ସେହିଭଳି ପ୍ୟୁ ରିସର୍ଚ୍ଚ ସେଣ୍ଟରର ଏକ ଅନୁଧ୍ୟାନ ଅନୁସାରେ, ଆମେରିକାର ପ୍ରାୟ ୩୦% ଲୋକ ବର୍ଷକରେ ଅନ୍ୟୁନ ଥରେ ହରୋସ୍କୋପ୍, ଟେରୋ କାର୍ଡସ କିମ୍ବା ଫର୍ଚ୍ୟୁନ୍ ଟେଲର୍ସଙ୍କ ପରାମର୍ଶ ନେଇଥାନ୍ତି। ଭାରତରେ ଜ୍ୟୋତିଷ ଶାସ୍ତ୍ରର ବହୁଳ ବ୍ୟବହାର ହୋଇଥାଏ। ବିବାହ, ଧନ, ବେବି ନେମ୍ସ ପର୍ଯ୍ୟନ୍ତ ନିଷ୍ପତ୍ତି ନେବା ସମୟରେ ଏହାର ଉପଯୋଗ ହୋଇଥାଏ। କିନ୍ତୁ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଆସିବା ଦ୍ୱାରା ବିବାହ ଏବଂ କ୍ୟାରିୟରଠାରୁ ଆଗକୁ ଯାଇ ଲୋକେ ଟ୍ରେଡିଂ ପାଇଁ ବି ଜ୍ୟୋତିଷଶାସ୍ତ୍ରର ସାହାଯ୍ୟ ନେଉଛନ୍ତି। କେତେକ ଟ୍ରେଡର୍ସ ଏବେ ବାଲାନ୍ସ ସିଟ୍ ସହ ଗ୍ରହ-ନକ୍ଷତ୍ର ଚେକ୍ କରୁଛନ୍ତି।

୪୩ ବର୍ଷୀୟ କମୋଡିଟି ଟ୍ରେଡର ଜୟ ପଟେଲ କୁହନ୍ତି, ବୁଧ ଟ୍ରେଡିଂ ଟାଇମ୍ କହିଥାଏ, ଗୁରୁ ସମ୍ପ୍ରସାରଣର ସଂକେତ ଦେଇଥାଏ ଏବଂ ଶନି ମନ୍ଥରତାକୁ କମାଇଥାଏ। ପଟେଲ ନିଜର ସବୁଠାରୁ ସ୍ମରଣୀୟ ଟ୍ରେଡ୍‌କୁ ନେଇ କୁହନ୍ତି ଯେ, ସମସ୍ତ ଜ୍ୟୋତିଷୀୟ ଗଣନା କରିବା ପରେ ସେ ଥରେ ଏହି ଆଷ୍ଟ୍ରୋଲୋଜିକାଲ ୱିଣ୍ଡୋରେ କଲ୍ ଅପ୍ସନ କିଣିଥିଲେ। ଆଷ୍ଟ୍ରୋ ଆଧାରରେ ନିଆଯାଇଥିବା ଏହି ଟ୍ରେଡ୍ରେ ତାଙ୍କୁ ୯୦ ଗୁଣା ରିଟର୍ଣ୍ଣ ମିଳିଥିଲା। ଆଜିକାଲି ୩୫ ବର୍ଷରୁ କମ୍ ବୟସ୍କ ପୁଅଝିଅମାନେ ବିପୁଳ ସଂଖ୍ୟକ ଆପ୍ ବ୍ୟବହାର କରନ୍ତି। କ୍ୟାରିୟର, ପ୍ରେମ ଜୀବନ କିମ୍ବା ଚାକିରିର ସମସ୍ୟା ଥିଲେ ସେମାନେ ସୋସିଆଲ ମିଡିଆରେ ସ୍କ୍ରୋଲ କରି କ୍ୱିକ୍ କନ୍‌ସଲଟେସନ ନେଇଥାନ୍ତି। ଏଆଇ ଟୁଲ୍ସ ଗଣନାକୁ ଦ୍ରୁତ କରିଦେଇଛି।



### ଆଷ୍ଟ୍ରୋଲୋଜର ସ୍କାମ୍

ଏହା ମନୁଷ୍ୟଠାରୁ ୫ ଗୁଣା ଅଧିକ ପ୍ରଶ୍ନର ଉତ୍ତର ଦ୍ରୁତ ବେଗରେ ଦେଇଥାଏ। ଏହା ଶସ୍ତା ବି ହୋଇଥାଏ।

ଆଷ୍ଟ୍ରୋଟକ୍ ଭଳି ପ୍ଲାଟ୍‌ଫର୍ମରେ ମାସରେ ୫୦ ଲକ୍ଷ ପେଡ୍ କନ୍‌ସଲ୍ଟେସନ ହୋଇଥାଏ। ଏହାର ପ୍ରତିଷ୍ଠାତା ପୁନୀତ ଗୁପ୍ତା କୁହନ୍ତି, ଆପ୍ରେ ୭ କୋଟି ୟୁଜର ଅଛନ୍ତି, ଯେଉଁଥିରୁ ୮୪% ଙ୍କ ବୟସ ୩୫ ବର୍ଷରୁ କମ୍। ଆଷ୍ଟ୍ରୋ ଆପ୍ସଗୁଡ଼ିକର ପ୍ରସାର ମଧ୍ୟରେ ସାଇବର ଅପରାଧ ମାତ୍ରା ବଢ଼ିଚାଲିଛି। ସାମାନ୍ୟ ଅସାବଧାନତାରୁ ସମ୍ପୂର୍ଣ୍ଣ ବ୍ୟାଙ୍କ ଆକାଉଣ୍ଟ ଖାଲି ହୋଇଯିବାର ସମ୍ଭାବନା ରହିଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ବିଶେଷଜ୍ଞଙ୍କ କହିବାନୁସାରେ, ବ୍ୟକ୍ତିଗତ କିମ୍ବା ବିତ୍ତୀୟ ବିବରଣୀ ଆଦୌ ପ୍ରଦାନ କରନ୍ତୁ ନାହିଁ। କୌଣସି ପେମେଣ୍ଟ ଲିଙ୍କ୍‌ରେ କ୍ଲିକ୍ କରିବାରୁ ଦୂରେଇ ରହିବା ଲାଗି ଏମାନେ ପରାମର୍ଶ ଦିଅନ୍ତି। ବିନା ଯାଞ୍ଚରେ ଆପ୍ ଡାଉନ୍‌ଲୋଡ୍ କିମ୍ବା ଓଟିପି ସେୟାର ନ କରିବାକୁ ୟୁଜରଙ୍କୁ ପରାମର୍ଶ ଦିଆଯାଇଛି। ପ୍ରକୃତ ଜ୍ୟୋତିଷ କଦାପି ବ୍ୟାଙ୍କ ବିବରଣୀ କିମ୍ବା ଓଟିପି ମାଗନ୍ତି ନାହିଁ। ପ୍ରଥମେ ଜ୍ୟୋତିଷଙ୍କ ପ୍ରତ୍ୟୟ ଯାଞ୍ଚ କରିବା ପାଇଁ ଏବଂ ନିଜେ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି

# କୋର୍ଟ ଗଲେ ଅନିଲ ଅମ୍ବାନୀ

## କୋବ୍ରାପୋଷ୍ଟ ବିରୋଧରେ ଦାଖଲ କଲେ ମାନହାନୀ ମୋକଦ୍ଦମା

ନୂଆଦିଲ୍ଲୀ, ୧୪।୧୧: କୋବ୍ରାପୋଷ୍ଟ୍ ବିରୋଧରେ କୋର୍ଟ ଗଲେ ଅନିଲ ଅମ୍ବାନୀ। ଖାଲି କୋବ୍ରା ପୋଷ୍ଟ ନୁହେଁ, ଦି ଇକୋନୋକି ଟାଇମ୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ବିରୋଧରେ ମଧ୍ୟ ରିଲିଆନ୍ସ ଗ୍ରୁପ୍ ଚେୟାରମ୍ୟାନ୍ ଅନିଲ ଅମ୍ବାନୀ ମାନହାନୀ ମୋକଦ୍ଦମା ଦାଖଲ କରିଛନ୍ତି। ଦିଲ୍ଲୀର ଏକ କୋର୍ଟରେ ମାମଲା କରାଯାଇଥିବା ସୂଚନା ମିଳିଛି। ଯାହାର ଶୁଣାଣି ଆରମ୍ଭ ହୋଇଯାଇଛି।



ସୂଚନାନୁସାରେ, ବିଭିନ୍ନ ଗଣମାଧ୍ୟମରେ ତାଙ୍କ କମ୍ପାନୀ ୪୧ ହଜାର କୋଟି ଟଙ୍କାର ଠକେଇ କରିଥିବା ନେଇ ଖବର ପ୍ରକାଶ ପାଇଥିଲା। ଗୁରୁବାର ଏହି ମାମଲାକୁ ଶୁଣାଣି କରିଥିଲେ ବରିଷ୍ଠ ବିଚାରପତି ବିବେକ ବେନିୱାଲ। କୋର୍ଟ ତଥ୍ୟ ଅନୁସାରେ, କୋବ୍ରାପୋଷ୍ଟ, ଇକୋନୋମିକ୍ ଟାଇମ୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ବିରୋଧରେ ପିଟିସନ୍ ଫାଇଲ କରାଯାଇଛି। ପ୍ରଥମେ କୋବ୍ରାପୋଷ୍ଟରେ ଅକ୍ଟୋବର ୩୦ରେ ଖବର ପ୍ରକାଶ ପାଇଥିଲା ଯେ, ଅନିଲ ଅମ୍ବାନୀଙ୍କ କମ୍ପାନୀ ୪୧,୯୨୧ କୋଟିର ଏକ ଆର୍ଥିକ ଠକେଇ କରିଥିଲା। ୨୦୦୬ ମସିହାରୁ ଏହି ଠକେଇ ଚାଲିଥିଲା। ଅନ୍ୟ ଖବର କାଗଜ ଏବଂ ଓ୍ୱେବସାଇଟରେ ଏନେଇ ଖବର ପ୍ରକାଶିତ ହୋଇଥିଲା। ଏହା ରିଲିଆନ୍ସ ଏବଂ ଅନିଲ ଅମ୍ବାନୀଙ୍କ ସମ୍ମାନହାନୀ କରୁଥିବା କୋର୍ଟରେ ଆବେଦନ ହୋଇଛି।

# ପ୍ରମୁଖ ଉତ୍ପାଦନ କ୍ଷେତ୍ର ଉପରେ ବୋଝ କମ ପାଇଁ ୧୪ଟି ଗୁଣବତ୍ତା ମାନଦଣ୍ଡକୁ ବାତିଲ କଲେ ସରକାର

ନୂଆଦିଲ୍ଲୀ,୧୪।୧୧: କେନ୍ଦ୍ର ସରକାର ମୁଖ୍ୟ ଉତ୍ପାଦନ ଶିଳ୍ପଗୁଡ଼ିକ ଉପରୁ ନିୟାମକ ଚାପ ହ୍ରାସ କରିବା ଲକ୍ଷ୍ୟରେ ୧୪ଟି ଭାରତୀୟ ମାନକ ବ୍ୟୁରୋ ଗୁଣବତ୍ତା ନିୟନ୍ତ୍ରଣ ନିର୍ଦ୍ଦେଶ (QCOs) ପ୍ରତ୍ୟାହାର କରିଛନ୍ତି। ଏହି ନିଷ୍ପତ୍ତି ରସାୟନ, ପ୍ଲାଷ୍ଟିକ ଏବଂ ବୟନ ଶିଳ୍ପକୁ ବଡ଼ ଆଶ୍ୱସ୍ତି ଦେଇଛି। ରସାୟନ ଏବଂ ସାର ମନ୍ତ୍ରଣାଳୟ ତୁରନ୍ତ ପ୍ରଭାବୀ ହେବା ନେଇ ଏହି ବିଜ୍ଞପ୍ତି ଜାରି କରିଛନ୍ତି, ଯେଉଁଥିରେ କୌଣସି ପରିବର୍ତ୍ତନ ଅବଧି ରଖାଯାଇ ନାହିଁ। ରଦ୍ଦ ହୋଇଥିବା ଗୁଣବତ୍ତା ନିୟନ୍ତ୍ରଣ ନିର୍ଦ୍ଦେଶ ଗୁଡ଼ିକରେ ଉତ୍ପାଦନ ମୂଲ୍ୟ ଶୃଙ୍ଖଳା ପାଇଁ ଅତ୍ୟାବଶ୍ୟକ କିଛି ପ୍ରମୁଖ ପଲିମର ଏବଂ ଫାଇବର ମଧ୍ୟସ୍ଥ ସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା। ଏଥିମଧ୍ୟରେ ଟେରେପଥାଲିକ୍ ଏସିଡ, ଇଥାଇଲିନ୍ ଗ୍ଲାଇକଲ୍, ପଲିଷ୍ଟର ସୂତା ଓ ଫାଇବର, ଏବଂ ମୁଖ୍ୟ ଶିଳ୍ପ ପ୍ଲାଷ୍ଟିକ ଯେପରିକି ପଲିପ୍ରୋପାଇଲିନ୍, ପଲିଏଥିଲିନ୍, ପଲିଭିନିଲ୍ କ୍ଲୋରାଇଡ୍, ଏକ୍ରାଇଲୋନାଇଟ୍ରାଇଲ୍ ବୁଟାଡାଇନ୍ ଷ୍ଟାଇରେନ୍ଏ ବଂ ପଲିକାର୍ବୋନେଟ୍ଭ ଲି ପଦାର୍ଥ ରହିଛି। ଶିଳ୍ପ ଅଧିକାରୀମାନେ ମତ ଦେଇଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇବ ଏବଂ କମ୍ପାନୀଗୁଡ଼ିକ ଉତ୍ପାଦନ ଯୋଜନାକୁ ଅଧିକ ପ୍ରଭାବଶାଳୀ ଭାବରେ କରିପାରିବେ। ଏହା ବିଶେଷ କରି ଆମଦାନୀ ଉପରେ ନିର୍ଭରଶୀଳ ୟୁନିଟଗୁଡ଼ିକର ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ବଢ଼ାଇବ।

## ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଆୟୋଜିତ



**ବରଗଡ଼,୧୪।୧୧ (ସଂଚାର ବ୍ୟୁରୋ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ଏକତା ଦିବସ ଅବସରରେ ଆଜି ସ୍ଥାନୀୟ ମିନି ଷ୍ଟାଡିୟମ ଠାରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଦେଇ ଲେଙ୍ଗୁ ମିଶ୍ର ଛକ, ଅଗ୍ରସେନ ଛକ, ଭଟଲି ଛକ, ଗାନ୍ଧୀ ଛକ ଏବଂ ପ୍ରାଇଭେଟ ବସଷ୍ଟାଣ୍ଡରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ମାନ୍ୟବର ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଐତିହାସିକ ପଦଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡ଼ ହଲଧର ନାଗ, ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲାଦ ସହାୟ ମିନା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ବରଗଡ଼ ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ, ପୋଲିସ ବାହିନୀ, ମାଇ ଭାରତ ଭଲିୟୁଣ୍ଟର, ଛାତ୍ରଛାତ୍ରୀ, ଜିଲ୍ଲାର ସମସ୍ତ ଧାର୍ମିକ ଏବଂ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇ ଏକତା ପାଇଁ ପଦଯାତ୍ରା କରିବା ସହ ରାଷ୍ଟ୍ର ନିର୍ମାଣ ପାଇଁ ସଜାଗ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

# ବଜାରରେ ଜବରଦଖଲ ଉଚ୍ଛେଦ

**କଣାସ,୧୪।୧୧ (ସଂଚାର ବ୍ୟୁରୋ):** ଦିନୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ଯାନବାହନ ସଂଖ୍ୟା ବଢ଼ୁଥିବାବେଳେ ଯାତାୟତ ପାଇଁ ରାସ୍ତାକୁ କେତେକ ଦୋକାନୀ ମଡାଇଦୋକାନ ଗୃହ ନିର୍ମାଣ କରିଥିବାରୁ ଯାତାୟତରେ ଦିନକୁ ଦିନ ବ୍ୟାଘତ ସୃଷ୍ଟି ହେଉଥିବା ସର୍ମ୍ପକରେ ଅଭି ଯୋଗ ହେବାରୁ କଣାସ ତହସିଲଦାର ହିମାଂଶୁ ଶେଖର ଗିରି କଣାସ ବାଲିଘାଇ ଛକଠାରୁ କଣାସ କୁଞ୍ଜେଶ୍ୱରୀ ବଜାର, କଣାସ ବସଷ୍ଟାଣ୍ଡ ବଜାର, କଣାସ ଗୋଲାବଜାରରେ ଦୋକାନ କରିଥିବା ଦୋକାନୀମାନଙ୍କୁ ଯେଉଁମାନେ ସରକାରୀ ଜମିକୁ ମଡାଇ ଦୋକାନ କରିଛନ୍ତି ଭାଙ୍ଗିଦେବା ପାଇଁ ବାରମ୍ବାର ନୋଟିସ କରିବା ଏବଂ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଜଣାଇବା ପରେ ଯେଉଁମାନେ ସରକାରୀ ଜମିକୁ ବଢ଼ିଥିବା ଦୋକାନ ଗୃହ ଭାଙ୍ଗି ନଥିଲେ। ଆଜି ତହସିଲିଦାର ହିମାଂଶୁ ଶେଖର ଗିରି, ଅତିରିକ୍ତ ତହସିଲିଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଆଇଆଇସି ପ୍ରଶନ୍ନ କୁମାର ନାୟକ ଏବଂ ଦୁଇ ପ୍ଲାଟିନ ପୋଲିସ ଫୋର୍ସ ରହି ବାଲି ଘାଇ ବଜାର ଓ କୁଞ୍ଜେଶ୍ୱରୀ ବଜାର ବଢ଼ିଥିବା କେତେକ ଦୋକାନ ଗୃହକୁ ଜେସିବି ଲଗାଇ ଭାଙ୍ଗିଦେଇଛନ୍ତି।



ସରକାରୀ ଜାଗା ଅପେକ୍ଷା ନିଜସ୍ୱ ଗୃହରେ ଥିବା କେତେକ ଦୋକାନ ଗୃହ ଭାଙ୍ଗିଦେବା ଏବଂ କେତେକ ଦୋକାନ ଗୃହ ଭାଙ୍ଗି ନଥିବାରୁ ପାତର ଅନ୍ତର ଦର୍ଶାଇ ଅନେକ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଚତୁର୍ଥ ଜାତୀୟ ବକ୍ସିଂ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଜୁରୀ ଅଧିକାରୀ ଗାଏବ



**ସୁନ୍ଦରଗଡ଼,୧୪।୧୧ (ସଂଚାର ବ୍ୟୁରୋ):** ଚତୁର୍ଥ ଜାତୀୟ ଏକଲବ୍ୟ ମଡେ଼ଲ ଆବାସିକ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ସୁନ୍ଦରଗଡରେ ୧୨ ତାରିଖରୁ ଚାଲିଛି। ଅବ୍ୟବସ୍ଥାକୁ ନେଇ ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶିତ ହୋଇ ସାରିଛି। ବକ୍ସିଂ ପ୍ରତିଯୋଗୀତାରେ ଆମ ପ୍ରତିନିଧି ଅନିଲ କୁମାର ବହିଦାରଙ୍କୁ ପଚାରିବାରୁ ମୁଁ ନିଜେ ଜୁରି ଅଧିକାରୀ ଅଛି ବୋଲି କହିଥିଲେ ଏବଂ ୧୨ ଓ ୧୩ ତାରିଖ ଦୁଇ ଦିନ କାର୍ଯ୍ୟ ତୁଲାଇ ଥିଲେ। ୧୪ ତାରିଖ ଫାଇନାଲ ଦିନ ଶ୍ରୀ ବହିଦାରଙ୍କୁ ପ୍ରତିଯୋଗିତା ସମୟରେ ଦେଖା ଯାଇ ନ ଥିଲା। ତାଙ୍କ ଚେୟାରରେ ଅନଭିଜ୍ଞ ବ୍ୟକ୍ତି ମାନେ ବାରମ୍ବାର ଜଣକ ପରେ ବସି ଜୁରୀ କାର୍ଯ୍ୟ ନିର୍ବାହ କରିଥିଲେ। ଏପରିକି ଅନଭିଜ୍ଞ ଦୁଇ ଜଣ ଜଜ୍ କାର୍ଯ୍ୟ ତୁଲାଇ ଥିଲେ। ଯେଉଁ ଦୁଇ ଜଣଙ୍କ ଜଜ୍ କାର୍ଯ୍ୟ ତୁଲାଇବା ପାଇଁ କୌଣସି ଜ୍ଞାନ ନାହିଁ, ଯଦ୍ୱାରା ଭଲ ଖେଳୁଥିବା ଖେଳାଳି ବିଜୟ ହେବା ଠାରୁ ବଞ୍ଚିତ ହେଉଥିଲେ। ଏହାକୁ ନେଇ ଅନେକ ରାଜ୍ୟର କୋଚ୍ ମାନେ ଅସନ୍ତୁଷ୍ଟ ବ୍ୟକ୍ତ କରିଥିଲେ। ଏଣୁ ଭବିଷ୍ୟତରେ ଓଡ଼ିଶା ଆମେଚର୍ ବକ୍ସିଂ ସଂଘର ସାଧାରଣ ସମ୍ପାଦକ ଅନିଲ କୁମାର ବହିଦାର ଏପରି ଅନଭିଜ୍ଞ ଜୁରୀ, ରେଫରି ଏବଂ ଜଜ୍ ମାନଙ୍କୁ ପ୍ରତିଯୋଗିତା ଗୁଡ଼ିକରେ ଦାୟିତ୍ୱ ନ ଦେବା ପାଇଁ ବକ୍ସିଂ ଖେଳାଳି, କୋଚ୍ ତଥା ବକ୍ସିଂ ଖେଳକୁ ଭଲ ପାଉଥିବା ବ୍ୟକ୍ତି ମାନେ ମତ ରଖିଛନ୍ତି।

## ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ ପାଳିତ



**ବୋରିଗୁମ୍ମା,୧୪।୧୧(ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ମହା ଆଡମ୍ବର ସହ ଶିଶୁଦିବସ ପାଳନ କରାଯାଇଅଛି। ସର୍ବପ୍ରଥମେ ଶିକ୍ଷାକେନ୍ଦ୍ରର ସମସ୍ତ ଅପା ଭାଇ ମାନେ ଶିଶୁମାନଙ୍କୁ ବନ୍ଧାପନା କରି ସ୍ୱାଗତ କରିଥିଲେ। ଶ୍ରୀମା ଶ୍ରୀ ଅରବିନ୍ଦ ଙ୍କ ଚରଣ ତଳେ ଦୀପ, ଧୂପ ଓ ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମ ଟି ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ଅପା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସଂଗୀତ ପରିବେଷଣ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ପିଣ୍ଟୁ ଭାଇ ଛାତ୍ରୀଛାତ୍ର ମାନଙ୍କୁ ଶିଶୁଦିବସର ମହତ୍ୱ ବିଷୟରେ ଅବଗତ କରାଇଥିଲେ। ଶିକ୍ଷାକେନ୍ଦ୍ର ର ଅଧକ୍ଷ ବାବୁ ମହାନ୍ତି ନିଜକୁ କିପରି ଏକ ଆଦର୍ଶ ଶିଶୁ ଭାବେ ଗୋଡିପାରିବେ ସେହି ବିଷୟରେ ଶିଶୁଙ୍କ ମାର୍ଗ ଦର୍ଶାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ପରିଚାଳନା କମିଟି ର ସଭ୍ୟ ସଭ୍ୟା ଓ ଅଭିଭାବକ ମାନେ ଉପସ୍ଥିତ ରହିଥିଲେ। ପରିଶେଷରେ ଶିକ୍ଷାକେନ୍ଦ୍ରର ସମସ୍ତ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ଫୁଲ ଗଛ ପ୍ରଦାନ କରାଯାଇ ଏକ ପେଡ ମା କେ ନାମର ସନ୍ଦେଶ ସୃଷ୍ଟି କରଜାଇଥିଲା।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଦଶରଥପୁର,୧୪।୧୧(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ଦଶରଥପୁର ତହସିଲ ପଡିଆ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଯାଜପୁର ବିଧାୟିକା ସୁଜାତା ସାହୁ ଫିତାକାଟି ମେଳାଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ମନୀଷା ରାଉତଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ଦଶରଥପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ବିଶ୍ୱମ୍ବର ପୃଷ୍ଟି ପ୍ରଥମେ ଏହାର ଆଭିମୁଖ୍ୟ ବାବଦରେ ଆଲୋକପାତ କରିଥିଲେ । ଦଶରଥପୁର ବ୍ଲକର ବିଡ଼ିଓ ଆକାଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି ଯୋଜନା ଗୁଡିକ କିପରି ସଫଳ ରୂପାୟନ ହୋଇପାରିବ ଓ ଏହି ଯୋଜନା ଗୁଡ଼ିକରୁ ଚାଷୀ ମାନେ କିପରି ଲାଭବାନ ହୋଇପାରିବେ ସେଥିନେଇ ଆଲୋକପାତ



କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ସରକାରଙ୍କର ଏହି ସଚେତନତା କାର୍ଯ୍ୟକ୍ରମ ଏବଂ ସରକାରଙ୍କର ବିଭିନ୍ନ ଯୋଜନାକୁ ହିତାଧିକାରୀ ମାନେ କିପରି ସୁବିନିଯୋଗ କରିପାରିବେ ସେଥିନେଇ ବିଭାଗୀୟ ଅଧିକାରୀ ମାନେ ଚାଷୀ ମାନଙ୍କୁ କିପରି ସହଯୋଗ କରିବେ ସେଥିନେଇ ବକ୍ତବ୍ୟ ରଖିଥିଲେ । ଏହି ସଭାରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲ୍ଲୀ ମଲ୍ଲିକ, ବିଂଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ମହାନ୍ତି, ଦଶରଥପୁର ବ୍ଲକ ମତ୍ସ୍ୟ ବିଭାଗର ଅଧିକାରୀ ପର୍ଶୁରାମ ତ୍ରିପାଠୀ, ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ଶାଶ୍ୱତ ପ୍ରଧାନ, ୭ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ ଓ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ମତ୍ସ୍ୟ ବିଭାଗ, ପ୍ରାଣୀସମ୍ପଦ, ଗୋ-ସୁଗମ ଓ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ସହ ମୋଟ ୧୩ ଟି ଷ୍ଟଲ ପ୍ରଦର୍ଶନ କରାଯାଇ ଥିଲା। ଏହି ମେଳାରେ ୫ ସହରୁ ଉର୍ଦ୍ଧ ଚାଷୀ ଯୋଗ ଦେଇଥିବା ବେଳେ ଚାଷରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୨ ଟି ସ୍ୱୟଂ ସହାୟିକା ଗୋଷ୍ଟି ଓ ୬ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## କଳିକା କେନ୍ଦ୍ର ଝୁରିମାଳରେ ଶିଶୁ ଦିବସ ପାଳିତ

**ସୁନ୍ଦରଗଡ଼,୧୪।୧୧ (ସଂଚାର ବ୍ୟୁରୋ):** ଶୁକ୍ରବାର ଦିନ ସୁନ୍ଦରଗଡ଼ ଜିଲ୍ଲା ସେବକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ୭୦ ଟି କଳିକା କେନ୍ଦ୍ର ଠାରେ ଜବାହରଲାଲ ନେହେରୁ /ଚାଚା ନେହେରୁଙ୍କ ଜନ୍ମ ଦିବସ ଉପଲକ୍ଷେ ଶିଶୁ ଦିବସ ପାଳନ କରଯାଇଥିଲା। ସୁନ୍ଦରଗଡ଼ର ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଜିଲ୍ଲା ଖଣିଜ ପାଣ୍ଠି, ଓମବାଡିସିର ସହାୟତାରେ ହେମଗିର ବ୍ଲକରେ ୨୭ ଟି, ଲେଫ୍ରିପରା ବ୍ଲକରେ ୧୧ ଟି, ଟାଙ୍ଗରପାଳି ବ୍ଲକରେ ୯ଟି, ସଦର ବ୍ଲକରେ ୫ଟି, ସବଡେଗା ବ୍ଲକରେ ୮ଟି, ବାଲିଶଙ୍କରା ବ୍ଲକରେ ୧୦ଟି କଳିକା କେନ୍ଦ୍ର ପରିଚାଳିତ ହେଉଛି। କଳିକା କେନ୍ଦ୍ରରେ କର୍ମଜୀବି ମହିଳା ମାନେ ନିଜର ୬ ମାସରୁ ୩ବର୍ଷର ଶିଶୁ ମାନଙ୍କୁ ସକାଳ ୮ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଛାଡି ନିଜ ନିଜର କର୍ମକ୍ଷେତ୍ରକୁ ଯାଆନ୍ତି। ଲେଫ୍ରିପରା ବ୍ଲକ ଅନ୍ତର୍ଗତ ଝୁରିମାଳ ଗ୍ରାମ ପଞ୍ଚାୟତର ଝୁରିମାଳ କଳିକା କେନ୍ଦ୍ର ଠାରେ ପାଳିତ ଶିଶୁ ଦିବସ ଉତ୍ସବରେ କଳିକା କେନ୍ଦ୍ରର ସଭାପତି ଦିଲୀପ ପଟେଲ, କଳିକା କେନ୍ଦ୍ର କମିଟିର ସମସ୍ତ ସଭ୍ୟ ସଭ୍ୟା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର କ୍ଷେତ୍ର ପରିଦର୍ଶୀକା ଶ୍ରୀମତୀ ଭକ୍ତଳି ବାରୁଆ, କଳିକା କେନ୍ଦ୍ରର ପ୍ରକଳ୍ପ ସଂଯୋଜିକା ଶ୍ରୀମତୀ ସଞ୍ଜୁ ପଟେଲ, ପ୍ରକଳ୍ପ ପରିଚାଳିକା ଶିଲ୍ପା ସରେଙ୍ଗ, କ୍ଷେତ୍ର ପରିଦର୍ଶିକା ଝରଣା ସଙ୍କରିଆ, ଝୁରିମାଳର ସମସ୍ତ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ଶିଶୁ ମାନଙ୍କୁ ଚନ୍ଦନ ଟୀକା, ଫୁଲ ଲଗାଇ, ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମଟି ପାଳନକର। ଯାଇଥିଲା।

## 'ବନ୍ଦେ ମାତରଂ'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ



**କଣାସ,୧୪।୧୧(ସଂଚାର ବ୍ୟୁରୋ):** ଆଜି ପିବିତ୍ର ଶିଶୁ ଦିବସ ଅବସରରେ ସିରେଇ ଗ୍ରାମପଞ୍ଚାୟତର ସିରେଇ ଗ୍ରାମରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ସ୍କାଉଟ ଭବନ ଆନୁକୂଲ୍ୟରେ ସିରେଇ ନୋଡାଲ ଉଚ୍ଚ ପ୍ରାଥମିକ କଣାସ ବ୍ଲକର ବିଭିନ୍ନ ସ୍କୁଲରେ ସ୍କାଉଟ ଗାଇଡକପ ବୁଲ ବୁଲ ଓ ରୋର୍ଭର ରେଞ୍ଜରମାନେ ଏକତ୍ରିତ ହୋଇ ପ୍ରଭାତରୁ ବନ୍ଦେ ମାତରଂ ଗାନ କରି ଜାତୀୟପତାକା ଉତୋଳନ କରିଥିଲେ। ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟଙ୍କ ସଭାପତିତ୍ୱରେ କଣାସ ବ୍ଲକ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ଦେବଦତ୍ତ ପରିଡ଼ା ପ୍ରମୁଖ ଅତିଥୀଭାବେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ବଙ୍କିଞ୍ଚନ୍ଦ୍ର ଚଟୋଉପାଧ୍ୟାୟ ଲିଖିତ ବନ୍ଦେ ମାତରଂ କିପରି ଏକ ମହାମନ୍ତ୍ରରୁପେ ବିବେଚିତ ହୋଇଥିଲା ଏବଂ ଦେଶ ମାତୃକା ଭାରତବର୍ଷ ପ୍ରତି ରଷ୍ଟ୍ରଆରାଧାନା ଓ ଦେଶପ୍ରିତିର ଐକ୍ୟସ୍ଥାନରୁପେ ଏକ ପୂଜାର୍ଚ୍ଚନା ଭିତିକ ସ୍ଲୋଗାନ ମନ୍ତ୍ର ପରି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ନିନାଦିତ ଅତିଥୀମାନେ ବିଶ୍ୱଦଭାବେ ବର୍ଣ୍ଣନା କରିଥିଲେ। କୃତିଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟନ ମାନେ ଶୃଙ୍ଖଳାପୂର୍ବକ ସଭାପରିଚାଳନା କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପେଣ୍ଡୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବନ୍ଦେମାତରଂ କାର୍ଯ୍ୟକ୍ରମ ଫଟୋ ଇ ମେଲରେ ପଠାଗଲା।

## ଶିଶୁ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୧୪।୧୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସହକାରୀ ଶିକ୍ଷକ ତିତି କାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷୟତ୍ରୀ ଉର୍ମିଳା ଜେନା ଶିଶୁ ଦିବସର ମହତ୍ୱ ଓ ଉତ୍ତମ ଶିଶୁ ଦେଶ ବିକାଶର ସୂତ୍ରଧର ବୋଲି ମତପ୍ରକାଶ କରିଥିଲେ । ଏଇ ଅବସରରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ବିତର୍କ, ଚିତ୍ରକଳା, ଶିଳ୍ପକଳା, ବକ୍ତୃତା ଓ ପୋଷଣ ପ୍ରତିଯୋଗିତା କରାଯାଇଥିଲା । ବରିଷ୍ଠ ଶିକ୍ଷୟତ୍ରୀ ଶ୍ରଦ୍ଧାଞ୍ଜଳି ନାଥ ଶର୍ମା, ସସ୍ମିତା କର, ସରୋଜିନୀ ପାଣିଗ୍ରାହୀ, ସଂଘମିତ୍ରା ସାହୁ ସାଇ ଶୁଭଲକ୍ଷ୍ମୀ ରଥ ସରସ୍ୱତୀ ସାହୁ, ଜିତେନ୍ଦ୍ର ଦଳାଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟତ୍ରୀ ଶ୍ରଦ୍ଧାଞ୍ଜଳି ନାଥ ଶର୍ମାଙ୍କ ସଂଯୋଜନାରେ କୃତି ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଦିବସ ପାଳନ ସହ ଶୀତବସ୍ତ୍ର ବଣ୍ଟନ



**ଧାମନଗର,୧୪।୧୧(ସଂଚାର ବ୍ୟୁରୋ):** (ସକାଳ ସାଥୀ)'ଶିଶୁ ହସିଲେ ଦୁନିଆ ହସିବ' ଏହି ପରିପ୍ରେକ୍ଷୀରେ ଧାମନଗର ବ୍ଲକ ଓ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଶିଶୁ ଦିବସ ମହା ଆଡମ୍ବରରେ ପାଳନ କରାଯାଇଛି। ଏହି ଅବସରରେ ଏନ୍ଏସିଅନ୍ତର୍ଗତ ବଜାର ସାହି ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଶିଶୁ ଦିବସ ପାଳନ ସହିତ ଶୀତ ଋତୁ ଯୋଗୁଁ କୁନି କୁନି ଛାତ୍ରଛାତ୍ରୀ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଙ୍ଗନବାଡ଼ି ଦିଦି ସାବେହା ଖାତୁନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ସୁପରଭାଇଜର ଚାରୁଲତା ସମାଲ, ସମ୍ମାନିତ ଅତିଥି ଭାବେ କାଜିମହଲ୍ଲା ଅଙ୍ଗନବାଡ଼ି ଦିଦି ଜୟନ୍ତୀଲତା ମହାନ୍ତି, ଧାମନଗର ମେଡିକାଲର ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରୀତିପ୍ରଭା ବେହେରା ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ନୈତିକ, ଶିକ୍ଷାମୂଳକ ଓ ପୋଷଣମୂଳକ ପିଲାମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରି ଶୀତକାଳୀନ ସ୍ୱାସ୍ଥ୍ୟ ସୁରକ୍ଷା ଓ ଉନ୍ନତି ଉପରେ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ରର ୩୮ ଜଣ ଶିଶୁ ଛାତ୍ରଛାତ୍ରୀ ମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରିଥିଲେ। ତେବେ ଶିଶୁ ଦିବସରେ ନୂତନ ଶୀତ ବସ୍ତ୍ର ପାଇ ଶିଶୁଙ୍କ ମଧ୍ୟରେ ଖସିର ଲହରୀ ଖେଳିଯାଇଛି। ଏଥିରେ ସହାୟକ ସ୍ନେହଲତା ସାହୁ, ଅଭିଭାବକ ଓ ଅନ୍ୟ ସହଯୋଗୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଚାଳନରେ ସହଯୋଗ କରିଥିଲେ।

## କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦଯାପିତ: ଗୁନାପୁର ଟିମ୍ ବିଜୟୀ

**ବାଲିଆପାଳ,୧୪।୧୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ପଞ୍ଚାୟତରେ ୧୩ ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା କୁଦ ମାନସିଂହ ରାହାସ ଉତ୍ସବର କବାଡି ଟୁର୍ଣ୍ଣାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦଯାପନ ହୋଇଯାଇଛି। କମିଟିର ବରିଷ୍ଠ ସଦସ୍ୟ ଅରୁଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୂଖ୍ୟ ଅତିଥି ଭାବେ ବାଲିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ ଯୋଗଦେଇ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରଭାତ ରଞ୍ଜନ ସାହୁ, ସାମାଜିକ କର୍ମୀ ଜଗନ୍ନାଥ ବାରିକ, ସ୍ୱାଭିମାନୀ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଟିମ ଅଂଶଗ୍ରହଣ କରିଥିଲାବେଳେ ଫାଇନାଲ ଖେଳକୁ ଗୁନାପୁର ଟିମ୍ ଓ ସୁରବଲ୍ଲବୀ ଟିମ୍ ଉନ୍ନୀତ ହୋଇଥିଲେ।ଅତି ରୋମାଞ୍ଚକ ଭାବେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସୁରବଲ୍ଲବୀ ୪୨ ପଏଣ୍ଟ ପାଇଥିବା ବେଳେ ଗୁନାପୁର ଟିମ୍ ୪୩ ପଏଣ୍ଟ ପାଇ ବିଜୟୀ ହେଇଥିଲେ। ଏହି ଖେଳକୁ ରାଜ୍ୟ ସ୍ତରୀୟ ରେଫ୍ରୀ ସୁଭଦ୍ରା ସାସମଲ, ରାଜୀବ ସାହୁ, ରଞ୍ଜନ ସାହୁ, ହେମନ୍ତ ଦେ ପରିଚାଳନା କରିଥିଲେ।

ଭିନ୍ନକ୍ଷମ ଦମ୍ପତିଙ୍କ ଦୁଃଖ ବୁଝିଲେ ପ୍ରଶାସନ

# ମିଳିଲା ଚାଉଳ, ଆସୁଛି ଭତ୍ତା ଓ ଆଶାବାଡ଼ି



**ବାଲିଆପାଳ,୧୪।୧୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ଦାଣ୍ଡିପଦା ସାହିରେ ରହୁଛନ୍ତି ଜଣେ ଭିନ୍ନକ୍ଷମ ଦମ୍ପତି ବୁଦ୍ଧିଆ ମାଝୀ ଓ ଫୁଲ ମାଝୀ। ଉଭୟଙ୍କ ଜୀବନ ଦୁଃଖ ଓ ଅସହାୟତାର ଉଦାହରଣ ହୋଇ ରହିଛି। ଆଧାର କାର୍ଡ ନଥିବା ହେତୁ ଗତ ଫେବୃଆରୀ ମାସଠାରୁ ସେମାନଙ୍କ ଭିନ୍ନକ୍ଷମ ଭତ୍ତା ଓ ରାସନ ଚାଉଳ ବନ୍ଦ ହୋଇଥିଲା। ଭୂମିହୀନ ହେବା ସତ୍ୱେ ସରକାରୀ ଆବାସ ଓ ପଟା ମିଳିନଥିବାରୁ ଜୀବନ ଭିକ୍ଷାବୃତ୍ତିରେ ଚାଲିଛି। ଏହି ଅବସ୍ଥା ବିଷୟରେ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଖବର ପାଇ ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରାଙ୍କ ଠାରେ ଅଭିଯୋଗ ରଖିଥିଲେ। ତା'ପରେ ପ୍ରଶାସନ ସଚେତନ ହୋଇ ଆଜି ଯୋଗାଣ ଅଧିକାରୀ ରଥ ବାବୁ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥୀ ସାହୁ ସେହି ଦମ୍ପତିଙ୍କ ଘରକୁ ଯାଇ ସ୍ଥିତି ନିଜେ ଅନୁଧ୍ୟାନ କରିଥିଲେ। ସେଠାରେ ଯୋଗାଣ ଅଧିକାରୀ ସଙ୍ଗେ ସଙ୍ଗେ ରାସନ ଡିଲରକୁ ନିର୍ଦ୍ଦେଶ ଦେଇ ପିଛିଲା ସମୁଦାୟ ଏକ କୁଇଣ୍ଟାଲ ପାଞ୍ଚ କେଜି ଚାଉଳ ସେହି ପରିବାରକୁ ଦେଇଥିଲେ ଓ ଆଗକୁ ତାଙ୍କ ଘରେ ସିଧାସଳଖ ରାସନ ପହଞ୍ଚାଇବା ପାଇଁ ଆଦେଶ ଜାରି କରିଛନ୍ତି। ସାମାଜିକ ସୁରକ୍ଷା ଅଧିକାରୀ ସାହୁ ବାବୁ ମଧ୍ୟ ସେମାନଙ୍କ ଦୁଃଖ ଶୁଣି ପ୍ରତିଶ୍ରୁତି ଦେଇଛନ୍ତି ଯେ ଖୁବ ଶିଘ୍ର ପିଛିଲା ୧୦ ମାସର ଭତ୍ତା ଓ ଏକ ଆଶା ବାଡ଼ି ସେହି ଦମ୍ପତିଙ୍କୁ ମିଳିବ। ସରକାରୀ ଅବ୍ୟବସ୍ଥା ଓ ସ୍ଥାନୀୟ ମାନବିକ ଭାବନାର ଅଭାବ ଯେତେବେଳେ ଦୁର୍ବଳଙ୍କ ଜୀବନକୁ ଅନ୍ଧକାରରେ କରିଦିଏ, ସେତେବେଳେ ଏପରି ଦୟାଭାବ ପଦକ୍ଷେପ ହେଉଛି ଆଶାର ଆଲୋକ। "ଶିକ୍ଷିତ ସମାଜ ଆଗକୁ ଆସିଲେ ଅସହାୟଙ୍କ ଜୀବନ ଆଲୋକିତ ହେବ," ବୋଲି ଯୋଗାଣ ଅଧିକାରୀ ରଥ ବାବୁ କହିଛନ୍ତି।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ

**ବୈଶିଙ୍ଗା,୧୪।୧୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇ ଯାଇଛି। ପୂର୍ବାହ୍ନ ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ସମେତ ଛାତ୍ର ଛାତ୍ରୀ ମାନେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ଜବାହର ଲାଲ ନେହେରୁଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ମାର୍ଗ ଦର୍ଶନ ରେ ଆୟୋଜିତ ଏକ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ମଞ୍ଚାସୀନ ହୋଇ ଚାଚା ନେହେରୁ ଙ୍କ ଶିଶୁ ମାନଙ୍କୁ ଭଲ ପାଇବାର ଗୁଢ଼ ରହସ୍ୟ ସମ୍ପର୍କିତ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। " ଆମ ଦୃଷ୍ଟିରେ ଚାଚା ନେହେରୁ" ବିଷୟ ବସ୍ତୁ ଉପରେ ଛାତ୍ର ଛାତ୍ରୀ ମାନେ ଏକ ବକ୍ତୃତା ପ୍ରତିଯୋଗିତା ଅଂଶ ଗ୍ରହଣ କରି ନିଜ ନିଜର ମତା ମତ ପ୍ରଦାନ କରିଥିଲେ। ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇ ଥିଲା। ନବମ ଶ୍ରେଣୀ ଛାତ୍ରୀ ତନ୍ମୟା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ପ୍ରୀତି ପ୍ରତୀକ୍ଷା ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରା ଯାଇ ଥିଲା।

## ଜୁନାଗଡ଼ ରୋଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେଲା ଇସ୍ପାତ ଟ୍ରେନ

**କଳାହାଣ୍ଡି,୧୪।୧୧(ସଂଚାର ବ୍ୟୁରୋ):** ପୂରଣ ହେବ ଦୀର୍ଘ ଦିନର ସ୍ୱପ୍ନ: ଜୁନାଗଡ଼ ରୋଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେଲା ଇସ୍ପାତ ଟ୍ରେନ। କଳାହାଣ୍ଡି ଜିଲା ଜୁନାଗଡ଼ ବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। କାରଣ ଇସ୍ପାତ ଏକ୍ସପ୍ରେସ ଟ୍ରେନ ଜୁନାଗଡ଼ ରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବା ନେଇଁ ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯାହାକୁ ସ୍ଥାନୀୟ ନେଇଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବର୍ତ୍ତମାନ ଇସ୍ପାତ ଟ୍ରେନ ପଶ୍ଚିମବଙ୍ଗ ରାଜ୍ୟ ହାଓ୍ୱଡାରୁ ବାହାରି ବଲାଙ୍ଗୀର ଜିଲା ଟିଟଲାଗଡ଼ ପର୍ଯ୍ୟନ୍ତ ଆସୁଥିଲା। ତେବେ ଏହି ଟ୍ରେନ ସମ୍ପ୍ରସାରଣ ହେବା ପରେ ଏହା ଟିଟଲାଗଡ଼ରୁ କେସିଙ୍ଗା,ଲାଞ୍ଜିଗଡ଼ ରୋଡ଼ ଭବାନୀପାଟଣା ଦେଇ ଜୁନାଗଡ଼ ରୋଡ କୁ ଆସିବ। ଇସ୍ପାତ ଚାଲିବା ପରେ ଜୁନାଗଡ଼ ତଥା କଳାହାଣ୍ଡିବାସୀ ସିଧାସଳଖ କଲିକତା,ସମ୍ବଲପୁର, ରାଉରକେଲା,ଝାରସୁଗୁଡା ଆଦି ସହରକୁ ସୁବିଧାରେ ଯାଇ ପାରିବେ।

● ରଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ

## ଦେବେନ୍ଦ୍ର ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ ପାଳନ

**କଣାସ,୧୪।୧୧(ସଂଚାର ବ୍ୟୁରୋ):** କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ଟିପୁରୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ରଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବନ୍ଦ୍ରେ ମହାପାତ୍ରଙ୍କ ୮୦ତମ ଜୟନ୍ତୀ ଉତ୍ସବ ଆଜି ଟିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମହାପାତ୍ର ସ୍ମୃତି କମିଟ ତରଫରୁ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ବରିଷ୍ଠ ଶିକ୍ଷକ ଚତରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ଶିକ୍ଷକ ଶ୍ରୀନିବାସ ନାୟକ, ଭାଗୀରଥୀ ମହାପାତ୍ର, ଅର୍ପିତି ମହାପାତ୍ର ସମେତ ସ୍ମୃତି କମିଟର ସଭ୍ୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ। ସ୍ୱର୍ଗତ ମହାପାତ୍ର ୧୯୪୫ ମସିହା ନଭେମ୍ବର ୧୪ ତାରିଖ ଦିନ ଟିପୁରୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସେ ଦାସବିଦ୍ୟାଧରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ପରେ ନିଜ ଗ୍ରାମ ଟିପୁରୀ ମଧ୍ୟଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦେଇଥିବାବେଳେ ପରେ ଗଦାଧର ମଧ୍ୟ ଇଂରାଜୀ ବଦ୍ୟାଳୟ ଚନ୍ଦନପୁର ଓ କପିଳେଶ୍ୱରପୁର ମଧ୍ୟଇଂରାଜୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକଭାବେ ଯୋଗଦେଇ ଆଦର୍ଶ ରଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କାର ପାଇଥିଲେ।

## ପ୍ରମିଳା ବସ୍ତ୍ରାଳୟରେ ଲଟେରି ଉଠାଣ କାର୍ଯ୍ୟକ୍ରମ

**ବାଲିଆପାଳ,୧୪।୧୧(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ କଣ୍ଟିସାହି ଠାରେ ଥିବା ପ୍ରମିଳା ବସ୍ତ୍ରାଳୟରେ ଗ୍ରାହକ ଙ୍କୁ ଆକୃଷ୍ଟ କରିବା ପାଇଁ ପବିତ୍ର ଦିପାବଳୀ ଠାରୁ ପ୍ରଥମାଷ୍ଟମୀ ପର୍ଯ୍ୟନ୍ତ ୧୫୯୯ ଟଙ୍କା ଠାରୁ କିଣାକିଣି ଉପରେ ଲକିଡ୍ର କୁପନର ବ୍ୟବସ୍ଥା ରହିଥିଲା। ବସ୍ତ୍ରାଳୟର ପକ୍ଷରୁ ନିର୍ଧାରିତ ଦିନ ଶୁକ୍ରବାର ପୂର୍ବାହ୍ନରେ ଲକିଡ୍ର କୁପନର ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲଟେରୀ ଉଠାଣ ଅବସରରେ ବସ୍ତ୍ରାଳୟ ପକ୍ଷରୁ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ସରୋଜ ପିଲା ସଭାପତିତ୍ୱ କରିଥିଲାବେଳେ ଅତିଥି ଭାବେ ସମିତି ସଭ୍ୟା ଦିପ୍ତୀଲି ଦାସ, ପ୍ରମିଳା ବସ୍ତ୍ରାଳୟର ପ୍ରପାଇଟର ପ୍ରମିଳା ପ୍ରଧାନ, ସମାଜସେବୀ ନିହାର ରଞ୍ଜନ ଗିରି, ନିତ୍ୟାନନ୍ଦ ଦେ, ମାନସ କୁମାର ଭୂୟାଁ ପ୍ରମୁଖ ଯୋଗଦେଥିଲେ।ପ୍ରଥମ ବିଜେତା ଭାବରେ ବଳରାମପୁର ଗ୍ରାମର ବିଜୟ କୁମାର ତ୍ରିପାଠୀ ଙ୍କୁ ଇଲେକ୍ଟ୍ରି ସ୍କୁଟି ଏବଂ ଦିତୀୟ ବିଜେତା କାଳନ୍ଦା ଗ୍ରାମର ପ୍ରକାଶ କୁମାର ଦତ୍ତଙ୍କୁ ୩୨ ଇଞ୍ଚର ଏଲଡି ଟିଭ ପ୍ରଦାନ କରାଯାଇଥିଲା।

## ରାଇକମା ଆଶ୍ରମ ବିଦ୍ୟାଳୟରେ ଶିଶୁ ଦିବସ



**ବୈଶିଙ୍ଗା,୧୪।୧୧(ସଂଚାର ବ୍ୟୁରୋ):** ଆଜି ପବିତ୍ର ଶିଶୁ ଦିବସ ଅବସରରେ ରାଇକମା ଆଶ୍ରମ ବିଦ୍ୟାଳୟରେ ଏହା ମହାସମରୋହରେ ପାଳିତ ହୋଇଛି। ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିବା ସମୟରେ ସମସ୍ତ ଶିକ୍ଷକ, ଶିକ୍ଷିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କୁନି କୁନି ଛାତ୍ର/ଛାତ୍ରୀ ମାନଙ୍କୁ ଚକୋଲେଟ୍ ବଣ୍ଟନ କରିବା ସହିତ ତାଙ୍କ ସହିତ ମିଶି ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ମାନେ ଖେଳ କୁଦରେ ମାତିଯାଇଥିବାର ଦେଖିବାକୁ ମିଳିଥିଲା। ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପତ୍ର ଲିଖନ ଓ କୁଇଜ୍ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ପିଲାମାନଙ୍କୁ ଗୀତ ଗାଇ ଶୁଣାଇଥିଲେ। ପିଲାମାନେ ମଧ୍ୟ ତାଙ୍କ ସହ ଆବୃତ୍ତି କରିଥିଲେ। ପିଲାମାନଙ୍କୁ ନିଷ୍ଟାନ୍ନ ସହ ବେଲୁନ ବଣ୍ଟନକରାଯାଇଥିବାରୁ ସମସ୍ତ ଗ୍ରାମବାସୀ ଅଭିଭାବକ ମହଲରେ ଆନନ୍ଦ ଖେଳିଯାଇଥିଲା।

## ବାଣ ଫୁଟାଇ ମିଠା ବାଣ୍ଟି ଖୁସି ମନାଇଲେ ବିଜେପି କର୍ମୀ

**ମାର୍ଶାଘାଇ,୧୪।୧୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବଜାରରେ ବାଣ ଫୁଟାଇ, ମିଠା ବାଣ୍ଟି ବିଜେପିର ବିପୁଳ ବିଜୟ ରେ ଖୁସି ମନାଇଲେ ମାର୍ଶାଘାଇ ର ବିଜେପି କର୍ମୀ। ମାର୍ଶାଘାଇ ପ୍ରାକ୍ତନ ସମିତି ସଭ୍ୟ ତଥା ବରିଷ୍ଠ ବିଜେପି ନେତା ନିଗମ ପ୍ରସାଦ ରଥଙ୍କ ନେତୃତ୍ୱରେ ମାର୍ଶାଘାଇ ହାଇସ୍କୁଲ ଛକରେ କର୍ମୀମାନେ ବାଣ ଫୁଟାଇ, ମିଠା ବାଣ୍ଟିଥିଲେ। ନୂଆପଡ଼ା ଉପ ନିର୍ବାଚନରେ ବିଜେପି ବିପୁଳ ବ୍ୟବଧାନରେ ବିଜୟ ଏବଂ ବିହାରରେ ବିପୁଳ ବିଜୟ ଖୁସି ହୋଇ କର୍ମୀମାନେ ବିଜୟ ଉତ୍ସବ ପାଳନ କରିଥିଲେ। ମାର୍ଶାଘାଇ ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ବଳଭଦ୍ର ଦାସ, କିଶୋର ସାହୁ, କେଦାର ସ୍ୱାଇଁ, ରାଜେନ୍ଦ୍ର ମହାପାତ୍ର, ଶ୍ରୀରାମ ସାହୁଙ୍କ ସମେତ ଅନେକ କର୍ମୀ ଯୋଗଦେଇଥିଲେ।

## ନୂତନ ବିଗ୍ରହ ସ୍ଥାପନା ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ



**ଆନନ୍ଦପୁର,୧୪।୧୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ବାତୋ ପଞ୍ଚାୟତ ଅଞ୍ଜିରା ଗ୍ରାମର ବଜରଙ୍ଗୀ ୟୁଥ୍ କ୍ଲବ୍ ପକ୍ଷରୁ ନୂତନ ଶ୍ରୀ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳ ୧୧ଟାରେ ପୁଣ୍ୟତୋୟା ବୈତରଣୀ ନଦୀରୁ ବ୍ରତଧାରି ମାନେ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ନୀତି ପୂଜକ ରଞ୍ଜନ ମିଶ୍ର, ମୁଖ୍ୟ ଯଜ୍ଞ ପୂଜକ ସତ୍ୟନାରାୟଣ ମିଶ୍ର ସହ ସାଥୀ ପୂଜକ ବ୍ରଜ କିଶୋର ପଣ୍ଡା, ସୁଦାମ ଚରଣ ଦାସ, କୃପାସିନ୍ଧୁ ନନ୍ଦ, ଅଜୟ କୁମାର ମିଶ୍ର, ଶୀକ୍ଷାଂଶୁ ମିଶ୍ର ଙ୍କ ଦ୍ୱାରା ଶୁଭାଧିବାସ, କଳସ ସ୍ଥାପନା ପରେ ପୂଜା କାର୍ଯ୍ୟ ଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତା କାର୍ଯ୍ୟ ଶଶିକାନ୍ତ ବେହେରା ପତ୍ନୀ ସସ୍ମିତା ବେହେରା ତୁଲାଇ ଥିଲେ। ସନ୍ଧ୍ୟାରେ କୁନି ପ୍ରବଚକ ଶ୍ରୀ କେଶବ ଦାସ ଦ୍ୱିତୀକୃଷ୍ଣ ଙ୍କ ଦ୍ୱାରା ପ୍ରବଚନ ଏବଂ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା।

ସଂଚାର SANCHAR
ଶନିବାର ୧୫ ନଭେମ୍ବର ୨୦୨୫

# ସ୍ୱାସ୍ଥ୍ୟ



## ଶୀତଦିନରେ ଅଦା ପ୍ରତିରୋଧକ ଶକ୍ତି ବଢ଼ାଇବା ସହିତ କମାଇଥାଏ କୋଲେଷ୍ଟ୍ରଲ



ଆୟୁର୍ବେଦରେ ଅଦାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଡିବୁଟି ଭାବରେ ଗଣାଯାଇଛି। ଔଷଧୀୟ ଗୁଣର ଭଣ୍ଡାର ହେଉଛି ଅଦା ଯାହା ଭୋକ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଥଣ୍ଡା ଏବଂ କାଶ ବ୍ୟତୀତ ଅଦା ଶ୍ୱାସ ଜନିତ ରୋଗ, ଗଣ୍ଠି ଯନ୍ତ୍ରଣା ଏବଂ ବାନ୍ତି ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଦା ଦ୍ୱାରା ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆପଣ ପ୍ରତିଦିନ ଅଦାକୁ ବିଭିନ୍ନ ଉପାୟରେ ଖାଦ୍ୟରେ ସାମିଲ କରିପାରିବେ। ଅଦାରେ ଅନେକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍, ମିନେରାଲ୍ସ, ଭିଟାମିନ୍ ବି ୩, ଭିଟାମିନ୍ ବି ୬ ଏବଂ ପୋଟାସିୟମ୍ ମଧ୍ୟ ରହିଥାଏ, ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ଏଭଳି ପରିସ୍ଥିତିରେ, ଆଜି ଆମେ ଶୀତଦିନେ ଆପଣଙ୍କ ଖାଦ୍ୟରେ ଅଦାକୁ ଅନ୍ତର୍ଭୁକ୍ତ କରିବାର ଉପାୟ ବିଷୟରେ କହିବାକୁ ଯାଉଛୁ। ଏହାର ବ୍ୟବହାର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।

ଅଦାର କାଢ଼ା ତିଆରି କରିବା ପାଇଁ ଅଦା, ଗୋଲମରିଚ, ଲବଙ୍ଗ ଏବଂ ବଡ଼ ଗୁଜୁରାତି ଏକ ଗ୍ଲାସ ପାଣିରେ ମିଶାଆନ୍ତୁ। ତା'ପରେ ଆପଣ ଏହି ଜଳକୁ ଅଧା ହେବା ପର୍ଯ୍ୟନ୍ତ ଭଲ ଭାବରେ ଫୁଟାନ୍ତୁ। ଏହା ପରେ, ଏହି ଜଳକୁ ପୁଣି ଫିଲ୍ଟର୍ କରନ୍ତୁ ଏବଂ ଏହାକୁ ପିଅନ୍ତୁ। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ ଏବଂ ଶୀତଦିନେ ଘଟୁଥିବା ଥଣ୍ଡା, କାଶ ଭଳି ସମସ୍ୟାରୁ ଆପଣଙ୍କୁ ଦୂରେଇ ରଖେ। ଅନେକ ସମୟରେ ଲୋକମାନେ ମାଂସପେଶୀର ଯନ୍ତ୍ରଣା ମଧ୍ୟ ଭୋଗିଥାନ୍ତି, ଯେଉଁଥିପାଇଁ ସେମାନେ ପେନ୍ କିଲର୍ ଖାଇଥାନ୍ତି। କିନ୍ତୁ ଏହିପରି ଔଷଧ ସ୍ୱାସ୍ଥ୍ୟ ଉପରେ କ୍ଷତି ପହଞ୍ଚାଇପାରେ। ତେଣୁ ଏଥିଲାଗି ଅଦା ପାଣି ପିଅନ୍ତୁ। ମାଂସପେଶୀରେ ଯନ୍ତ୍ରଣା ସମସ୍ୟାରୁ ଆରାମ ମିଳିବ।

ଯଦି ଆପଣ ଆଚାର ଖାଇବାକୁ ଭଲ ପାଆନ୍ତି, ତେବେ ଆପଣ ରୁଟି କିମ୍ବା ଭାତ ସହିତ ଅଦା ଆଚାର ଖାଇପାରିବେ। ଆପଣ ଘରେ ଅଦା ଆଚାର ତିଆରି କରିପାରିବେ କିମ୍ବା ଆପଣ ଏହାକୁ ବଜାରରୁ କିଣି ପାରିବେ। ଅଦାର ସୁପ୍ ପ୍ରସ୍ତୁତ କରିବା ପାଇଁ ଚାହୁଁଥିଲେ ଆପଣ ଏଥିରେ ବ୍ରୋକଲି(ରଙ୍ଗବେରଙ୍ଗର ଫୁଲକୋବି) କିମ୍ବା ଛତୁ ମିଶାଇପାରିବେ। ଏହାଦ୍ୱାରା ସୁପର ପୋଷକତତ୍ତ୍ୱ ବୃଦ୍ଧି ହୁଏ। ଏହି ସୁପ୍ ଆପଣଙ୍କୁ ଅଧିକ ସମୟ କାମ କରିବାକୁ ଶକ୍ତି ଦେଇଥାଏ। ଅଦା ପାଣିରେ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା ଗର୍ଭାବସ୍ଥା ସମୟରେ ବାନ୍ତି ହେବାର ସମସ୍ୟା ଦୂର ହୋଇଥାଏ। କୋଲେଷ୍ଟ୍ରଲକୁ କମ୍ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଅଦାକୁ ଶୁଖାଇ ଗୁଣ୍ଡ କରି ଖାଇପାରିବେ।

ଅଧିକାଂଶ ଲୋକ କ୍ଷୀର ସହିତ ଅଦା ଚାକୁ ବହୁତ ପସନ୍ଦ କରନ୍ତି। କିନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି କୁହାଯାଏ। ଏପରି ପରିସ୍ଥିତିରେ ଅଦାକୁ ଏକ ଗ୍ଲାସ ପାଣିରେ ପକାଇ ଭଲ ଭାବରେ ଫୁଟାନ୍ତୁ। ତା'ପରେ ତୁମେ ଏହି ପାଣିକୁ ଫିଲ୍ଟର୍ କରନ୍ତୁ। ଏହା ପରେ ଆପଣ ଏଥିରେ ଲେମ୍ବୁ ରସ ଏବଂ ମହୁ ମିଶାନ୍ତୁ। ଏହି ଚା'କୁ ଦିନକୁ ଦୁଇରୁ ତିନିଥର ପିଇବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



## ସ୍ମରଣଶକ୍ତି ବଢ଼ାଇବ ଅଖରୋଟ୍

ଡ୍ରାଏ ଫ୍ରୁଟ୍ସ ବା ଶୁଖିଲା ଫଳରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଥିବା ଆମେ ସମସ୍ତେ ଜାଣନ୍ତି। ଅଧିକାଂଶ ଲୋକେ ମଧ୍ୟ ଡ୍ରାଏ ଫ୍ରୁଟ୍ସ ଖାଇଥାନ୍ତି। ଡ୍ରାଏ ଫ୍ରୁଟ୍ସକୁ ଖାଇବା ଦ୍ୱାରା ବ୍ରେନ ପାୱାର ବଢ଼ିବା ସହ ଫେସ୍ ମଧ୍ୟ ଗ୍ଲୋ କରିଥାଏ। ଏଥିପାଇଁ ଡ୍ରାଏ ଫ୍ରୁଟ୍ସ ସମସ୍ତଙ୍କ ପାଇଁ ଉପଯୋଗୀ ହୋଇଥାଏ। ବିଶେଷ କରି ଶୀତଦିନରେ ଡ୍ରାଏ ଫ୍ରୁଟ୍ସ ଖାଇବା ସ୍ୟାସ୍ଥ୍ୟ ପାଇଁ ବେସ୍ ଲାଭଦାୟକ ହୋଇଥାଏ। ଅନେକ ଡ୍ରାଏ ଫ୍ରୁଟ୍ସ ରହିଛି ସେଥି ମଧ୍ୟରୁ ଅଖରୋଟ ଅନ୍ୟତମ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ଠିକ ରହିଥାଏ। ଅଖରୋଟରେ ଭିଟାମିନ୍, ଓମେଗା-୩, ଆଣ୍ଟିଅକ୍ସିଡାଣ୍ଟ, ଫାଇବର, କ୍ୟାଲସିୟମ ଏବଂ ପୋଟାସିୟମ ଭଳି ବହୁ ପରିମାଣରେ ଉପାଦାନ ରହିଥାଏ। ତେବେ ଅଖରୋଟ ଖାଇଲେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଲାଭ ଦାୟକ ହେବ, ଆସନ୍ତୁ ଜାଣିବା।

ହେଲ୍ଥ ଏକ୍ସପର୍ଟସଙ୍କ କହିବା ଅନୁସାରେ, ପ୍ରତିଦିନ ଦୁଇଟି ଅଖରୋଟ୍ ଖାଇବା ଦ୍ୱାରା ମାନସିକ ଅବସାଦ ନହୋଇ ବରଂ ମନରେ ସ୍ଥିରତା ଆସିବା ସହ କ୍ୟାନ୍ସରର ବିପଦ ବି ହ୍ରାସ ପାଏ। କ୍ୟାନ୍ସର ଭଳି ଘାତକ ରୋଗରୁ ନିଜକୁ ସୁରକ୍ଷିତ ରଖିବାକୁ ପ୍ରତିଦିନ ଅଖରୋଟ୍ ଖାଇବା ଏକ ବେଷ୍ଟ ଅପ୍ସନ। ଏକ୍ସପର୍ଟସଙ୍କ ମୁତାବକ, ପ୍ରତିଦିନ ଦୁଇଟି ଲେଖାଏଁ ଭିଜା ଅଖରୋଟ ଖାଇଲେ କ୍ୟାନ୍ସରର ବିପଦ ଅନେକ ମାତ୍ରାରେ ହ୍ରାସ ପାଏ। ତେଣୁ ଅଖରୋଟକୁ ଡେଲି ଡାଏଟରେ ସାମିଲ କରିବାକୁ ଭୁଲନ୍ତୁନାହିଁ। କେବଳ କ୍ୟାନ୍ସର ନୁହେଁ, ଅଖରୋଟରେ କ୍ୟାଲସିୟମ୍ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ପ୍ରତିଦିନ ୨୫ ଗ୍ରାମ ଅଖରୋଟ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରୁହେ। ଏହାସହ କୋରୋନାରୀ ଆର୍ଟରି ଡିଜିଜ୍ ଏବଂ ଷ୍ଟ୍ରୋକର ଆଶଙ୍କା ବି କମିଯାଏ। ଅଖରୋଟରେ ଓମେଗା -୩, ଫ୍ୟାଟି ଏସିଡର ମାତ୍ରା ଅଧିକ ମାତ୍ରାରେ ଥିବାରୁ ମାନସିକ ଅବସାଦକୁ କମାଇଥାଏ। ଏହାସହ ମାନସିକ କ୍ଷମତା ବି ବୃଦ୍ଧି ପାଏ। ପିଲାମାନଙ୍କୁ ବି ଅଖରୋଟ ପ୍ରତିଦିନ ଖାଇବାକୁ ଦେବା ଦରକାର। ମହିଳାମାନେ ଗର୍ଭବତୀ ଥିବା ସମୟରେ ପ୍ରତିଦିନ ଅଖରୋଟ୍ ଖାଇଲେ ଗର୍ଭସ୍ଥ ଶିଶୁର ମାନସିକ ବିକାଶ ବେଶ୍ ଭଲ ହୋଇଥାଏ। ଆଜିକାର ଧାଁଦୌଡ ଭିତରେ ଅନେକ ଥକିଯିବା ଭଳି ସମସ୍ୟା ସାମାନ୍ୟ ହେଲାଣି। ଯଦି ଆପଣ ବି ଏଭଳି ସମସ୍ୟା ଭୋଗୁଛନ୍ତି ତାହେଲେ ଆଜିଠୁ ହିଁ ଅଖରୋଟ ଖାଇବା ଆରମ୍ଭ କରିଦିଅନ୍ତୁ। ଭିଜା ଅଖରୋଟ ଖାଇବା ଦ୍ୱାରା ଶରୀରରେ ମେଲାଟୋନିନ୍ ହର୍ମୋନ୍ ତିଆରି ହୁଏ, ଯାହା ଭଲ ନିଦ ପାଇଁ ମଧ୍ୟ ବେଶ୍ ସହାୟକ ହୋଇଥାଏ। ଏହାସହ ଅଖରୋଟରେ ଭିଟାମିନ୍ ବି -୭ ମାତ୍ରା ପ୍ରଚୂର ଥିବାରୁ କେଶମୂଳ ମଜଭୂତ ହେବା ସହ କେଶର ଝଡ଼ିବା ବନ୍ଦ ହେବା ସହ କେଶ ମୁଲାୟମ୍ ଓ ଘନ ହୋଇଥାଏ। ତାହେଲେ ଆଉ ଡେରି କାହିଁକି। ମାତ୍ର ଦୁଇଟି ଅଖରୋଟ ଯଦି ଆପଣଙ୍କୁ ଏତେସବୁ ଉପାୟରେ ଫିଟ ରଖେ ତେବେ ଏହାକୁ ନିଶ୍ଚୟ ଭାବରେ ନିଜ ସକାଳ ଖାଇବା ଲିଷ୍ଟରେ ସାମିଲ କରନ୍ତୁ।



## ଗୋଲମରିଚରେ ରହିଛି ଅନେକ ଲାଭକାରୀ ଗୁଣ

ସମସ୍ତ ଲୋକେମାନେ ଚାହିଁଥାନ୍ତି ଯେ ସେ କିପରି ସୁସ୍ଥ ରହିବେ। ସୁସ୍ଥ ରହିବାକୁ ମଣିଷ ବହୁତ କିଛି କାର୍ଯ୍ୟ କରିଥାଏ। ଅସମ୍ଭବ ଜିନିଷକୁ ମଧ୍ୟ ସମ୍ଭବ କରାଇଥାଏ। ସ୍ୱାସ୍ଥ୍ୟ ଭଲ ରହିଲେ ସବୁ କାର୍ଯ୍ୟ ଠିକଠାକରେ ହୋଇଥାଏ ନଚେତ୍ ଅନେକ ସମସ୍ୟାକୁ ସାମ୍ନା କରିବାକୁ ପଡିଥାଏ। ଆଜିକାଲି ସମୟରେ ଯେଉଁ ରୋଗ ହେଉଛି ତାହା ଦୂର ହେବା ଖୁବ୍ କଷ୍ଟକର ହୋଇପଡୁଛି। ଶରୀର ଅସୁସ୍ଥ ହେଲେ କୌଣସି କାମରେ ମନ ଲାଗି ନଥାଏ। ତେଣୁ ଅଧିକାଂଶ ଲୋକେ ଶରୀରକୁ ସୁସ୍ଥ ରଖିବା ପାଇଁ ମର୍ଣ୍ଣିଂ ୱାକ୍, ସାଇକେଲ ରେସ୍ ଏବଂ ଡାଏଟ କରିଥାନ୍ତି। ସୁସ୍ଥ ରହିବାକୁ ହେଲେ ପୁଷ୍ଟିକର ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ଖାସ୍ କରି ଯଦି ଆମେ ଦିନ ଆରମ୍ଭରୁ ସ୍ୱାସ୍ଥ୍ୟ ଉପଯୋଗୀ ଜିନିଷ ଖାଇବା ତେବେ ତାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଆଜି ଆମେ ଆପଣଙ୍କୁ ସେଭଳି ଏକ ଜିନିଷ ସମ୍ପର୍କରେ କହିବୁ ଯାହା ଆପଣଙ୍କ କିଚେନରୁ ସହଜରେ ମିଳିବ। ଯାହା ଆପଣଙ୍କୁ ଅନେକ ଫାଇଦା ଦେବ। ତେବେ ଆସନ୍ତୁ ସେହି ଜିନିଷ ସମ୍ପର୍କରେ ଜାଣିବା। ଭାରତୀୟ ଖାଦ୍ୟରେ ଅନେକ ପ୍ରକାର ମସଲା ବ୍ୟବହାର କରାଯାଇଥାଏ। ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଗୋଲମରିଚ ବହୁଳ ବ୍ୟବହୃତ ହୋଇଥାଏ। ଏହି ମସଲାକୁ ଆପଣ ସମସ୍ତ ପ୍ରକାର ରୋଷେଇରେ ବ୍ୟବହାର କରି ପାରିବେ। ଏହା କେବଳ ସ୍ୱାଦକୁ ବଢାଇ ନଥାଏ ବରଂ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଗୋଲମରିଚ ଗରମ ହୋଇଥାଏ ସେଥିପାଇଁ ଶୀତଦିନେ ଆପଣମାନେ ଏହାକୁ ଆରାମରେ ବ୍ୟବହାର କରିପାରିବେ। ଗୋଲମରିଚରେ ଭିଟାମିନ ଏବଂ କ୍ୟାଲ୍‌ସିୟମ ରହିଛି। ଯାହା ବେଲି ଫ୍ୟାଟ୍ କମ କରିବାରେ ସହାୟକ କରିଥାଏ। ଯଦି ଓଜନ ହ୍ରାସ କରିବାର ଯାତ୍ରାକୁ ସହଜ କରିବାକୁ ଚାହୁଁଛନ୍ତି ତେବେ ଆପଣଙ୍କ ଡାଏଟ୍ ଲିଷ୍ଟରେ ଏହାକୁ ଆଡ୍ କରିପାରିବେ।

ଏଥିରେ ଥିବା ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲେମାଟୋରୀ ଗୁଣ ମୁହଁରେ ଦେଖାଦେଉଥିବା ସମସ୍ୟାକୁ ଦୂର କରିବା ସହ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ବର୍ତ୍ତମାନ ସମୟରେ ଗ୍ୟାସ ଏବଂ ଏସିଡିଟି ଖୁବ୍ ସାଧାରଣ କଥା ପାଲଟିଗଲାଣି। ଏହି ସବୁ ସମସ୍ୟା ପାଁ ଗୋଲମରିଚ ବେଷ୍ଟ ହୋଇଥାଏ। ଯାହା ଖାଦ୍ୟ ହଜମ କରିବାକୁ ସହଜ କରି ଦେଇଥାଏ। ଗୋଲମରିଚକୁ ମସ୍ତିଷ୍କ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଯାହା ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ। ଏଥିସହ ଗୋଲମରିଚ ଥଣ୍ଡା ଏବଂ କଫ ଜନିତ ସମସ୍ୟାରୁ ରକ୍ଷା କରିଥାଏ। ଲିଭର ଜନିତ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ଏତିକି ନୁହେଁ ଏଥିରେ ଥିବା ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ତେଣୁ ଆପଣମାନେ ସକାଳୁ ଗୋଲମରିଚ ଖାଇବାର ଅଭ୍ୟାସ କରନ୍ତୁ। ଯାହା ଚୁଟକିରେ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ।

## ଲମ୍ବା ଓ ମଜଭୁତ କେଶ ପାଇଁ ବ୍ୟବହାର କରନ୍ତୁ କଫି ମାସ୍କ

ଆମ ଭିତରୁ ଏମିତି ଅନେକ ଜଣ ଅଛନ୍ତି ଯେଉଁ ମାନଙ୍କର ସକାଳ ଆରମ୍ଭ ହୁଏ କେବଳ କଫିରୁ। ସ୍ୱାସ୍ଥ୍ୟ ଓ ସୁନ୍ଦରତା ପାଇଁ ମଧ୍ୟ କଫିର ଆବଶ୍ୟକତା ଅନେକ୍। ଆଜ୍ଞା ହଁ, ଏଥିରେ ଏମିତି କିଛି ଗୁଣ ଅଛି ଯାହା ତ୍ୱଚା ଓ କେଶର ସୁନ୍ଦରତା ପାଇଁ ସାହାଯ୍ୟ କରିଥାଏ। କଫିରେ ଥିବା କାଫ୍ରେଇନ୍ କେଶର ସୁନ୍ଦରତା ବଢାଇବା ସହ କେଶକୁ ମଜବୁତ୍ ରଖିଥାଏ। କେଶର ରୁକ୍ଷାପଣକୁ ମଧ୍ୟ ଦୁର କରିଥାଏ। କଫି ଏକ ପ୍ରକାରର ଭଲ କଣ୍ଡିସନର୍ ଓ ମସାଜର୍ ହୋଉଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ୍ କେଶ ମୂଳକୁ ସୁସ୍ଥ ରଖିଥାଏ। କଫି ବହୁତ୍ ଗୁଡିଏ ସୌନ୍ଦର୍ଯ୍ୟ ସମଧାନର ଉପାୟ। ଏହି ଉପାୟରେ ଆପଣ ନିଜେ ଘରେ ବସି ନିଜର ସୁନ୍ଦରତା ନିଖାରି ପାରିବେ। ଆସନ୍ତୁ ଜାଣିବା କେଶ ପାଇଁ କଫିର ଆବଶ୍ଯକତା। କଫି କେଶର ଗ୍ରୋଥ୍ ବଢାଇଥାଏ ଓ କେଶକୁ କୋମଳ ମଧ୍ୟ କରିଥାଏ। ୧ ଚାମଚ୍ କଫି ପାଉଡରେ ୨ ଚାମଚ ଅଲିଭ୍ ଅଏଲ୍ ମିଶାଇ ଏକ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ କେଶରେ ଲଗାନ୍ତୁ ଓ କିଛି ସମୟ ମସାଜ୍ କରନ୍ତୁ। ୧୫ ରୁ ୩୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ନିଅନ୍ତୁ। ଏପରି ସପ୍ତାହକୁ ଦୁଇ ଥର କରନ୍ତୁ। ପ୍ରଥମେ କଫିକୁ ଫୁଟାଇବା ପରେ ଥଣ୍ଡା କରିବା ପାଇଁ ରଖିଦେବା। ତାପରେ ଏହା ସହ ୧ଚାମଚ୍ କଫି ପାଉଡର୍ ଓ ୨ଚାମଚ୍ ହେୟାର୍ କଂଡିସନର୍ ମିଶାଇବା। ତା'ପରେ ଏହାକୁ କେଶରେ ଲଗାଇବା ଏବଂ ଗୋଟେ ଘଣ୍ଟା ପରେ ଧୋଇନେବା।





## ହାଡ଼ ଏବଂ କ୍ୟାନସର ସମସ୍ୟା ପାଇଁ ବ୍ରୋକଲି

ବର୍ତ୍ତମାନ ସମୟରେ ଅନେକ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି। ଖରାପ ପାଣିପାଗ ଏବଂ ଖାଦ୍ୟପେୟ ହେଉଛି ଏହାର ମୁଖ୍ୟ କାରଣ। ଭଲ ସ୍ୱାସ୍ଥ୍ୟ ପାଇଁ ଭଲ ଖାଦ୍ୟର ଆବଶ୍ୟକତା ରହିଛି ନଚେତ୍ ସ୍ୱାସ୍ଥ୍ୟକୁ ଖରାପ କରିଦେଇଥାଏ। ଆମ ସୁସ୍ଥ ଶରୀର ଗଠନ ପାଇଁ ସମସ୍ତ ପନିପରିବାର ଆବଶ୍ୟକତା ରହିଛି। ଯାହା ଆମକୁ ଅନେକ ପୋଷକ ତତ୍ତ୍ୱ ଯୋଗାଇଥାଏ। ସମସ୍ତ ପନିପରିବାରେ କିଛି ନା କିଛି ବିଶେଷ ଗୁଣ ରହିଛି। ଯାହା ଆମ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଆଜି ଆମେ ଆପଣଙ୍କୁ ସେହିଭଳି ସୁପରଫୁଡ୍ ସମ୍ପର୍କରେ ଜଣାଇବୁ। ସମସ୍ତ ପନିପରିବା ଭଳି ବ୍ରୋକଲି ମଧ୍ୟ ଆମ ଶରୀର ପାଇଁ ଉପଯୋଗୀ। ଯାହା ସାଧାରଣତଃ କୋବି ଭଳି ଦେଖାଯାଇଥାଏ। କିନ୍ତୁ ସେଇଟା କୋବି ନୁହେଁ। ଦେଖିବାକୁ ଠିକ୍ ଫୁଲ କୋବି ଭଳି ଏବଂ ନୀଳ ରଙ୍ଗର। ଯାହାର ଚାହିଦା ବର୍ତ୍ତମାନ ସମୟରେ ଖୁବ୍ ବଢିଛି। ଯାହାକୁ ଶୀତଦିନେ ଖୁବ୍ ସହଜରେ ମାର୍କେଟରୁ ମିଳିଯାଇଥାଏ। କିନ୍ତୁ କିଛି ଲୋକ ଏହାକୁ ଖାଇବାକୁ ପସନ୍ଦ କରି ନଥାନ୍ତି। ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ବ୍ରୋକଲିରେ ଅନେକ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଯାହା ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ। ସାଲାଡ୍ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପନିପରିବା ପର୍ଯ୍ୟନ୍ତ ଅନେକ ପ୍ରକାରର ପନିପରିବା ତିଆରିରେ ବ୍ରୋକୋଲି ବ୍ୟବହାର କରାଯାଏ। ବ୍ରୋକଲିରେ କେଉଁ ସବୁ ଉପାଦାନ ରହିଛି ଆସନ୍ତୁ ପ୍ରଥମେ ସେସମ୍ପର୍କରେ ଜାଣିବା। ବ୍ରୋକଲିରେ ଭରପୁର ମାତ୍ରାର ପ୍ରୋଟିନ୍, କ୍ୟାଲସିୟମ୍, କାବ୍ରୋହାଇଡ୍ରୋଟ, ଆଇରନ, ଭିଟାମିନ ଏ, ସି ଏବଂ ଅନ୍ୟାନ୍ୟ ପୋଷକ ରହିଛି। ଏହା ସହିତ ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ୍, ସେଲେନିୟମ୍, ଭିଟାମିନ୍ ବି, ଫାଇବର ଏବଂ ଫସଫରସ ଭଳି ଗୁଣ ମଧ୍ୟ ଏଥିରେ ରହିଛି। ଯାହା ସମସ୍ତ ବର୍ଗର ଲୋକଙ୍କ ପାଇଁ ଲାଭଦାୟକ ବୋଲି ପ୍ରମାଣିତ ହୋଇଛି। ତେବେ ଆସନ୍ତୁ ଏହି ବ୍ରୋକଲିର ଚମତ୍କାରୀ ଗୁଣ ସମ୍ପର୍କରେ ଜାଣିବା।

ଡାଇବେଟିସ ରୋଗୀଙ୍କ ପାଇଁ ସବୁଜ ପନିପରିବା ଫଳପ୍ରଦ ହୋଇଥାଏ। ସେହି ସବୁ ମଧ୍ୟରୁ ବ୍ରୋକଲି ଅନ୍ୟତମ। ଯାହା ଡାଇବେଟିସ୍ ରୋଗୀଙ୍କ ପାର୍ଇ ବେଷ୍ଟ ହୋଇଥାଏ। ବ୍ରୋକଲି ଖାଇବା ଦ୍ୱାରା ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଭିଟାମିନ୍ ସି ଏବଂ ଜିଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ଯାହା ଖାଇବା ଦ୍ୱାରା ରୋଗ ସହିତ ଲଢେଇ କରିବାର କ୍ଷମତାକୁ ବୃଦ୍ଧି କରେ। ପିଲାମାନଙ୍କ ପାଇଁ ଏହା ଉପଯୁକ୍ତ ଖାଦ୍ୟ ବୋଲି କୁହାଯାଇପାରେ। ବ୍ରୋକଲିରେ ଫାଇବର, ପୋଟାସିୟମ୍ ଏବଂ ପ୍ରୋଟିନରେ ଭରପୁର। ଯାହା ଖାଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ କରି ରଖିଥାଏ। ଫଳରେ ଓଜନ ଯାତ୍ରାକୁ ସହଜ କରିଥାଏ। ଏତିକି ନୁହେଁ ବରଂ ଲିଭର ସମସ୍ୟା ପାଇଁ ଏହା ଶକ୍ତିଶାଳୀ ହୋଇଥାଏ। ତେଣୁ ଏହାକୁ ଆପଣ ଡାଏଟ ପ୍ଲାନରେ ଆଡ୍ କରିପାରିବେ। କ୍ୟାନସର ଭଳି ମାରାତ୍ମକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଏହି ସବୁ ସମସ୍ୟା ଥିଲେ ଏହାକୁ ନିଶ୍ଚିନ୍ତ ଖାଆନ୍ତୁ। କ୍ୟାଲସିୟମର ଅଭାବ ଥିଲେ ହାଡ଼ ଜନିତ ସମସ୍ୟା ଦେଖିବାକୁ ମିଳିଥାଏ। ଯାହା ଏବେ ଘରେ ଘରେ ଖୁବ୍ ସାଧାରଣ କଥା ହୋଇଗଲାଣି। ଏହି ସବୁ ସମସ୍ୟା ଦେଖାଦେଉଥିଲେ ସେସବୁ ପାଇଁ ଚିନ୍ତା କରନ୍ତୁ ନାହିଁ। ଯେଉଁଥି ପାଇଁ ପ୍ରଭାବଶାଳୀ ହୋଇଥାଏ ବ୍ରୋକଲି। ହାଡ଼ ଜନିତ ସମସ୍ୟାଠାରୁ ମୁକ୍ତି ଦେବା ସହ ହାଡ଼କୁ ମଜବୁତ କରେ। ତେଣୁ ବ୍ରୋକଲି ଖାଇବାର ଅଭ୍ୟାସ କରନ୍ତୁ।

## ବାମନ ଅବକାଶ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ



**ନୟାଗଡ଼,୧୪।୧୧ (ସଂଚାର ବ୍ୟୁରୋ):** ଶିଶୁମାନେ ରାଷ୍ଟ୍ରର ସମ୍ପତି। ଆଜିର ଶିଶୁ କାଲିର ନାଗରିକ। ଦେଶର ଭବିଷ୍ୟତ ଶିଶୁର ଶିକ୍ଷା, ଅଧିକାର ଏବଂ ସାମଗ୍ରିକ ବିକାଶ ଉପରେ ନିର୍ଭର କରେ। ଶିଶୁର ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଶିକ୍ଷକ, ବାପା, ମା' ଏବଂ ସମାଜର ଦାୟିତ୍ୱ ବୋଲି "ବିଜୁ ମହତାବ ସ୍ୱେଚ୍ଛାସେବୀ ସଂଗଠନ" ଏବଂ "ଗିଭ ବ୍ଲଡ ସେଭ୍ ଲାଇଫ" ମିଳିତ ଆନୁକୁଲ୍ୟରେ ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ଶିଶୁ ଦିବସ ଉତ୍ସବ -୨୦୨୫ ରେ ଯୋଗଦାନ କରି ଅତିଥିମାନେ ଏହା କହିଥିଲେ। ଉଭୟ ଅନୁଷ୍ଠାନ ର ସଭାପତି, ସମାଜସେବୀ ଭାଗିରଥି ବାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇଟାମାଟିର ସମସ୍ତ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ ଯୋଗଦାନ କରି ଶିଶୁମେଳାରେ ଭାଗ ନେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ, ଶିକ୍ଷାବିତ୍ ଅଶୋକ କୁମାର ନାୟକ ମୁଖ୍ୟବକ୍ତା, ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର, ସମାଜ ସେବୀ ଜଗନ୍ନାଥ ଦାସ, ସିଆରସି ସନ୍ତୋଷ କୁମାର ସାହୁ, ବ୍ୟବସାୟୀ ବିଶ୍ୱନାଥ ମହାପାତ୍ର, ସଙ୍ଗୀତ ପଟ୍ଟନାୟକ ଏବଂ ବାଞ୍ଛାନିଧି ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହାକୁ ସଞ୍ଚାଳନା କରିଥିଲେ ପତାକା ସାହୁ, ବବୁଲୁ ଦାସ, ଶୁବାଶିଷ ନାୟକ, ଦିଲ୍ଲିପ କୁମାର ସାହୁ, ଗଣେଷ ମୁଦୁଲି, ମାଧବ ଜେନା, ରାହୁଲ ମଲ୍ଲନ, ହିମାଂଶୁ ଲେଙ୍କା, ସୁଶିଲ କୁମାର ପରିଡ଼ା, ଅଭିଜିତ ସାହୁ, ପ୍ରୀୟାଂଶୁ ମହାରଣା। ବିଚାରକ ଭାବେ ପ୍ରମୋଦ କୁମାର ମହାପାତ୍ର, ଦିବାକର ରାଉତ, ନିରଞ୍ଜନ ମହାପାତ୍ର, ହରିବନ୍ଧୁ ଦାସ, ସୁଦର୍ଶନ ପ୍ରଧାନ, ବିପିନ ବିହାରୀ ପାତ୍ର, ମୀନକେତନ ନାୟକ ଯୋଗଦାନ କରି ପ୍ରତିଭା ମାନଙ୍କୁ ଆବିଷ୍କାର କରିଥିଲେ।

# ଅନିଶ୍ଚିତତାରେ ସୁବର୍ଣ୍ଣରେଖା ମେଗା ବନ୍ଦର ପ୍ରକଳ୍ପ

## ପରିବେଶ ମଞ୍ଜୁରୀ ମିଳିପାରିନି, ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ନିର୍ଦ୍ଦେଶ



**ବାଲିଆପାଳ,୧୪।୧୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସୁବର୍ଣ୍ଣ ରେଖା ନଦୀ ମୁହାଁଣ ଚୌମୁଖ ଠାରେ ହେବାକୁ ଥିବା ସୁବର୍ଣ୍ଣ ରେଖାବନ୍ଦର ମେଗା ପ୍ରକଳ୍ପ ଏବେ ଅନିଶ୍ଚିତତାମଧ୍ୟ ଦେଇ ଗତି କରୁଛି। ଅଦ୍ୟାବଧିବନ୍ଦର କର୍ତୃପକ୍ଷଙ୍କୁ କେନ୍ଦ୍ର ଗ୍ରୀନଟ୍ରିବ୍ୟୁନାଲରୁ ପରିବେଶ ମଞ୍ଜୁରୀମିଳି ପାରିନାହିଁ। ଏନେଇ ଜନଶୁଣାଣୀକୁ ଏକ ବର୍ଷ ପୂରିବାକୁ ଯାଉଛି। ଏବେ ହାଇ କୋର୍ଟ ଏକ ଜନ ସ୍ୱାର୍ଥମାମଲାର ଶୁଣାଣି କରି ଚୌମୁଖଡଗରା ବେଳାଭୂମି ର ବିକାଶ ପାଇଁରାଜ୍ୟ ସରକାର ଙ୍କୁ ହାଇ କୋର୍ଟନିର୍ଦ୍ଦେଶ ଦେଇଛନ୍ତି। ୧୯୯୮ ମସିହାରେ ଏହି ଦୁଇ ବେଳାଭୂମି କୁତତ୍କାଳୀନ ସରକାର ପର୍ଯ୍ୟଟନ କେନ୍ଦ୍ରଭାବେ ଘୋଷଣା କରିଥିଲେ। ଏଠିକାରନାଲି ଓ ନୀଳ ରକ୍ତ କଙ୍କଡା, ଅଲିଭ ରିଡଲେ କଇଁଛ, ହେନ୍ତାଳ ବଣ, ଅଗଭୀର ସମୁଦ୍ର, ଧାଡି ଧାଡି ଝାଉଁ ବଣ, ସମତଳ ବେଳାଭୂମି ଆଦି ପ୍ରାକୃତିକ ବିଭବ ପାଇଁ ପ୍ରସିଦ୍ଧ। ଏହାରବିକାଶ ପାଇଁ କୌଣସି ସ୍ତର ରେଉଦ୍ୟମ ହୋଇ ନାହିଁ। ସେହିପରି କେନ୍ଦ୍ରସରକାର ଏହି ଦୁଇ ବେଳାଭୂମିକୁ ସିଆର ଜେଡ (କୋଷ୍ଟାଲରେ ଗୁଲେଟିଙ୍ଗ ଜୋନ) -୧ ରେ ଅନ୍ତର୍ଭୁକ୍ତ କରିଥିଲେ। ଏହି ଜୋନ ଏରିଆ ଅଞ୍ଚଳରେ କୌଣସି ଉନ୍ନୟନ କାର୍ଯ୍ୟହୋଇ ପାରିବ ନାହିଁ। ତେବେ କେଉଁ ଆଧାରରେ ଏହାକୁ ଏବେ ସି ଆର ଜେଡ -୨କୁ ପରିବର୍ତନ କରାଯାଇଛି।ଏହା ବିରୋଧ ରେ ହାଇ କୋର୍ଟ ରେଏକ ଜନ ସ୍ୱାର୍ଥ ମାମଲା ଏବେ ବିଚାର ଧୀନ ରହିଛି। ଏହି ସବୁ ଦୃଷ୍ଟିରୁ ଏହି ମେଗା ପ୍ରକଳ୍ପ ର ଭବିଷ୍ୟତ ଅନିଶ୍ଚିତ ତାଆଡକୁ ଟାଣି ହୋଇ ଯାଇଛି। ୨୦୦୬ ମସିହାରେ ତତ୍କାଳୀନମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଲଙ୍ଗଳେଶ୍ୱର କାଳିଝାଟି ପଡ଼ିଆରେ, ଏକ ଜନ ସଭାକୁ ସମ୍ବୋଧିତ କରିବାଅବସରରେ ଚୌମୁଖ ଠାରେ ଘରୋଇ ଉଦ୍ୟୋଗ ରେ ବନ୍ଦର ହେବ ବୋଲି ଘୋଷଣା କରିଥିଲେ। ପରେ ଚିନ୍ନାଇ ର କ୍ରିଏଟିଭ ପୋର୍ଟ ନାମକ ଏକ ସଂସ୍ଥା ଏମ ୟୁ ସରକାର ଙ୍କ ସହିତ କରିଥିଲେ। ଅନ୍ୟ ଏକ ସହଯୋଗୀ ସଂସ୍ଥା ଏଥିରୁ ଓହରି ଯିବାରୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିଲା। ଦୀର୍ଘ ଦିନ ବ୍ୟବଧାନ ପରେ ଟାଟା କମ୍ପାନୀ ଏଥିରେ ଯୋଡିବାରୁ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପ କାର୍ଯ୍ୟକିଛି ମାତ୍ରାରେ ଆଗେଇ ଥିଲା। ରାସ୍ତା ଓ ରେଳ କରି ଡୋର ପାଇଁ କମ୍ପାନୀ ୪୦ପ୍ରତିଶତ ଜମି ଅଧି ଗ୍ରହଣ କରିଥିଲେ। ଟାଟା ବାଲିଆପାଳ ଓ ବସ୍ତା ଅଞ୍ଚଳ ରେ ଲୋକଙ୍କ ନିକଟ ତର ହେବା ପାଇଁ ବିଭିନ୍ନ ସେବା ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ର ଛାତ୍ରୀ ଙ୍କୁ ମେଧା ବୃତି, ଦିନ ଦରିଦ୍ର ଙ୍କୁ ଆର୍ଥିକ ସହାୟତା ଆଦି ଦେଇ ଆସୁଛନ୍ତି। ଏଥିପାଇଁ କମ୍ପାନୀ କାଳିପଦା, ବାଲିଆପାଳ, ବାଲେଶ୍ୱର ସଦର ରେ କାର୍ଯ୍ୟାଳୟ ମାନ ଖୋଲିଛନ୍ତି। ତେବେ ବର୍ଷେ ହେବ ବନ୍ଦର କାମରେ ଧିମା ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ଏ ବାବଦରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘର ସଭାପତି ଅନୁଜ କୁମାର ମହାପାତ୍ର ହାଇ କୋର୍ଟ ର ଦ୍ୱାରସ୍ଥ ହୋଇ ଥିବା ବେଳେ କମ୍ପାନୀ ଉଚ୍ଚ ଅଧିକାରୀଙ୍କ ଠାରୁ କୌଣସି ଉତର ମିଳିପାରିନାହିଁ।

## ବିଶ୍ୱ ଡାଇବେଟିସ୍ ଦିବସରେ ସଚେତନତା ଶିବିର



**ବ୍ରହ୍ମପୁର,୧୪।୧୧ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କୁକୁଡାଖଣ୍ଡି ବିଜ୍ଞାନ ମହାବିଦ୍ୟାଳୟ ଠାରେ କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବିଶ୍ୱ ଡାଇବେଟିସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡ଼ି. ପି.ଏଚ.ଓ ଡାକ୍ତର ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସୁମିତ କୁମାର ସାହୁ, ଏଡ଼ିପିଏଚସିଓ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷା ଶର୍ମିଷ୍ଠା ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଶରୀର ଅଛି କହିଲେ ରୋଗ ହେବ କିନ୍ତୁ ମଧୁମେହ ରୋଗ ଏହିପରି ଏକ ରୋଗ ଯାହା ଶରୀରକୁ ଥରେ ଆସେ ତେବେ ଦେହକୁ ଦୁର୍ବଳ କରିଦିଏ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମିତ ସାହୁ କହିଥିବା ବେଳେ, ଡ଼ିପିଏଚଓ ଡାକ୍ତର ଷଡ଼ଙ୍ଗୀ ଡାଇବେଟିସ ରୋଗ କିପରି ହୁଏ ,ତାହାର କିପରି ନିରାକରଣ ହେବ ଓ ସେଠାରୁ କିପରି ଦୁରେଇ ରହିବା ସେ ନେଇ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଡାକ୍ତର ବିଜୟଲକ୍ଷ୍ମୀ ପଣ୍ଡା ଏହି ରୋଗ ହେଲେ କିପରି ଔଷଧ ସେବନ କରିବା ଓ ତାହା କିପରି ନହେବ ସେନେଇ ଉପଦେଶ ଛାତ୍ର ଛାତ୍ରୀ ମାନଙ୍କୁ ଦେଇଥିଲେ। କୁକୁଡାଖଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ ସୋହନ କୁମାର ପଟନାୟକ, ବିଇ ସୋନାଲି ମଣ୍ଡଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କୁକୁଡାଖଣ୍ଡି ବିଜ୍ଞାନ ମହାବିଦ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଉମାଦେଇ ବ୍ରହ୍ମପୁର ପଞ୍ଚାୟତରେ ଶିଶୁ ଦିବସ ପାଳିତ

**ବାଲିଅନ୍ତା,୧୪।୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଅଧୀନ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତର ସରପଞ୍ଚ ରମାଲତା ନାୟକ ନେତୃତ୍ୱରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ନେହୁରଙ୍କ ଜନ୍ମ ତଥା ଶିଶୁ ଦିବସ ଅବସରରେ ପଞ୍ଚାୟତରେ ଥିବା ଆଠ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଗ୍ରସ୍ତ ସହିତ ପିଲାମାନଙ୍କୁ ମିଠା ବଣ୍ଟନ କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରରେ କୁନି କୁନି ପିଲାମାନେ ବିଭିନ୍ନ ପ୍ରକାର ବେଶ ସହିତ ନେହୁରୁ, ଗାନ୍ଧୀ, ରାଧା ଓ କୃଷ୍ଣ ବେଶରେ ଖୁବ ସୁନ୍ଦର ସାଜସଜ୍ଜା ବହୁ ଉଚ୍ଚ କୋଟିର ଦେଖିବାକୁ ମିଳିଥିଲା। ଶିଶୁ ଦିବସକୁ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ସୁନ୍ଦର ଭାବେ ସାଜସଜ୍ଜା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବସମାଜସେବୀ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ସୋମନାଥ ଖଟେଇ, ହରେକୃଷ୍ଣ ମହାରଣା, ପ୍ରମୁଖ ଉପସ୍ଥିତ ଥିଲେ ।



## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ି ପାଉଁଶ !



**ପାରାଦ୍ୱୀପ,୧୪।୧୧(ସଂଚାର ବ୍ୟୁରୋ):** ପାରାଦୀପ ଅଠରବାଙ୍କି ମାର୍କେଟରେ ଅଗ୍ନିକାଣ୍ଡ ଘଟିଛି । ରାତି ୯ ଘଟିକା ସମୟରେ ମାର୍କେଟ କଂପ୍ଲେକ୍ସ ଉପର ମହଲାରେ ଥିବା ଏକ ଟାୟାର ଦୋକାନରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଛି। ବନ୍ଦର ସିଆଇଏସଏଫ ଓ କୁଜଙ୍ଗ ଦମକଳ ବାହିନୀର ୫ ଟି ଗାଡି ଆସି ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି। ଦୋକାନଟି ଦିଲ୍ଲୀପ ଲେଙ୍କାଙ୍କର କୁହାଯାଉଥିବା ବେଳେ ଦୋକାନରେ ଥିବା ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଛି ।

## ଶିକ୍ଷକ ଗାରିମା ଶିବିର

**ରାଇଘର,୧୪।୧୧(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଜିଲ୍ଲା ସ୍ତରୀୟ ଶିକ୍ଷକ ଗାରିମା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଇଓ ବିକାଶ ଚନ୍ଦ୍ର ସରକାର ଯୋଗ ଦେଇଥିବା ବେଳେ ସଭାପତି ଭାବେ ଜିଲ୍ଲା ସଂଯୋଜକ ଉପେନ୍ଦ୍ର ନାଗ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସାଂସଦ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରଜତ କୁମାର ଷଡ଼ଙ୍ଗୀ(ସହ ସଂଯୋଜକ,ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା, ଓଡ଼ିଶା, ଭୁବନେଶ୍ୱର), ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ଦେ, ପଂଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପରୀକ୍ଷିତ ସାହୁ, କମଲ ସିଂ ରାଜପୁତ ଓ ପ୍ରନାଥ ଗଣ୍ଡ ପ୍ରମୁଖ ଯୋଗ ଦେଇ ମଂଚାସୀନ ଥିଲେ । କାର୍ଯ୍ୟକ୍ରମ ର ପ୍ରାରମ୍ଭରେ ସନ୍ତୋଷ ନେତମ୍ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ଜିଲ୍ଲା ସଂଯୋଜକ ପ୍ରକାଶ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଶ୍ରୀଯୁକ୍ତ ନାଗ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ଗାୟତ୍ରୀ ମହାମନ୍ତ୍ର ଦ୍ୱାରା ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

## ନିଜ ନାବାଳିକା ଝିଅକୁ ଦୁଷ୍କର୍ମ ମାଆର ଥାନାରେ ଅଭିଯୋଗ

**ବୈଶିଙ୍ଗା,୧୪।୧୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ହରିପୁର (ଅଁଳା)ଗ୍ରାମର ଜନୈକା ନାବାଳିକା କୁ ଗତ ପ୍ରଥମାଷ୍ଟମୀ ସନ୍ଧ୍ୟାରେ ସେହି ଗ୍ରାମର ଜନୈକ ଯୁବକ ଦୁଷ୍କର୍ମ କରିଥିବା ନେଇ ନାବାଳିକା ର ମାଆ ସୁଜାତା ବେହେରା ଆଜି ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ ଏତଲା ଦାଏର କରିଥିବା ଜଣାଯାଇଛି। ଅଭିଯୋଗ ମୁତାବକ ହରିପୁର ଗ୍ରାମର ରାଜେଶ ବେହେରା ଙ୍କ ୧୩ ବର୍ଷର ନାବାଳିକା ଝିଅଟି ପ୍ରଥମାଷ୍ଟମୀ ସନ୍ଧ୍ୟାରେ ନିଜ ସାଙ୍ଗ ଘରୁ ଫେରୁଥିବାବେଳେ ଗ୍ରାମ ମଝିରେ ଥିବା ସୋଲାର ପାଣି ପମ୍ପ ଟ୍ୟାପ୍ ରୁ ପାଣି ପିଉଥିବା ବେଳେ ନିକଟସ୍ଥ ଜରକା ସାହିର ଟେମ୍ପା ମାଝୀ ଛୁରୀ ଦେଖାଇ ନିଛାଟିଆ ସ୍ଥାନକୁ ନେଇ ଜବରଦସ୍ତ ଦୁଷ୍କର୍ମ କରିଥିଲା।ଝିଅ ଟି ସାଙ୍ଗ ଘରୁ ଫେରିବାର ବିଳମ୍ବ ହେବାରୁ ବାପା ଓ ମାଆ ଖୋଜା ଖୋଜି କରୁଥିବା ବେଳେ ଝିଅଟି କାନ୍ଦି କାନ୍ଦି ଘରକୁ ଆସି ସବୁ ଘଟଣା ମାଆ ସୁଜାତା ଆଗରେ ସବୁ ବଖାଣିଥିଲା। ଏଥି ପାଇଁ ଗୁରୁବାର ଗ୍ରାମରେ ଏକ ବୈଠକ ବସି ସମାଧାନ କରିବାକୁ ଚେଷ୍ଟା କରା ଯାଇଥିଲେ ମଧ୍ୟ ସମାଧାନ ହୋଇ ପାରି ନଥିଲା। ବାଧ୍ୟ ହୋଇ ନାବାଳିକାର ମାଆ ଶୁକ୍ରବାର ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

### ପ୍ରତ୍ୟେକ ଶିଶୁକୁ ସୁରକ୍ଷିତ ପରିବେଶ ସହ ଉପଯୁକ୍ତ ଶିକ୍ଷା ପ୍ରଦାନ ଜରୁରୀ: ସୋଆ ଉପସଭାପତି

## ସୋଆ ଜାଗୋ କ୍ଲବ୍ ପକ୍ଷରୁ ଶିଶୁଦିବସ ପାଳନ



**ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ):** ଶିଶୁମାନେ ହେଉଛନ୍ତି ରାଷ୍ଟ୍ରର ଭବିଷ୍ୟତ ନାଗରିକ। ତେଣୁ ପ୍ରତ୍ୟେକ ଶିଶୁକୁ ସ୍ନେହ ପ୍ରଦାନ କରିବା ସହ ଏକ ସୁରକ୍ଷିତ ପରିବେଶ ଓ ଉପଯୁକ୍ତ ଶିକ୍ଷା ଗ୍ରହଣ ନିମନ୍ତେ ସମସ୍ତ ସୁଯୋଗ ଦେବା ଆମ ସମସ୍ତଙ୍କର କର୍ତବ୍ୟ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ। ସୋଆ ବିଶ୍ୱବିଦ୍ୟାଳୟର ସାମାଜିକ ଅନୁଷ୍ଠାନ ଜାଗୋ କ୍ଲବ୍ ପକ୍ଷରୁ ଶୁକ୍ରବାର ଶିଶୁଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋଆ ଉପସଭାପତି ଶ୍ରୀମତି ଦାସ କହିଥିଲେ ଯେ, ପ୍ରତ୍ୟେକ ବର୍ଷ ନଭେମ୍ବର ୧୪ ତାରିଖକୁ ସାରା ଦେଶ ଶିଶୁ ଦିବସ ଭାବରେ ପାଳନ କରିଥାଏ। ନଭେମ୍ବର ୧୪ ତାରିଖ ହେଉଛି ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମଦିନ। ପଣ୍ଡିତ ନେହେରୁ ଶିଶୁମାନଙ୍କୁ ଖୁବ୍ ଭଲ ପାଉଥିଲେ ତେଣୁ ତାଙ୍କୁ ପିଲାମାନେ ଚାଚା ନେହେରୁ ବୋଲି ମଧ ସ୍ନେହରେ ଡାକୁଥିଲେ। ଶିଶୁମାନଙ୍କର ଏହି ବିଶେଷ ଦିବସକୁ ପାଳନ କରିବା ନିମନ୍ତେ ଆମେ ସମସ୍ତେ ଏକତ୍ରିତ ହୋଇଛୁ ବୋଲି ଶ୍ରୀମତି ଦାସ କହିଥିଲେ। ଶିଶୁ ଦିବସ ଅବସରରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସାମାଜିକ କ୍ଲବ ଜାଗୋ ସମ୍ପର୍କରେ ଶ୍ରୀମତି ଦାସ ନିଜ ଅଭିଭାଷଣରେ କହିଥିଲେ ଯେ ଏହି ଅନୁଷ୍ଠାନ ଦୀର୍ଘ ୧୮ବର୍ଷ ହେବ ସମାଜର ଅବହେଳିତ ଓ ନିଷ୍ପେସିତ ବର୍ଗର ଶିଶୁମାନଙ୍କର ପୋଷଣ, ଶିକ୍ଷା ଓ କଳାତ୍ମକ ଅଭିବୃଦ୍ଧି କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। ସୋଆର ଛାତ୍ରଛାତ୍ରୀ ସେମାନଙ୍କ ମୂଲ୍ୟବାନ ସମୟକୁ ଏହି ଶିଶୁମାନଙ୍କ ଶିକ୍ଷା ଓ ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସ୍ୱେଚ୍ଛାକୃତ ଭାବେ ସହଯୋଗର ହାତ ବଢ଼ାଇଛନ୍ତି। ଏଥି ନିମନ୍ତେ ଜାଗୋ ସହ ଜଡ଼ିତ ସୋଆର ସମସ୍ତ ଛାତ୍ରଛାତ୍ରୀ ଭବିଷ୍ୟତରେ ସୁନାଗରିକ ଭାବରେ ନିଜକୁ ପ୍ରତିପାଦିତ କରିପାରନ୍ତୁ ଏହା ହିଁ ମୋର ଆଶା ଓ ବିଶ୍ୱାସ ବୋଲି ସେ କହିଥିଲେ।

## ନିଖିଳ ଭାରତ ସମବାୟ ସପ୍ତାହ ପାଳନ



**ସୁନ୍ଦରଗଡ଼,୧୪।୧୧ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ହୋଇ ଯାଇଛି। ବ୍ୟାଙ୍କର ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ପତାକା ଉତ୍ତୋଳନ କରିଥିଲେ। ସେ ତାଙ୍କ ଭାଷଣରେ କୃଷିହୀନ ଚାଷୀମାଙ୍କ ପାଇଁ ବଳରାମ ଦ୍ୱାରା ଋଣ ସୁବିଧା, ତଳ ସ୍ତରରେ ଥିବା ସମସ୍ତ ସୋସାଇଟି ମାନଙ୍କ ଭଲମନ୍ଦ ବୁଝିବା ଓ ଉପଯୁକ୍ତ ଦିଗଦର୍ଶନ କରିବା। ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଉପ ସଭାପତି, ଉପନିବନ୍ଧକ, ସହକାରୀ ନିବନ୍ଧକ, ସହକାରୀ ସମୀକ୍ଷକ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଡ଼ି. ଟି. ସି. ସଭାପତି, ଉପସଭାପତି, ସମବାୟ ୟୁନିଅନ ସୁନ୍ଦରଗଡ଼ ଉପସ୍ଥିତ ରହି ନିଜ ନିଜ ସମବାୟର ଭୂମିକା ଓ ଉନ୍ନତି ଉପରେ ମତ ପୋଷଣ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଡିଭିଜନ, ସୁନ୍ଦରଗଡ଼ ସର୍କଲ, ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ଏମ୍‌କେଏସ୍‌ପି ତରଫରୁ ଦୁଇଦିନିଆ ଶିଶୁ କ୍ରୀଡ଼ା ଉତ୍ସବ



**ଫୁଲବାଣୀ,୧୪।୧୧ (ସଂଚାର ବ୍ୟୁରୋ):** ଫୁଲବାଣୀର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଏମ୍ କେ ଏସ୍ ପି ତରଫରୁ ୩୭ ତମ ଶିଶୁ କ୍ରୀଡା ଉତ୍ସବ ଶିଶୁ ଦିବସ ଅବସରରେ ମହା ସମାରୋହରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଫୁଲବାଣୀ ସହରର ପ୍ରାୟ ୧୪ ଟି ବିଦ୍ୟାଳୟର ୪୪୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ପ୍ରାୟ ୩୦ଟି ବିଭାଗରେ ଭାଗ ନେଇଥିଲେ। ଉଦ୍ଘାଟନ ଉତ୍ସବରେ ଅନୁଷ୍ଠାନର ସଭାପତି ବିଜୟକୃଷ୍ଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର୍ ନାୟକ , କ୍ରୀଡା ବିଭାଗ ସଂପାଦକ ଶିବପ୍ରସାଦ ତ୍ରିପାଠୀ ଓ ପ୍ରେସ୍ କ୍ଲବ୍ ସଭାପତି ସୁନୀଲ ପଟ୍ଟନାୟକ ଅତିଥି ରୂପେ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦର ଭୂମିକାର ଉଚ୍ଚ ପ୍ରଶଂସା କରିଥିଲେ। କ୍ରୀଡା ବିଶେଷଜ୍ଞ ଗୌର ମହାନ୍ତି, ଦିଲ୍ଲୀପ ବାଘ , ବିପିନ୍ ପଟ୍ଟନାୟକ ପ୍ରମୁଖଙ୍କ ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେପରି ଶିଶୁ ଦିବସରେ ଅତିଥି ରୂପେ ଯୋଗଦେଇ ଫୁଲବାଣୀ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ବାଲିଗୁଡା ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ସହରାଞ୍ଚଳ ବିକାଶ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର୍ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଯୋଗଦେଇ କୃତି କ୍ରୀଡାବିତ୍ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପଦେଷ୍ଟା ବିଜୟ ମହାନ୍ତି, ପ୍ରତାପ ପାତ୍ର, ଶରତ ମହାନ୍ତିଙ୍କ ସହ ସଚ୍ଚିଦାନନ୍ଦ ମହାପାତ୍ର ଏବଂ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଉଦୟନାଥ ବେହେରା ସ୍ମାରକୀ ବିଜ୍ଞାନ ମେଳା



**ରାଜକନିକା,୧୪।୧୧(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ଅକ୍ସଫୋର୍ଡ ଇଂରାଜୀ ମିଡିୟମ ସ୍କୁଲ ପରିସରରେ ଆଜି ତୃତୀୟ ବର୍ଷର ପ୍ରାକ୍ତନ ଶିକ୍ଷାବିତ୍ ଉଦୟନାଥ ବେହେରା ସ୍ମାରକୀ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କନିକା ତହସିଲଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନେ ବିଜ୍ଞାନ ପ୍ରତି ଆଗ୍ରହ ହେବାର ଏହି ବିଜ୍ଞାନ ମେଳା ବେଶ୍ ସହାୟକ ହେବ ବୋଲି କହିବା ସହ କୁନି କୁନି ପିଲାଙ୍କ ଦ୍ୱାରା ବିଭିନ୍ନ ପ୍ରୋଜେକ୍ଟ ବୁଲି ଦେଖିଥିଲେ। ଏହି ବିଜ୍ଞାନ ମେଳାରେ ୫୦ ଟି ଷ୍ଟଲ ଲାଗିଥିବା ବେଳେ ୮୨ଜଣ ଛାତ୍ରଛାତ୍ରି ଯୋଗଦେଇ ନିଜ ନିଜର ପ୍ରୋଜେକ୍ଟ ପ୍ରଦର୍ଶିତ କରାଇ ଥିଲେ। କୁନି ପିଲା ଙ୍କ ହାତରେ ତିଆରି ବିଭିନ୍ନ ପ୍ରୋଜେକ୍ଟ କୁ ବହୁ ଶିକ୍ଷକ,ଅଧ୍ୟାପକ ସହ ବୁଦ୍ଧିଜିବୀ ଦେଖିବା ସହ ବିମୋହିତ ହୋଇଥିଲେ।ପ୍ରତିଯୋଗୀତାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କ ପ୍ରୋଜେକ୍ଟକୁ ପରଖିବାକୁ ସ୍ଥାନୀୟ ଏସ୍ ଏନ୍ କଲେଜର ଦୁଇ ଅଧ୍ୟାପକ ଅମିତାଭ କରଣ ଓ ଜଏନୁଲ୍ ଆବେଦିନ୍ ଖାନ୍ ଜଜ୍ ଭାବେ ଉପସ୍ଥିତ ରହିଥିଲେ।ଶେଷରେ ଅତିଥିଙ୍କ ପକ୍ଷରୁ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର କରା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ମୁଖ୍ୟ ମିସ୍ ଡଲି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିଜ୍ଞାନ ମେଳାରେ ପରିଚାଳନାରେ ସହଯୋଗ କରୁଥିଲେ ରଶ୍ମୀକାନ୍ତ ବିଶ୍ୱାଳ, ସୁବ୍ରତ ନାୟକ,ମୀନତି ବାଈ,ଶରତ ଜେନାଙ୍କ ସହ ବିଦ୍ୟାଳୟ ର ସମସ୍ତ କର୍ମକର୍ତ୍ତା।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଘାଟିତ




**ସାଲେପୁର,୧୪।୧୧(ସଂଚାର ବ୍ୟୁରୋ):** ଶିଶୁ ଦିବସ ଅବସରରେ ସାଲେପୁର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସାଲେପୁର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିଶୁ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିଭଳି ପବିତ୍ର ଦିନରେ ମୁଁ ସେହି ମହାନ୍ ବ୍ୟକ୍ତି ସ୍ୱର୍ଗତ କାଳନ୍ଦୀ ବେହେରାଙ୍କୁ ପ୍ରଣାମ ଜଣାଉଛି। ଯାହାଙ୍କ ପ୍ରଚେଷ୍ଟା ଓ ଇଚ୍ଛାଶକ୍ତି ଆଜି ସଫଳ ରୂପାୟନ ହୋଇ ଏହି ଶିଶୁ ମହୋତ୍ସବ ଅନୁଷ୍ଠିତ ହେଉଅଛି ବୋଲି ପ୍ରକାଶ କରିବା ସହ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବିଡ଼ିଓ ଲୋପାମୁଦ୍ରା ନାୟକ, ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମୀହୀରା ଲାବଣ୍ୟବତୀ ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରଞ୍ଜନ କୁମାର ସାମଲ, ଫିରୋଜ ଅହମ୍ମଦ ଖାନ୍, ଶିକ୍ଷାବିତ୍ ଜଗବନ୍ଧୁ ଶତପଥୀ ଯୋଗଦେଇଥିଲେ। ୨ଦିନ ଧରି ଅନୁଷ୍ଠିତ ଏହି ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ବକ୍ତୃତା, କୁଇଜ୍, ଦଳଗତ ନୃତ୍ୟ, ସଙ୍ଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗନେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ରଜନୀକାନ୍ତ ଦାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଶିକ୍ଷକ ସଂଘ ସଭାପତି ଜାକି ଅମିନ୍ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିବାବେଳେ ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

## ଜେନିଥ ସ୍କୁଲରେ ଶିଶୁ ଦିବସରେ ଶୈକ୍ଷିକ ପ୍ରକଳ୍ପ ପ୍ରଦର୍ଶନୀ



**କେନ୍ଦ୍ରାପଡ଼ା,୧୪।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିର- ଅଙ୍ଗୁଳାଇ ରୋଡ଼ ନିକଟସ୍ଥ ଜେନିଥ ଇଣ୍ଟରନାସନାଲ ସ୍କୁଲରେ ଶୁକ୍ରବାର ଶିଶୁଦିବସ ପାଳନ ଏବଂ ଶୈକ୍ଷିକ ପ୍ରକଳ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ କମିଟି ଚେୟାରମ୍ୟାନ ଇଂ ଚିତ୍ତରଞ୍ଜନ ରଥ, ଅବସରପ୍ରାପ୍ତ ଶିକ୍ଷକ ଦୈତାରୀ ପାତ୍ର, କୈଳାସ ଚନ୍ଦ୍ର ସ୍ୱାଇଁ, ପରମାନନ୍ଦ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲର ଅଧକ୍ଷ ଡା. ଚନ୍ଦ୍ରକାନ୍ତ ନାୟକ ସଭାପତିତ୍ୱ କରିଥିଲେ। ମାର୍ଶାଘାଇ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା, ଅବସର ପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଇଁ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡ଼ିକ ନିରୀକ୍ଷଣ କରି ମୂଲ୍ୟାଙ୍କନ କରିଥିଲେ। ଶିକ୍ଷକ ରାକେଶ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ପାତ୍ର, ସାଜେଦା ତବସୁମ, ଶାଶ୍ୱତୀ ସୁଚରିତା ମହାପାତ୍ର, ଲିପ୍ସା ବେହେରା, ସଂଘମିତ୍ରା ମିଶ୍ର, ଅନୁସୂୟା ରଥ, ବନିତା ପାତ୍ର, ଭବାନୀ ଶଙ୍କର ଜେନା, ଯଯାତି ଷଡ଼ଙ୍ଗୀ, କବିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହାଇସ୍କୁଲରେ ସାଂସଦ ଖେଳ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

**ଡେରାବିଶ,୧୪।୧୧(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ସଭାକକ୍ଷରେ ଆଜି ପାଟକୁରା ନିର୍ବାଚନ ମଣ୍ଡଳୀ ସ୍ତରୀୟ 'ସାଂସଦ ଖେଳ ମହୋତ୍ସବ'ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତି ସଂସଦୀୟ ସ୍ତରରେ ଆୟୋଜିତ ଏହି ମହୋତ୍ସବ ପ୍ରତି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ୍‌ରେ ଅନୁଷ୍ଠିତ ହେଉଥିବା ବେଳେ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ତିନୋଟି, ଗରଦପୁର ବ୍ଲକର ତିନୋଟି ଓ ମାର୍ଶାଘାଇ ବ୍ଲକର ୧ଟି ଜୋନ୍‌ରେ ଆସନ୍ତା ୧୮ ତାରିଖ ଠାରୁ ଆୟୋଜିତ ହେଉଅଛି। ଡେରାବିଶ ବ୍ଲକରେ ୩ଟି ଜୋନ୍‌ରେ ଆୟୋଜିତ ହେବାକୁଥିବା କ୍ରୀଡ଼ା ଉତ୍ସବ ନିମନ୍ତେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଡେଣାବିଶ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେପି ନେତା ତଥା ବିଜେପିର ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା ଅତିଥି ଭାବରେ ଯୋଗଦେଇ ଜାତୀୟ ସ୍ତରରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବ ଜିଲ୍ଲା ପରିଷଦ ଜୋନ୍‌ରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଓ ପରେ ସଂସଦୀୟ କ୍ଷେତ୍ରରେ ଆୟୋଜିତ କରାଇ ପ୍ରତିଭାବାନ୍ ଯୁବ କ୍ରୀଡ଼ାବିତ୍ ପ୍ରସ୍ତୁତି କରାଯାଇ ବିଶ୍ୱସ୍ତରରେ ଖେଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଏକ ସ୍ୱତନ୍ତ୍ର ପ୍ରୟାସ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟତମ ଅତିଥି ଭାବରେ ବିଜେପି ନେତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା ଯୋଗଦେଇଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।